

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.
Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
BHUBANESWAR | ♦VOLUME- 43 ♦ISSUE-105 ♦SATURDAY ♦11 OCTOBER 2025 ♦PAGE-12 ♦₹ 6.00
♦ବର୍ଷ-୪୩ ♦ସଂଖ୍ୟା-୧୦୫ ♦ଶନିବାର ♦୧୧ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ମାରିଆ ମାଚାଡ଼ୋଙ୍କୁ 'ନୋବେଲ ଶାନ୍ତି'



**ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ୨୦ ବର୍ଷଧରି ପ୍ରଚେଷ୍ଟାରତ**

**ଟ୍ରମ୍ପ ନିରାଶ**

■ **ଷ୍ଟକହୋମ୍, ୧୦।୧୦ (ଏଜେନ୍ସି):** ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ନିଜ ସପକ୍ଷରେ ବିଶ୍ୱବ୍ୟାପୀ ସମର୍ଥନ ଜୁଟାଇବାର ବହୁ ପ୍ରୟାସ ଓ ପ୍ରଚାର ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିରାଶ ହେବାକୁ ପଡ଼ିଛି। ଲାଟିନ ଆମେରିକୀୟ ଦେଶ ଭେନେଜୁଏଲାର ଆଇରନ ଲେଡି ଭାବେ ପରିଚିତ ୫୮ ବର୍ଷୀୟା ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବିରୋଧୀ ଦଳ ନେତ୍ରୀ ମାରିଆଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଏବେ ଅଜ୍ଞାତବାସରେ ଅଛନ୍ତି। ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଦୀର୍ଘ ▶ପୃଷ୍ଠା-୧୦

## ପୁଲିସ ଚାକିରି ବେପାର


## ପୂର୍ବତନ ଜେଲ୍ ଡିଆଇଜି କ୍ରାଇମବ୍ରାଞ୍ଚ୍‌ରେ ହାଜର

**ଟଙ୍କା ଜମା କରିଥିବା ୨୦ ଜଣଙ୍କୁ ନୋଟିସ୍; ୫ ପୁଲିସ ଅଧିକାରୀଙ୍କୁ ମାଫ୍**

**ମୁନ୍ନା ସହ ଯୋଗାଯୋଗରେ ନୟାଗଡ଼ର ଶ୍ରୀକାନ୍ତ**

■ **ଭୁବନେଶ୍ୱର, ୧୦।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ଓଡ଼ିଶା ସୀମା ଡେଇଁ ଜାତୀୟସ୍ତରରେ ପହଞ୍ଚିଛି। ଯୋଜନାବଦ୍ଧ ଭାବରେ ହୋଇଥିବା ଏହି ଚାକିରି ବିକ୍ରି ଷଡ଼ଯନ୍ତ୍ର ମଧ୍ୟପ୍ରଦେଶର କୁଖ୍ୟାତ ବ୍ୟାପମ୍ ସ୍କାମକୁ ବି ଟପି ଯାଇଥିବା କୁହାଯାଉଛି। ଏହି କ୍ରମରେ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଜି ପୂର୍ବତନ ଜେଲ ଡିଆଇଜି କୁଳମଣି ବେହେରାଙ୍କୁ ଆଜି ପଚାରାଉଚରା କରିଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଏହି ଘଟଣା ସମ୍ପର୍କରେ ଶ୍ରୀ ବେହେରାଙ୍କୁ ପ୍ରାୟ ୪୫ ମିନିଟ ଧରି ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା କରିଛନ୍ତି। କ୍ରାଇମବ୍ରାଞ୍ଚର ଜଣେ ଡିଆଇଜି ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ୪ଜଣିଆ ଦଳ ପୂର୍ବତନ ଜେଲ୍ ଡିଆଇଜିଙ୍କୁ ଓ ପରେ ବଣିକ କୋଚିଂ ସେଣ୍ଟରର ଅଧିକାରୀଙ୍କୁ ଦିନ ସାଢ଼େ ୧୧ଟାରୁ ଅଢ଼େଇଟା ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଜେରା କରିଛନ୍ତି। ଗତ ୩୦ ତାରିଖରେ ଶ୍ରୀକାକୁଳମ୍‌ରୁ ଗିରଫ ହୋଇଥିବା ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଶ୍ରୀ ବେହେରାଙ୍କ ପୁଅ ଅମୀର ବେହେରା ଅଛନ୍ତି। ତେଣୁ ସେ ମଧ୍ୟ ଚାକିରି ପାଇଁ ଟଙ୍କା ଦେଇଥିବା ଚର୍ଚ୍ଚା ହେଉଛି। ପୁଲିସ ଚାକିରି ପାଇଁ ଜଣ ପିଛା ୨୫ରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ▶ପୃଷ୍ଠା-୧୦

## ଦିଲ୍ଲୀରୁ ଫେରିଲେ ନବୀନ



**ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ନାମ ଘୋଷଣା**

■ **ଭୁବନେଶ୍ୱର, ୧୦।୧୦ (ସମିସ):** ଶୁକ୍ରବାର ଅପରାହ୍ନରେ ଦିଲ୍ଲୀରୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗତମାସରେ ନବୀନ ବ୍ୟକ୍ତିଗତ କାର୍ଯ୍ୟବଶତଃ ନୂଆଦିଲ୍ଲୀ ଯାଇଥିଲେ ଓ ନିଜ ବାସଭବନରେ ଅବସ୍ଥାନ କରୁଥିଲେ। ଏହି ସମୟରେ ସେ ନିଜ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କୁ ମଧ୍ୟ ଭେଟିଥିଲେ। ଦିଲ୍ଲୀରେ ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ୱାଇଲ୍ଡଲାଇଫ୍ ଫଟୋ ପ୍ରଦର୍ଶନୀ ସହ ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୟେଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀରେ ମଧ୍ୟ ନବୀନଙ୍କୁ ଦେଖିବାକୁ ମିଳିଥିଲା। ଏହା ସତ୍ତ୍ୱେ ନବୀନ ଓଡ଼ିଶାରେ ଘଟୁଥିବା ଘଟଣାକ୍ରମ ଉପରେ ତୀକ୍ଷ୍ଣ ▶ପୃଷ୍ଠା-୧୦



with you hamesha 1800-209-6006
xmart SMART BUY. SMART EXCHANGE.
UDAY
ଦଶ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା
ପ୍ରଦର୍ଶିତ ସହ-ଉପକରଣସବୁ ମାନକ ଉପକରଣର ଭାଗ ନୁହେଁ।
*GST ମୂଲ୍ୟ ହ୍ରାସ ଯୋଗୁଁ ନୂଆ ମୂଲ୍ୟ ୨୨ ସେପ୍ଟେମ୍ବର ୨୦୨୫ ରୁ ଲାଗୁ। *ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।
UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, NAYAGARH: 9873942631 | ADITYA MOTORS: CUTTACK, JAGATSINGHPUR, KENDRAPARA: 7873999023, JAJPUR, PANIKOILI: 7873999040

## ନାଟୋରୁ ସ୍ପେନ୍‌କୁ ବିଦା କରିବାକୁ କହିଲେ ଟ୍ରମ୍ପ



ନ୍ୟୁୟର୍କ, ୧୦।୧୦ (ଏଜେନ୍ସି): ସାମରିକ ମେଣ୍ଟ ନାଟୋରୁ ସ୍ପେନ ଭଳି ୟୁରୋପୀୟ ଦେଶକୁ ବାଦ ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଯଦି ସ୍ପେନ୍ ନିଜର ପ୍ରତିରକ୍ଷା ବ୍ୟୟ ଅର୍ଥାତ ଡିଫେନ୍ସ ବଜେଟ୍ ବୃଦ୍ଧି ନକରେ ତେବେ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍ସଙ୍କ ସହ ଏକ ବୈଠକ ପରେ ଟ୍ରମ୍ପ ସାମ୍ବାଦିକମାନଙ୍କୁ ଏହି କଥା କହିଛନ୍ତି। ପୂର୍ବରୁ ଜୁନ୍‌ରେ ଟ୍ରମ୍ପ ଏ ସଂକ୍ରାନ୍ତରେ ସ୍ପେନ୍‌କୁ ଧମକ ମଧ୍ୟ ଦେଇଥିଲେ। ଗତ କିଛି ମାସ ହେବ ଟ୍ରମ୍ପ ନାଟୋରେ ସାମିଲ ଥିବା ଦେଶଗୁଡିକୁ ନିଜ ପ୍ରତିରକ୍ଷା ବ୍ୟୟ ବଢ଼ାଇବାକୁ କ୍ରମାଗତ ଭାବେ ଚାପ ପକାଇ ଆସୁଛନ୍ତି। ନାଟୋ ଶିଖର ସମ୍ମିଳନୀରେ ଟ୍ରମ୍ପ ସବୁ ଦେଶକୁ ଡିଫେନ୍ସ ବଜେଟକୁ ଜିଡିପିର ୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ କହିଥିଲେ। କିନ୍ତୁ ସେତେବେଳେ ସ୍ପେନ ଏହାକୁ ଖାରଜ କରିଥିଲା। ଡିଫେନ୍ସ ବଜେଟ ବୃଦ୍ଧି କଲେ ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ନକରାତ୍ମକ ଭାବେ ପ୍ରଭାବିତ ହେବ। ଏଥିରେ ଖର୍ଚ୍ଚ କାଟ କରିବାକୁ ହେବ ଓ ଆଦୌ ଠିକ୍ ନୁହଁ ବୋଲି ସ୍ପେନ ପ୍ରଧାନମନ୍ତ୍ରୀ ପଡ୍ରୋ ସାଞ୍ଚେଜ ଯୁକ୍ତି ବାଢ଼ିଛନ୍ତି। କିନ୍ତୁ ନାଟୋ ପ୍ରତି ସ୍ପେନ ସମର୍ପିତ ରହିଛି ଓ ଆମେରିକା ଭଳି ନିଜ ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି।

## ଫିଲିପାଇନ୍ସରେ ଭୂକମ୍ପ; ୬ ମୃତ

ମାନିଲା, ୧୦।୧୦ (ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ତଥା ଦକ୍ଷିଣପୂର୍ବ ଏସୀୟ ଦେଶ ଫିଲିପାଇନ୍ସରେ ଶୁକ୍ରବାର ସକାଳେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହି ଭୂକମ୍ପର ତ୍ରୀବ୍ରତା ରିକ୍ଟର ସ୍କେଲରେ ୭.୬ ଥିଲା। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି କାରଣରୁ ସୁନାମୀ ସତର୍କତା ଜାରି କରାଯାଇଥିଲା। କିନ୍ତୁ ପରେ ସୁନାମୀ ସତର୍କତାକୁ କାଢ଼ି ନିଆଯାଇଛି। ସ୍ଥିତି ଏବେ ସାମାନ୍ୟ ଅଛି ବୋଲି ପ୍ୟାସିଫିକ ସୁନାମୀ ୱାର୍ଣ୍ଣିଂ ସେଣ୍ଟର ତରଫରୁ କୁହାଯାଇଛି। ଏବେ ଆହୁରି କେତୋଟି ଭୂକମ୍ପର ଝଟ୍‌କା ଅର୍ଥାତ ଆଫଟର ସକ୍ ଅନୁଭୂତ ହେବ ବୋଲି ଫିଲିପାଇନ୍ସ ଆର୍ଥକୁଏକ୍ ଏଜେନ୍ସି କହିଛି। ଭୂକମ୍ପର ଅଧଘଣ୍ଟା ମଧ୍ୟରେ ୫.୯ ଓ ୫.୬ ତୀବ୍ରତାର କେତୋଟି ଝଟ୍‌କା ଅନୁଭୂତ ହୋଇଥିଲା। ଏକ ଭୟଙ୍କର ସୁନାମୀ ଆସିବ ବୋଲି ଏହି ଏଜେନ୍ସି ପୂର୍ବରୁ ସତର୍କତା ଜାରି କରିଥିଲା। କେନ୍ଦ୍ର ଓ ଦକ୍ଷିଣ ଫିଲିପାଇନ୍ସର ଉପକୂଳବର୍ତ୍ତୀ ସହରଗୁଡିକରେ ଲୋକଙ୍କୁ ଉଚ୍ଚ ସ୍ଥାନକୁ ଯିବା ପାଇଁ କୁହାଯାଇଥିଲା। ଏପର୍ଯ୍ୟନ୍ତ ସେଭଳି କୌଣସ ବଡ଼ ଧରଣର କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ।

## ଜୁବିନଙ୍କ ଦୁଇ ସୁରକ୍ଷା ଅଧିକାରୀ ଗିରଫ

ଗୌହାଟୀ, ୧୦।୧୦(ଏଜେନ୍ସି): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ସ୍ପେଶାଲ ଇନ୍‌ଭେଷ୍ଟିଗେସନ ଟିମ (ଏସ୍‌ଆଇଟି) ଜୁବିନ୍‌ଙ୍କ ସନ୍ଦିଗ୍ଧ ମୃତ୍ୟୁ ମାମଲାରେ ତାଙ୍କର ଦୁଇଜଣ ସୁରକ୍ଷା ଅଧିକାରୀ ବା ପର୍ସନାଲ ସିକ୍ୟୁରିଟି ଅଫିସର (ପିଏସ୍‌ଓ)ଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଏହି ଦୁଇ ପିଏସ୍‌ଓ ହେଲେ ନନ୍ଦେଶ୍ୱର ବୋରା ଓ ପରେଶ ବୈଶ୍ୟ। ଏହି ଦୁଇଜଣ ଜୁବିନଙ୍କ ସୁରକ୍ଷା ଅଧିକାରୀ ଭାବେ ଦୀର୍ଘଦିନ ଧରି ଦାୟିତ୍ୱରେ ରହିଆସୁଥିଲେ। ଗତ ୪ରୁ ୫ ବର୍ଷ ମଧ୍ୟରେ ଏହି ଦୁଇଜଣଙ୍କ ବ୍ୟାଙ୍କ ଖାତାରେ ଏକକୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ହୋଇଛି। ଏଥିପାଇଁ ପୁଲିସ ଏମାନଙ୍କୁ ଗିରଫ କରିଛି ବୋଲି କହିଛି। ନନ୍ଦେଶ୍ୱରଙ୍କ ବ୍ୟାଙ୍କ ଖାତାକୁ ୭୦ ଓ ପରେଶଙ୍କ ଖାତାକୁ ୪୦ ଲକ୍ଷ ଟଙ୍କା ଆସିଥିଲା। ଫଳରେ ଦୁଇ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ଜୁବିନଙ୍କ ମୃତ୍ୟୁ ମାମଲାରେ ଗିରଫ ସଂଖ୍ୟା ଏବେ ୭ରେ ପହଞ୍ଚିଛି। ଏଥିରେ ଜୁବିନଙ୍କ ସମ୍ପର୍କୀୟ ଭାଇ ତଥା ଡିଏସ୍‌ପି ସନ୍ଦୀପନ ଗର୍ଗ, ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ସହ ଗାୟିକା ଅମୃତପ୍ରଭା ମହନ୍ତ, ନର୍ଥ ଇଷ୍ଟ ଭେଷ୍ଟିଭାଲ ଆୟୋଜକ ଶ୍ୟାମକାନୁ ମହନ୍ତ, ବ୍ୟାଣ୍ଡ ଡ୍ରମ ମାଷ୍ଟର ଶେଖର ଜ୍ୟୋତି ଗୋସ୍ୱାମୀ ସାମିଲ ଅଛନ୍ତି।

## ନିର୍ବାଚନ ପୂର୍ବରୁ ଜେଡିୟୁକୁ ଝଟ୍‌କା

ପାଟନା, ୧୦।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁକୁ ବଡ଼ ଝଟ୍‌କା ଲାଗିଛି। ପୂର୍ବତନ ସାଂସଦ, ବିଧାୟକଙ୍କ ସମେତ ଅନେକ ପ୍ରମୁଖ ନେତା ଶୁକ୍ରବାର ଆରଜେଡିରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଙ୍କା ସାଂସଦ ଗିରିଧାରୀ ଯାଦବଙ୍କ ପୁଅ, ପୂର୍ବତନ ସାଂସଦ ଜଗଦୀଶ ଶର୍ମାଙ୍କ ପୁଅ ରାହୁଲ ଶର୍ମା ଏବଂ ପୂର୍ବତନ ସାଂସଦ ସନ୍ତୋଷ କୁଶ୍ୱାହ ସାମିଲ ଅଛନ୍ତି।

## କରୁର ଦଳାଚକଟା: ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ



ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): କରୁର ଦଳାଚକଟା ମାମଲାରେ ସୁପ୍ରିମକୋର୍ଟ ସିବିଆଇ ଯାଞ୍ଚ କରିବା ଓ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ଏସ୍‌ଆଇଟି ଗଠନ ଆଦେଶକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ରାୟକୁ ସୁରକ୍ଷିତ ରଖିଛନ୍ତି। ତାମିଲ ଅଭିନେତା ବିଜୟଙ୍କ ନବଗଠିତ ପାର୍ଟି ଟିଭିକେ ଓ ବିଜେପି ନେତା ଉମା ଆନନ୍ଦନ ଏହି ଅବେଦନ ଦାଖଲ କରିଥିଲେ। ଟିଭିକେ ତରଫରୁ ଆଡଭୋକେଟ ଗୋପାଳ ସୁବ୍ରମନିୟମ ଓ ସିଏ ସୁନ୍ଦରନ ତର୍କ ଉପସ୍ଥାପନ କରିଥିଲେ। ସେପଟେ ତାମିଲନାଡୁ ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଙ୍ଘଭି ସିବିଆଇ ଯାଞ୍ଚର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏହି ଦଳାଚକଟା ଘଟଣାରେ ପୁଲିସର ବିଫଳତା ସାବ୍ୟସ୍ତ ହୋଇନାହିଁ ବୋଲି ସେ ତର୍କ ଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭର୍ତ୍ସନା କରିଛନ୍ତି। ସକାଳୁ ଭିଡ଼ ହୋଇଥିବାରୁ ଏହି ଦଳାଚକଟା ହୋଇଥିଲା ବୋଲି କୁହାଯାଇଥିଲା। କିନ୍ତୁ ବିଜୟ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୭ ରେ ହୋଇଥିବା ଏହି ଦଳାଚକଟାରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ଜଣ ଆହତ ହୋଇଥିଲେ। ଅକ୍ଟୋବର ୪ରେ ବିଜୟଙ୍କ ପାର୍ଟି ଉତ୍ତରଦାୟିତ୍ୱରୁ ବର୍ତ୍ତି ପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ବିଜୟଙ୍କ ପାର୍ଟି ଏସ୍‌ଆଇଟି ଗଠନକୁ ବିରୋଧ କରିଥିଲା।

## ଜାମ୍ମୁ- କଶ୍ମୀରକୁ ରାଜ୍ୟ ମାନ୍ୟତା: କେନ୍ଦ୍ରକୁ ଜବାବ ତଲବ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୁଣି ଥରେ ରାଜ୍ୟ ମାନ୍ୟତା ଦେବା ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ତେବେ ଏ ନେଇ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ମଧ୍ୟରେ କଥାବାର୍ତ୍ତା ଚାଲିଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ଶୁଣାଣି ବେଳେ କହିଥିଲେ। ଜମ୍ମୁ-କଶ୍ମୀରରେ ବିକାଶ ତ୍ୱରାନ୍ୱିତ ହୋଇଛି ଓ ୯୯.୯ ପ୍ରତିଶତ ଲୋକ ସରକାରଙ୍କ ସହ ରହିଛନ୍ତି। କିନ୍ତୁ କିଛି ଲୋକ ମିଛ ଖବର ପ୍ରଚାର କରୁଛନ୍ତି ଓ ଲୋକଙ୍କୁ ଭ୍ରମିତ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ଅଗଷ୍ଟ ୧୪ରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ୮ ସପ୍ତାହ ମଧ୍ୟରେ ଏହି ମାମଲାରେ ଲିଖିତ ଜବାବ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ତଳେ ୨୦୧୯ ଅଗଷ୍ଟ ୫ରେ ୩୭୦ ଧାରା ହଟାଇବା ପରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ର ଶାସିତ ପ୍ରଦେଶର ମାନ୍ୟତା ଦେଇଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିକୋର୍ଟରେ ଆବେଦନ ହୋଇଥିଲା।

## ବିଷାକ୍ତ କଫ୍ ସିରପ୍ ମାମଲା: ରଙ୍ଗନାଥନ୍‌ଙ୍କୁ କୋର୍ଟରେ ଆକ୍ରମଣ

ଭୋପାଳ, ୧୦।୧୦(ଏଜେନ୍ସି): ବିଶାକ୍ତ କଫ୍ ସିରପ୍ ସେବନ ଯୋଗୁଁ ଶିଶୁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଶ୍ରୀସାନ ଫାର୍ମାସିଟିକାଲ କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କ ଉପରେ ପରାସିଆ କୋର୍ଟରେ ଆକ୍ରମଣ ହୋଇଛି। ଓକିଲଙ୍କ ସମେତ ସେଠାରେ ଏକାଠି ହୋଇଥିବା ଲୋକ ତାଙ୍କୁ ଫାସୀ ଦେବାକୁ ଦାବି କରିଛନ୍ତି। ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ରଙ୍ଗନାଥନଙ୍କୁ ଶୁକ୍ରବାର ଅପରାହ୍ଣ ୧୧ଟାରେ ପରାସିଆ କୋର୍ଟରେ ହାଜର କରିଥିଲା। ଶ୍ରୀସାନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଶାକ୍ତ କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ୨୫ ଜଣ ପିଲା ମୃତ୍ୟୁବରଣ କରିଥିଲେ। ସେପଟେ ଏହି ମାମଲାରେ ସିବିଆଇ ଦ୍ୱାରା ଯାଞ୍ଚ ପାଇଁ ହେଉଥିବା ଦାବିକୁ ସୁପ୍ରିମକୋର୍ଟ ପ୍ରତ୍ୟାଖାନ କରିଛନ୍ତି। ରଙ୍ଗନାଥନଙ୍କ ପାଇଁ କୌଣିସି ଓକିଲ କୋର୍ଟରେ ଲଢ଼ିବେ ନାହିଁ ବୋଲି ପରାସିଆ ବାର ଆସୋସିଏସନ ଅଧ୍ୟକ୍ଷ ଶ୍ୟାମ କୁମାର ସାହୁ କହିଛନ୍ତି। ପୁଣି ଯଦି ବାହାରୁ କୌଣସି ଓକିଲ ତାଙ୍କ ପାଇଁ କେସ୍ ଲଢ଼ନ୍ତି, ତାଙ୍କୁ ବିରୋଧ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋର୍ଟ ପରିସରରେ ଲୋକଙ୍କ ଭିଡ଼ ବଢୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ମଧ୍ୟପ୍ରଦେଶ ଓ ତାମିଲନାଡୁ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନ କ୍ରମେ ଶ୍ରୀସାନ ଫାର୍ମା କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ସେପଟେ ତାମିଲନାଡୁରେ ପ୍ରସ୍ତୁତ ହେଉଥିବା କଫ୍ ସିରିପ ତଥା ଔଷଧର ଯାଞ୍ଚକୁ ଅଣଦେଖା କରାଯାଇଛି ବୋଲି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଡ୍ରଗ୍ ଟେଷ୍ଟିଂରେ ସାଂଘାତିକ ଅବହେଳା କରାଯାଇଛି ବୋଲି କୁହାଯାଇଛି।

### ଇସ୍ରାଏଲ- ହମାସ୍ ଅସ୍ତ୍ରବିରତି ପ୍ରକ୍ରିୟା ଆରମ୍ଭ

## ଗାଜାକୁ ଫେରୁଛନ୍ତି ନାଗରିକ

ଗାଜା, ୧୦।୧୦(ଏଜେନ୍ସି): ଦୀର୍ଘ ଦୁଇବର୍ଷ ଧରି ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷ ଶେଷ ହେବାକୁ ଯାଉଛି। ଏବେ ଏହି ସଂଘର୍ଷ ଶାନ୍ତି ରୂପେ ନେବାକୁ ଯାଉଛି। ଇସ୍ରାଏଲ୍ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ପାଲେଷ୍ଟାଇନ୍‌ରୁ ସ୍ଥାନାନ୍ତର ହୋଇଥିବା ହଜାର ହଜାର ନାଗରିକ ଶୁକ୍ରବାର ନିଜ ପରିତ୍ୟକ୍ତ ଘରକୁ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି। ଶୁକ୍ରବାର ଅପରାହ୍ଣ ୨.୩୦ରେ ଅସ୍ତ୍ରବିରତି ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲା। ସେହିପରି ଗାଜାରୁ ଇସ୍ରାଏଲ ତା'ର ସୈନ୍ୟ ଫେରାଇବା ଆରମ୍ଭ କରିଛି। ସେପଟେ ଅସ୍ତ୍ରବିରତି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ସହ ତା'ର ତଦାରଖ ପାଇଁ ଆମେରିକା ତା'ର ୨୦୦ ସୈନ୍ୟ ଗାଜାକୁ ପଠାଇଛି। ତେବେ ଏହି ସୈନ୍ୟ ଗାଜାରେ ପ୍ରବେଶ କରିବେ ନାହିଁ ବୋଲି କୁହାଯାଇଛି।

### ସୈନ୍ୟ ହଟାଇଲା ଇସ୍ରାଏଲ

### ତଦାରଖ ପାଇଁ ୨୦୦ ସୈନ୍ୟ ପଠାଇଲା ଆମେରିକା



ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବା ପରେ ଉଭୟ ଇସ୍ରାଏଲ ଓ ଗାଜାର ନାଗରିକମାନେ ଖୁସିରେ ଆତ୍ମହରା ହୋଇଛନ୍ତି ଓ ଏହି ଅସ୍ତ୍ରବିରତି ପ୍ରକ୍ରିୟାକୁ ସ୍ୱାଗତ କରିଛନ୍ତି। ନୂତନ ନିର୍ଦ୍ଧାରିତ ସ୍ଥାନରେ ସୈନ୍ୟ ନିୟୋଜିତ ହେବା ପରେ ଅସ୍ତ୍ରବିରତି ଲାଗୁ କରାଯିବ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ତରଫରୁ କୁହାଯାଇଥିଲା। ବହୁ ସଂଖ୍ୟାରେ ଗାଜା ନାଗରିକ ଗାଜାର ଉତ୍ତରାଞ୍ଚଳରୁ ଗାଜା ସିଟିଆଡକୁ ଯାତ୍ରା କରିଛନ୍ତି। ଚୁକ୍ତି ଅନୁସାରେ ଅସ୍ତ୍ରବିରତି ଲାଗୁ ହେବାର ୭୨ ଘଣ୍ଟା ମଧ୍ୟରେ ହମାସ ଇସ୍ରାଏଲ ପଣବନ୍ଦୀଙ୍କୁ ଖଲାସ କରିବ। ପ୍ରତିବଦଳରେ ଇସ୍ରାଏଲ ମଧ୍ୟ ଶହଶହ ପାଲେଷ୍ଟାଇନ୍ ବନ୍ଦୀକୁ ମୁକ୍ତ କରିବ। ଇସ୍ରାଏଲର ନେତାନ୍ୟାହୁ ସରକାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସ୍ତ୍ରବିରତି ଓ ପଣବନ୍ଦୀ ମୁକ୍ତ ଚୁକ୍ତିକୁ ସ୍ୱୀକୃତି ଦେବା ପରେ ଶାନ୍ତିର ରାସ୍ତା ଫିଟିଥିଲା। ଗତ ଗୁରୁବାର ଇସ୍ରାଏଲ ଓ ହମାସ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଥିଲେ। ଗତ ଦୁଇବର୍ଷ ଧରି ଚାଲିଥିବା ଏହି ସଂଘର୍ଷରେ ଗାଜାରେ ୬୬, ୦୦୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଅନାହାରରେ ପ୍ରାଣ ହରାଇଥିଲେ। ଗାଜାରେ ଦୁର୍ଭିକ୍ଷ ଭଳି ସ୍ଥିତି ସୃଷ୍ଟି ହୋଇଥିଲା।

ଏବେ ସବୁ ବନ୍ଧକ ଖୁବଶୀଘ୍ର ମୁକ୍ତ ହେବେ ବୋଲି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଇସ୍ରାଏଲ ମଧ୍ୟ ତା'ର ସୈନ୍ୟମାନଙ୍କୁ ଫେରାଇ ନେବ। ଏହା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଆରମ୍ଭ ମାତ୍ର। ଏହି ଶାନ୍ତି ଦୀର୍ଘସ୍ଥାୟୀ ହେବା ସହ ସମଗ୍ର ମଧ୍ୟପ୍ରାଚ୍ୟରେ ପ୍ରାଚୁର୍ଯ୍ୟର ଆଶା ସୃଷ୍ଟି କରିବ। ଶାନ୍ତି ପ୍ରତଷ୍ଠାର ଏହି ପ୍ରକ୍ରିୟାରେ ସବୁ ପକ୍ଷ ପ୍ରତି ନିରପେକ୍ଷତା ଅବଲମ୍ବନ କରାଯାଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ବେଆଇନ ବାଲି ଖନନ ପାଇଁ ପଶ୍ଚିମବଙ୍ଗରେ ୧୯ ଗିରଫ

ପୁରୁଲିଆ, ୧୦।୧୦(ଏଜେନ୍ସି): ପଶ୍ଚିମବଙ୍ଗର ପୁରୁଲିଆରେ ବେଆଇନ ବାଲି ଖନନ ପାଇଁ ବିଜେପୀ ବିଧାୟକ ଓ କର୍ମୀଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୁରୁଲିଆରେ ଉତ୍ତେଜନା ଦେଖା ଦେଇଛି। ବେଆଇନ ବାଲି ଖନନରେ ସାମିଲ ଥିବା ୧୯ଜଣଙ୍କୁ ପୁଲିସ ଶୁକ୍ରବାର ଗିରଫ କରିଛି। ବୁଧବାର ବିଳମ୍ବିତ ରାତିରେ ପୁଲିସ ଚଢ଼ାଉ କରିଥିଲା। ବାଲି ଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ମଧ୍ୟ ପୁଲିସ ଅଟକ ରଖିଛି। ବେଇଆଇନ ବାଲି ଖନନ ନେଇ ପୁରୁଲିଆ ବିଧାୟକ ସୁଦୀପ ମୁଖାର୍ଜୀଙ୍କ ସହ କର୍ମୀ ଥାନାରେ ହିଁ ମୁହାଁମୁହିଁ ହୋଇଥିଲେ। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବେଆଇନନ ବାଲି ଖନନ ଓ ଚାଲାଣ ନେଇ ଅଭିଯୋଗ ହେଉଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା। ଗିରଫ୍ ହୋଇଥିବା ୧୯ଜଣଙ୍କୁ ଶୁକ୍ରବାର ପୁରୁଲିଆ ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା।

## କାବୁଲ୍‌ରେ ପାକ୍ ବାୟୁସେନାର ଆକ୍ରମଣ

କାବୁଲ, ୧୦।୧୦(ଏଜେନ୍ସି): ପାକିସ୍ତାନ ଗୁରୁବାର ରାତିରେ ଆଫଗାନିସ୍ତାନ ରାଜଧାନୀ କାବୁଲରେ ତେହରିକ-ଏ- ତାଲିବାନ ପାକିସ୍ତାନ (ଟିଟିପି)ର କେତୋଟି ଠିକଣା ଉପରେ ଆକାଶ ମାର୍ଗରୁ ଆକ୍ରମଣ କରିଛି। ଏଥିରେ ଟିଟିପି ମୁଖ୍ୟ ମୌଲାନା ନୁର ୱାଲି ମେହସୁଦ ମୃତ୍ୟୁବରଣ କରିଛନ୍ତି ବୋଲି ପାକିସ୍ତାନ ବାୟୁସେନା ଦାବି କରିଛି। ପୂର୍ବ କାବୁଲ୍‌ରେ ଟିଟିପ୍‌ର ଠିକଣାରେ ମେହସୁଦ ଥିଲେ ବୋଲି ପାକିସ୍ତାନ ଗଣମାଧ୍ୟମ ଦାବି କରିଛି। ମେହସୁଦ ୨୦୧୮ରୁ ଟିଟିପିର ନେତୃତ୍ୱ ନେଇ ଆସୁଛନ୍ତି। ତାଲିବାନ ସମର୍ଥନରେ ସେ ଏହି ସଂଗଠନ ପରିଚାଳନା କରି ଆସୁଛନ୍ତି। ତାଲିବାନ ସରକାରଙ୍କ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଭାରତ ଗସ୍ତରେ ଆସିଥିବା ବେଳେ ପାକିସ୍ତାନ ବାୟୁସେନା ଏହି ଆକ୍ରମଣ କରିଛି। ମୁତ୍ତାକି ଭାରତରେ ୭ ଦିନ ରହିବେ। କୌଣସି ପ୍ରକାର ଆକ୍ରମଣ ହୋଇନାହିଁ ବୋଲି ମେହସୁଦ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛି। ଏହି ଆକ୍ରମଣରେ କୌଣିସ ପ୍ରକାର କ୍ଷତି ହୋଇନାହିଁ ଓ ସବୁକିଛି ନିୟନ୍ତ୍ରଣରେ ରହିଛି ବୋଲି ତାଲିବାନ ସରକାର ତରଫରୁ କୁହାଯାଇଛି। ମେହସୁଦ ଟିଟିପିର ଚତୁର୍ଥ ମୁଖ୍ୟ ଭାବେ ଦାୟିତ୍ୱରେ ରହିଛନ୍ତି। ଟିଟିପି ଏବେ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁଠାରୁ ବଡ଼ ବିପଦ ଭାବେ ଉଭା ହୋଇଛି ଓ ପାକିସ୍ତାନ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ପାକିସ୍ତାନ ପୁଣି ଥରେ ଏପରି ଦୁଃସାହସ କରେ ତେବେ ତାକୁ ଦୃଢ଼ ଜବାବ ଦିଆଯିବ। ଯଦି ପୁଣି ଏଭଳି କେହି ସାହସ କରେ, ତେବେ ସେମାନେ ସୋଭିଏତ ୟୁନିଅନ, ଆମେରିକା, ନାଟୋଠାରୁ ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି ମୁତ୍ତାକି କହିଛନ୍ତି।

## ହିମାଚଳରେ ତୁଷାରପାତ: ମନାଲୀ- ଲେହ ହାଇୱେ ୪ ଦିନ ବନ୍ଦ



ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ହିମାଳୟ କ୍ଷେତ୍ରରେ ଥିବା ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ତୁଷାରପାତ ଜାରି ରହିଛି। ଏହାର ପ୍ରଭାବରେ ସମତଳ ଅଞ୍ଚଳରେ ତାପମାତ୍ରା ତଳକୁ ଖସିଛି। ବାୟୁର ଗତିପରିବର୍ତ୍ତନ ଫଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି। ହରିୟାଣା, ପଞ୍ଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶର କେତେକାଞ୍ଚଳରେ ତାପମାତ୍ରା ୨୦ ଡିଗ୍ରୀ ତଳକୁ ଖସିଛି। ସକାଳୁ ଶୀତ ଅନୁଭୂତ ହେବା ସହ କୁହୁଡି ଦେଖିବାକୁ ମିଳିଥିଲା। ମଧ୍ୟପ୍ରଦେଶ ରାଜଗଡ଼ରେ ଗୁରୁବାର ତାପମାତ୍ରା ୧୫.୬ ଡିଗ୍ରୀରେ ପହଞ୍ଚିଥିଲା। ଭୋପାଳରେ ଏହା ୧.୬ ଡିଗ୍ରୀ କମି ୧୮ ଡିଗ୍ରୀରେ ପହଞ୍ଚିଥିଲା। ପ୍ରବଳ ବରଫପାତ କାରଣରୁ ମନାଲୀ- ଲେହ ରାଜପଥ ଗତ ୪ ଦିନ ହେବ ବନ୍ଦ ରହିଛି। ହିମାଚଳରେ କ୍ରମାଗତ ଚତୁର୍ଥଦିନ ବର୍ଷା ଓ ତୁଷାରପାତ ପରେ ଗୁରୁବାର ପାଗ ସଫା ରହିଥିଲା। କିନ୍ତୁ କୁଲ୍ଲୁ, ଲାହୋଲ-ସ୍ପିତି, କିନ୍ନାର, ଚମ୍ବା, ମଣ୍ଡି, କାଂଗ୍ରା ଓ ଶିମଲାରେ କିନ୍ତୁ ବରଫର ଚାଦର ଦେଖିବାକୁ ମିଳିଥିଲା। ଲାହୋଲ-ସ୍ପିତିର କେଲାଙ୍ଗରେ ଗତପାଲି ତାପମାତ୍ରା -୧ ଡିଗ୍ରୀରେ ପହଞ୍ଚିଛି। କୁକୁମସୋରୀରେ ତାପମାତ୍ରା -୦.୯ ଓ ସିମ୍‌ଲାରେ ୯.୮ ଓ ମନାଲୀରେ ୭.୭ ଡିଗ୍ରୀରେ ପହଞ୍ଚିଛି।



ପ୍ରଥମ ଭାରତୀୟ ଭାବେ ମିସେସ୍ ୟୁନିଭର୍ସ ମୁକୁଟ ଜିତିଲେ ସେରି ସିଂହ

## ଭାରତରୁ ପାକିସ୍ତାନ, ଆମେରିକାକୁ ନାଲି ଆଖି ଦେଖାଇଲେ ତାଲିବାନ ମନ୍ତ୍ରୀ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସିଥିବା ତାଲିବାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ନୂଆଦିଲ୍ଲୀରୁ ପାକିସ୍ତାନ ଏବଂ ଆମେରିକାକୁ ନାଲିଆଖି ଦେଖାଇଛନ୍ତି। ଏହା ସହିତ ଭାରତ ସହ ସମ୍ବନ୍ଧ ବୃଦ୍ଧିକୁ ସେ ଅଗ୍ରାଧିକାର ଦେଇଛନ୍ତି। ମୁତ୍ତାକି କହିଛନ୍ତି ଯେ ଆମେରିକାକୁ ବଗରାମ ଏୟାରବେସ ଦିଆଯିବ ନାହିଁ । କୌଣସି ଦେଶ ବିରୋଧରେ ଆଫଗାନ ମାଟିକୁ ବ୍ୟବହାର କରିବାକୁ ମଧ୍ୟ ଦେବୁନାହିଁ । ଏହା ପୂର୍ବରୁ ଗତ ମାସରେ ଆମେରିକା ରାଷ୍ଟ୍ରପତି ଏହି ଏୟାରବେସ ପୁଣି ଫେରି ପାଇବାକୁ ଦାବି କରିଥିଲେ। ଏପରି ନ କଲେ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ମୁତ୍ତକି କହିଛନ୍ତି ଯେ ନିଜ ଦେଶରେ ବିଦେଶୀ ସେନାକୁ ଆଫଗାନ ନାଗରିକ ସ୍ୱୀକାର କରିବେ ନାହିଁ। ମାତ୍ର କୂଟନୈତିକ ଭାବେ ଆଫଗାନ ସହ କୌଣସି ଦେଶ ସମ୍ପର୍କ ବୃଦ୍ଧି କରିପାରିବେ। ଏହା ସହିତ ଚାବାହର ବନ୍ଦରରୁ କଟକଣା ହଟାଇବା ପାଇଁ ମୁତ୍ତକି ଆମେରିକାକୁ ଅନୁରୋଧ କରିଛନ୍ତି। ଏ ନେଇ ଭାରତ-ଆମେରିକା ଚର୍ଚ୍ଚା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏହି କଟକଣା ହଟିଲେ ପାକିସ୍ତାନ ନ ଯାଇ ସିଧାସଳଖ ଆଫଗାନ ସହ କାରବାର କରିହେବ। ଅନ୍ୟପକ୍ଷରେ ଭାରତ ପୁଣି ଥରେ ଆଫଗାନିସ୍ତାନରେ ଦୂତାବାସ ଆରମ୍ଭ କରିବାକୁ ଯାଉଛି। ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ମୁତ୍ତାକିଙ୍କ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ବୈଠକରେ ଭାରତ କିମ୍ବା ଆଫଗାନିସ୍ତାନର ପତାକା ଦେଖିବାକୁ ମିଳି ନଥିଲା। ଭାରତ ଏପର୍ଯ୍ୟନ୍ତ ଆଫଗାନିସ୍ତାନର ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରି ନଥିବାରୁ ବୈଠକର ପ୍ରଚ୍ଛଦରେ କୌଣସି ପତାକା ଦେଖିବାକୁ ମିଳି ନଥିଲା। ତାଲିବାନ କ୍ଷମତାକୁ ଆସିବା ପରେ ୨୦୨୧ରେ ଭାରତ ତା'ର ଦୂତାବାସକୁ ବନ୍ଦ କରିଥିଲା। କାବୁଲରେ ଥିବା ବୈଷୟିକ ମିସନକୁ ଭାରତ ଏବେ ଦୂତାବାସରେ ପରିଣତ କରିବ। ଦୂତାବାସକୁ ବନ୍ଦ କରିବାର ଗୋଟିଏ ବର୍ଷ ପରେ ଭାରତ ଚିକିତ୍ସା ସହାୟତା ଓ ମାନବୀୟ ସହୟତା ଉପଲବ୍ଧ କରାଇବାକୁ କାବୁଲରେ ଏକ ଛୋଟ ମିଶନ ଖୋଲିଥିଲା। ଆଫଗାନିସ୍ତାନର ବିକାଶରେ ଭାରତ ରୁଚି ରଖୁଛି ବୋଲି ଜୟଶଙ୍କର କହିଛନ୍ତି। ମୁତ୍ତାକି ମଧ୍ୟ ବିଭିନ୍ନ ପ୍ରକାର ସହାୟତା, ସହଭାଗିତା ଓ ବନ୍ଧୁତା ପାଇଁ ଭାରତକୁ କୃତଜ୍ଞତା ଜଣାଇଛନ୍ତି। ଆଫଗାନିସ୍ତାନରେ ଯେତେବେଳେ ଭୂକମ୍ପ ଆସିଥିଲା ଭାରତ ପ୍ରଥମ ଦେଶ ଭାବେ ସାହାଯ୍ୟ ଓ ସୁବିଧା ସୁଯୋଗ ଉପଲବ୍ଧ କରାଇଥିଲା ବୋଲି ମୁତ୍ତାକି କହିଛନ୍ତି।

### ଅବସରପ୍ରାପ୍ତ ସିଭିଲ ଇଞ୍ଜିନିୟରଙ୍କ ଲୋକାୟୁକ୍ତ ଚଢ଼ାଉ

## ୨.୬ କେଜି ସୁନା, ୧୭ ଟନ୍ ମହୁ ଜବତ



ଭୋପାଳ, ୧୦।୧୦ (ଏଜେନ୍ସି): ମଧ୍ୟପ୍ରଦେଶ ଭୋପାଳରୁ ବାସ୍ତବ ଜୀବନର ଏକ କ୍ରାଇମ-ଥ୍ରିଲର ସାମ୍ନାକୁ ଆସିଛି। ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି)ର ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ଜିପି ମେହେଟାଙ୍କ ଘର ଏବଂ ଅନ୍ୟ ଠିକଣାରେ ଗୁରୁବାର ଦୁର୍ନୀତି ବିରୋଧୀ ସଂସ୍ଥା ଲୋକାୟୁକ୍ତ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରୁ ଧନର ପାହାଡ଼ର ସନ୍ଧାନ ମିଳିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତରୁ ଆରମ୍ଭ ହୋଇଥିବା ଏହି କାହାଣୀ ରାଜ୍ୟର ପ୍ରମୁଖ ଦୁର୍ନୀତିରେ ସାମିଲ ହୋଇଯାଇଛି। ଘରୁ ଏତେ ଧନ ସମ୍ପତ୍ତି ମିଳିଛି ଯେ ତାହା ଦେଖି ଅଧିକାରୀ ଜଳକା ହୋଇଯାଇଛନ୍ତି। ଏତେ ଟଙ୍କା ଜବତ ହୋଇଛି ଯେ ତାହାକୁ ଗଣିବା ପାଇଁ ଗଣତି ମେସିନ ମଗାଯାଇଛି। ସୁନା ଏବଂ ରୁପା କେଜି ଆକାରରେ ଜବତ ହୋଇଛି। ମାତ୍ର ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେହେଟାଙ୍କ ଫାର୍ମ ହାଉସରୁ ୧୭ ଟନ୍ ମହୁ ଜବତ କରାଯାଇଛି। ଏହାକୁ ମହଜୁଦ କରି ସଜାଇ ରଖାଯାଇଥିଲା।

ସୂଚନା ଅନୁଯାୟୀ ଲୋକାୟୁକ୍ତର ୪ ଡିଏସ୍‌ପି ର୍ୟାଙ୍କ ଅଧିକାରୀ ଗୁରୁବାର ବଡି ଭୋରରେ ମେହେଟାଙ୍କ ଭୋପାଳ ଏବଂ ନର୍ମଦାପୁରମ ସ୍ଥିତ ଚାରି ଠିକଣାରେ ଚଢ଼ଉ କରିଥିଲେ। ମଣିପୁର କଲୋନୀରେ ଥିବା ତାଙ୍କ ଘରୁ ୮.୭୯ ଲକ୍ଷ ଟଙ୍କା, ୫୦ ଲକ୍ଷର ଅଳଙ୍କାର, ୫୬ ଲକ୍ଷର ଫିକ୍ସଡ ଡିପୋଜିଟ ମିଳିଥିଲା। କିନ୍ତୁ ଅସଲ ସମ୍ପତ୍ତି ତାଙ୍କ ଦ୍ୱିତୀୟ କୋଠାରେ ଥିଲା। ଦାନା ପାନି ନିକଟରେ ଥିବା ବିଳାଶପୂର୍ଣ୍ଣ ଆପାର୍ଟମେଣ୍ଟରୁ ବିପୁଳ ସୁନା ମିଳିଥିଲା। ଏଠାରୁ ୨୬ ଲକ୍ଷ ଟଙ୍କା, ୩.୦୫ କୋଟି ଟଙ୍କାର ୨.୬ କେଜି ସୁନା ଏବଂ ୫.୫ କେଜି ରୁପା ମିଳିଥିଲା। ସହରର ସମ୍ପତ୍ତିଗୁଡ଼ିକ ଦେଖି ଆଖି ଖୋସି ହେଉଥିଲେ ମଧ୍ୟ ସୋହାଗପୁର (ନର୍ମଦାପୁରମ) ତହସିଲର ସାଇନି ଗ୍ରାମରେ ମେହରାଙ୍କ ଫାର୍ମହାଉସରୁ ସମ୍ପତ୍ତିର ବଡ଼ ସାମ୍ରାଜ୍ୟ ସାମ୍ନାକୁ ଆସିଥିଲା। ଏଠାରୁ ୧୭ ଟନ୍ ମହୁ, ଛଅଟି ଟ୍ରାକ୍ଟର, ୩୨ଟି ନିର୍ମାଣାଧୀନ କୁଟୀର, ନିର୍ମାଣ ସରିଥିବା ୭ଟି କୋଠା, ମାଛ ଚାଷ ସୁବିଧା ସହିତ ବିଶାଳ ପୋଖରୀ, ଗୋଶାଳା, ମନ୍ଦିର ଏବଂ ଏକ ଫୋର୍ଡ ଏଣ୍ଡେଭର, ସ୍କୋଡା ସ୍ଲାଭିଆ, କିଆ ସୋନେଟ୍ ଏବଂ ମାରୁତି ସିଆଜ୍ ଆଦି କାର୍ ଦେଖିବାକୁ ମିଳିଥିଲା। ଏହି ସବୁ କାର୍ ମେହରା ପରିବାରଙ୍କ ନାମରେ ପଞ୍ଜିକୃତ ହୋଇଥିଲା। ସେହିପରି ଗୋବିନ୍ଦପୁର ଶିଳ୍ପାଞ୍ଚଳରେ ମେହେରାଙ୍କ ଅଫିସ ଥିଲା। ଏଠାରୁ ଅନେକ ସାମଗ୍ରୀ, କଞ୍ଚାମାଲ, ୧.୨୫ ଲକ୍ଷ କ୍ୟାସ ଏବଂ ତାଙ୍କ ପରିବାର ସମ୍ବନ୍ଧିତ ଅନେକ ସମ୍ପତ୍ତି କାଗଜପତ୍ର ମିଳିଥିଲା। ସନ୍ଧ୍ୟା ସୁଦ୍ଧା ତାଙ୍କ ଠିକଣାରୁ ୩୬.୦୫ ଲକ୍ଷ ଟଙ୍କା, ୨.୬୪୯ କେଜି ସୁନା, ୫.୫୨୩ କେଜି ରୁପା, ଏଫଡି, ବୀମା, ଅନେକ ସମ୍ପତ୍ତି, ୪ ବିଳାଶପୂର୍ଣ୍ଣ କାର୍ ଜବତ ହୋଇଥିଲା।

## ପୁଲିସ ଏସ୍ଆଇ ଚାକିରି ବେପାର

# ସିବିଆଇ ତଦନ୍ତ ଦାବିରେ ଗର୍ଜିଲା ଯୁବ-ଛାତ୍ର ବିଜେଡି



ବ୍ରହ୍ମପୁର,୧୦।୧୦(ସମିସ): ପୁଲିସ ଏସ୍ଆଇ ଚାକିରି କେଳେଙ୍କାରୀ ଘଟଣାରେ ରାଜରାସ୍ତାକୁ ଓହ୍ଲାଇଛି ବିଜୁ ଜନତା ଦଳ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଛି। ଏହି କ୍ରମରେ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍‌ସିତା ସାହୁଙ୍କ ଆହ୍ୱାନରେ ଗଞ୍ଜାମ ଜିଲ୍ଲା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ରାମଲିଙ୍ଗମ ପାର୍କରୁ ଏକ ବିରାଟ ବିକ୍ଷୋଭ ଶୋଭାଯାତ୍ରା ବାହାରି ଖଲ୍ଲିକୋଟ କଲେଜ ଛକରେ ପହଞ୍ଚିଥିଲା। ସେଠାରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ପୁଲିସ ଏସ୍ଆଇ ଚାକିରି ଜାଲିଆତି ଘଟଣାରେ ପୁଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ୧୧୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯଦିଓ ୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି, କିନ୍ତୁ ଏହା ପଛରେ ଥିବା ମୁଖ୍ୟ ଅଭିଯୁକ୍ତମାନେ ଏବେ ବି ଖୁଲମଖୁଲା ବୁଲୁଛନ୍ତି। ମୁଖ୍ୟ ଅଭିଯୁକ୍ତ ଭାବେ ଫେରାର୍ ଥିବା ଶଙ୍କର ପୃଷ୍ଟିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବିଜେପି ସରକାର ଏହି ଜାଲିଆତି ଘଟଣାରେ ସମ୍ପୃକ୍ତ ରହିଛି। ଏଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏପରି କରି ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଉଥିବା ଅଭିଯୋଗ କରି ଛାତ୍ର ଓ ଯୁବ ବିଜେଡି ନେତାମାନେ ଭୀଷଣ ବର୍ଷିଥିଲେ।

ବିକ୍ଷୋଭ ବେଳେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମେୟର୍ ସଂଘମିତ୍ରା ଦଳେଇ, ଡେ଼ପୁଟି ମେୟର ଇ. ବିବେକ ରେଡ୍ଡୀ, ଦେବାନନ୍ଦ ମହାପାତ୍ର, ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଛାତ୍ର ବିଜେଡି ଜୋନ୍ ସଭାପତି ଜ୍ୟୋତିରଞ୍ଜନ ସାହୁ, ଜିଲ୍ଲା ସୋସିଆଲ ମିଡିଆ କୋର୍ଡିନେଟର୍ ଦୁର୍ଗାପ୍ରସାଦ ପଣ୍ଡା, ଅଜୟ ମହାରଣା, ନଚିକେତା ସ୍ୱାଇଁ, ଦୁର୍ଗା ଲାୟକ, ଜିଲ୍ଲା ଯୁବ ସଭାପତି ଭବାନୀ ସାହୁ, ବ୍ରହ୍ମପୁର ଯୁବ ସଭାପତି ଅଜିତ ପଣ୍ଡା, ବ୍ରହ୍ମପୁର ଛାତ୍ର ସଭାପତି ଶୋଭନ ନାୟକଙ୍କ ସମେତ ବହୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ରାଜ୍ୟ କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ମୋହର



ଭୁବନେଶ୍ୱର,୧୦।୧୦(ସମିସ): ଏ ବର୍ଷ ରାଜ୍ୟରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ହେବ। ଧାନ ହିସାବରେ ଏହା ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ହେବ। ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ ୭୩ ଓ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଯଦି ପଞ୍ଜିକୃତ ଚାଷୀଙ୍କଠାରୁ ମଣ୍ଡିକୁ ଅଧିକ ଧାନ ଆସେ ତେବେ ତାହା ମଧ୍ୟ ରାଜ୍ୟ ସରକାର ତାହା କ୍ରୟ କରିବେ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୮ ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନାଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି।

ମୁଖ୍ୟସଚିବ କହିଛନ୍ତି ଯେ କ୍ୟାବିନେଟ୍ ବୈଠକରେ ମୋଟ ୧୦ ଟି ବିଭାଗର ୧୫ ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଆସନ୍ତା ଚଳିତ ବର୍ଷ ନଭେମ୍ବର ମାସରୁ ଖରିଫ ଧାନ ସଂଗ୍ରହ କରାଯିବ ଓ ରବି ଧାନ ମେ ୨୦୨୬ରୁ ସଂଗ୍ରହ କରାଯିବ ଓ କେବଳ ପଞ୍ଜିକୃତ ଚାଷୀଙ୍କଠାରୁ ସେମାନଙ୍କ ବଳକା ଧାନ କ୍ରୟ ହେବ। କ୍ୟାବିନେଟ୍ ବୈଠକରେ 'ଓଡ଼ିଶା ଜନ ବିଶ୍ୱାସ' ଅଧ୍ୟାଦେଶକୁ ଅନୁମୋଦନ ମିଳିଛି। ଏହି ଅଧ୍ୟାଦେଶ ବଳରେ ୯ ଟି ବିଭାଗର ୧୬ ରାଜ୍ୟ ଆଇନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ପୂର୍ବ ବ୍ୟବସ୍ଥାକୁ ବଦଳାଇ ଭିନ୍ନ ଭିନ୍ନ ଅର୍ଥ ଦଣ୍ଡ ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରକ୍ରିୟାଗତ ତ୍ରୁଟି ପାଇଁ ଦଣ୍ଡର ସୀମା କମ୍ କରିବା ସହ ଅଣ-ଗୁରୁତର ମାମଲାରେ କାରାଦଣ୍ଡକୁ ଦୂର କରାଯିବାକୁ ନିଷ୍ପତ୍ତି ହୋଇଛି।

**ଏଥର ୯୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ**

**ମହିଳାମାନଙ୍କୁ ରାତିରେ କାମ ପାଇଁ ଅନୁମତି**

ସେହିପରି ଜଳସମ୍ପଦ ବିଭାଗର ଅନେକ ନିଷ୍ପତ୍ତିକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏଥିରେ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାକୁ ୨୦୨୫-୩୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିପାଇଁ ୧୪୩୭ କୋଟି ଟଙ୍କାର ବ୍ୟୟବରାଦ ହୋଇଛି ଓ ୧,୨୩,୪୮୮ ହେକ୍ଟର ଚାଷ ଜମିକୁ ଜଳସେଚନ କରିବା ଲକ୍ଷ୍ୟ ରହିଛି। ସେହିପରି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ପାଇଁ ୧୯,୯୪୧ କୋଟି ମଞ୍ଜୁର କରାଯାଇଥିବା ବେଳେ ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ପାଇଁ ୧୭୯୦ କୋଟି ମଞ୍ଜୁର ହୋଇଛି। ରାଜ୍ୟରେ ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ସ୍ୱଚ୍ଛ ଓଡ଼ିଶା ଯୋଜନା ପାଇଁ ୧୬୦୦ କୋଟି ଟଙ୍କାର ଅନୁମୋଦନ ଦିଆଯାଇଛି। ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ଏହି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନାରେ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଜ୍ୟଜଳ ପରିଚାଳନା, ସହରାଞ୍ଚଳ ସେପ୍ଟେଜ ସିଷ୍ଟମ୍ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସମସ୍ତ ସହରାଞ୍ଚଳକୁ ବର୍ଜ୍ୟମୁକ୍ତ, ସ୍ୱଚ୍ଛ ରଖିବା ସହ ପୌରାଞ୍ଚଳଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦେବା ସ୍ୱଚ୍ଛ ଓଡ଼ିଶା ଯୋଜାନାର ଲକ୍ଷ୍ୟ ରହିଛି। ଏହା ବ୍ୟତୀତ ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ ୨୦୨୫କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ମିଳିବା ନିଷ୍ପତ୍ତିକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ଅଧ୍ୟାଦେଶ ଓ କାରଖାନା (ଓଡ଼ିଶା ସଂଶୋଧନ) ଅଧ୍ୟାଦେଶକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହି ଆଇନ ଦ୍ୱାରା ମହିଳାମାନେ ସମସ୍ତ ପ୍ରକାର କାମ ପାଇଁ ସମସ୍ତ ପ୍ରକାର କାରଖାନାରେ ନିଯୁକ୍ତି ପାଇପାରିବେ। ସେମାନେ ସକାଳ ୬ଟା ପୂର୍ବରୁ ଓ ସନ୍ଧ୍ୟା ୭ଟା ପରେ ଲିଖିତ ସମ୍ମତି ସହିତ କାର୍ଯ୍ୟ କରିପାରିବେ।

## ଆଇଏଏସ୍ ସ୍ତରରେ ଅଦଳବଦଳ

# ଚଞ୍ଚଳ ରାଣାଙ୍କୁ ବିଡିଏ ଓ ସ୍ମାର୍ଟସିଟିର ଅତିରିକ୍ତ ଦାୟିତ୍ୱ

- ୩ ବରିଷ୍ଠ ଆଇଏଏସଙ୍କୁ ଦାୟିତ୍ୱମୁକ୍ତ କଲେ ସରକାର
- ହଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ
- ଏନ୍ ଥିରୁମାଲା ନାଏକ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ନିଯୁକ୍ତ

ଭୁବନେଶ୍ୱର,୧୦।୧୦(ସମିସ): ଆଇଏଏସ୍ ସ୍ତରରେ ରାଜ୍ୟ ସରକାର ଏକ ବଡ଼ ଅଦଳବଦଳ କରିଛନ୍ତି। ଏହି ଅଦଳବଦଳରେ ୩ ଜଣ ବରିଷ୍ଠ ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ଖାଲି ପଡ଼ିଥିବା ତାଙ୍କ ପଦବୀରେ ଅନ୍ୟ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏହାସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ତଥା ବରିଷ୍ଠ ଓଏଏସ୍ ଅଫିସର କାହ୍ନୁଚରଣ ଧୀରଙ୍କୁ ତାଙ୍କ ପଦରୁ ବଦଳି କରାଯାଇଛି।

ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତ, ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମା ଓ ୨୦୧୪ ବ୍ୟାଚ୍ ଆଇଏଏସ୍ ସ୍ୱଧା ଦେବ ସିଂହ କେନ୍ଦ୍ରୀୟ ଡେପୁଟେସନରେ ଯାଇ ସାରିଥିବାରୁ ରାଜ୍ୟ ସରକାର ଏହି ୩ ଜଣ ଅଫିସରଙ୍କୁ ଚଳିତ ମାସ ୧୩ ତାରିଖ ଅପରାହ୍ଣରୁ ଦାୟିତ୍ୱମୁକ୍ତ କରିଛନ୍ତି। ଅନ୍ୟପଟେ ବିଏମ୍‌ସି କମିସନର ଚଞ୍ଚଳ କୁମାର ରାଣାଙ୍କୁ ଅତିରିକ୍ତ ଭାବେ ବିଡିଏ ଉପାଧ୍ୟକ୍ଷ ସହ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ସଚିବ ୨୦୦୨ ବ୍ୟାଚ୍ ଆଇଏଏସ୍ ଏସଏନ୍ ଗିରୀଶଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ବିଡିଏ ଉପାଧ୍ୟକ୍ଷ ୨୦୦୯ ବ୍ୟାଚ୍ ଆଇଏଏସ୍ ଏନ୍ ଥିରୁମାଲା ନାଏକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ବଦଳି କରାଯାଇଛି। ୨୦୧୦ ବ୍ୟାଚ୍ ଆଇଏଏସ୍ ମାନସୀ ନିମ୍ଭଲଙ୍କୁ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସହ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ମାନସୀ ଏବେ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀ ମୀନା ଏବେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ସମେତ ଏସ୍ଆଇଆରଡି ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି।


ସେହିପରି ୨୦୧୪ ବ୍ୟାଚ୍ ଆଇଏଏସ୍ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ୨୦୧୪ ବ୍ୟାଚ୍ ଆଇଏଏସ୍ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ତାଙ୍କୁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରୀ ମହାପାତ୍ର ଏବେ ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଗୃହ ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ନିବେଦିତା ପୃଷ୍ଟିଙ୍କୁ ବୟନିକା ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେ ହସ୍ତତନ୍ତ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ଏସ୍‌ଟି ଏସ୍‌ସି ବିଭାଗର ଅତିରିକ୍ତ ସଚିବ ପ୍ରେମଜିତ ନାୟକଙ୍କୁ ଅନୁସୂଚୀତ ଜନଜାତି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ସେହିପରି ୨୦୧୫ ବ୍ୟାଚ୍ ଆଇଏଏସ୍ ମଧୁସ୍ମିତା ସାମଲଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀମତୀ ସାମଲ ଏବେ ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ବରିଷ୍ଠ ଓଏଏସ୍ କାହ୍ନୁଚରଣ ଧୀରଙ୍କୁ ମାଇନର ମିନେରାଲସ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

## ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ଘଟଣା

# ପୁରୁଣା ଅପରାଧୀଙ୍କ ଫାଇଲ ଓଲଟାଉଛି ପୁଲିସ

- ସ୍କାନରରେ ସାର୍ପ ସୁଟର୍
- ଆସିଲା ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ ରିପୋର୍ଟ
- ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା
- ୫ଦିନ ପରେ ବି ସ୍ପଷ୍ଟ ହେଉନି କାରଣ
- ସନ୍ଦେହରେ ୫୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା
- ୬ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଟକ ଓ ଦାମୀ ଗାଡ଼ି ଜବତ: ଏସ୍‌ପି



ବ୍ରହ୍ମପୁର, ୧୦।୧୦ (ସମିସ): ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକୁ ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ସେହିପରି, କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି, ତାହାର ମଧ୍ୟ ରହସ୍ୟ ପୁଲିସ ଭେଦି ପାରିନାହିଁ। ହତ୍ୟାକାଣ୍ଡ ପଛରେ ଏକାଧିକ କାରଣ ଥିବା ନେଇ ଆଲୋଚନା ପରେ ପୁଲିସର ଦ୍ୱନ୍ଦ୍ୱ ବଢ଼ିଯାଇଛି। କେଉଁ ଦିଗକୁ ଧରିବ, କାହାକୁ ଛାଡ଼ିବ; ବର୍ତ୍ତମାନ ସ୍ଥିତିରେ ପୁଲିସ ପାଇଁ ତାହା ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏପରି ଦୋଦୁଲ୍ୟମାନ ସ୍ଥିତିରେ ପୁଲିସ୍ ଏବେ ଦାଗୀ ଅପରାଧୀଙ୍କ ଫାଇଲ ଓଲଟାଇବା ଆରମ୍ଭ କରିଛି। ବିଶେଷକରି, ପୁଲିସ୍ ସାର୍ପ-ସୁଟର୍‌ଙ୍କ ତାଲିକା ବାହାର କରୁଛି। ଏହି ହତ୍ୟାକାଣ୍ଡରେ ସାର୍ପସୁଟର୍ ସୁପାରି କିଲର୍‌ଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଆତତାୟୀଙ୍କ ଗୁଳି କରିବାର ତରିକାରୁ ପୁଲିସର ଏପରି ସନ୍ଦେହ ହୋଇଛି। ତେଣୁ, ଜିଲ୍ଲାରେ ପୂର୍ବରୁ ସଂଘଟିତ ବିଭିନ୍ନ ଗୁଳିକାଣ୍ଡ ଘଟଣାରେ ନିୟୋଜିତ ସାର୍ପସୁଟର୍‌ଙ୍କ ତାଲିକା ବାହାର କରୁଛି। ପୂର୍ବରୁ କେଉଁକେଉଁ ମାମଲାରେ ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିଲା ଏବଂ ସେମାନଙ୍କୁ କେଉଁଠାରୁ ଆମଦାନୀ କରାଯାଇଥିଲା, ସେମାନଙ୍କ କୁଣ୍ଡଳୀ ଖୋଜୁଛି ପୁଲିସ।

ଅପରପକ୍ଷେ, ପୀତବାସଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆଜି ପୁଲିସର ହସ୍ତଗତ ହୋଇଛି। ପୀତବାସଙ୍କୁ ଅନ୍ୟୁନ ୨ରୁ ୨.୫ମିଟର ଦୂରରୁ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ ପରେ ତାଙ୍କ ଶରୀରରୁ ପ୍ରାୟ ୪ଲିଟର ରକ୍ତସ୍ରାବ ହୋଇଥିଲା। ପ୍ରଚୁର ରକ୍ତସ୍ରାବ ଓ ଛାନିଆ ଯୋଗୁଁ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୁର୍ବୃତ୍ତମାନଙ୍କ ଗୁଳି ଛାତିରେ ସିଧା ନବାଜି ସାମାନ୍ୟ ବଙ୍କା ହୋଇ ବାଜିଥିଲା। ଫଳରେ ଗୁଳିଟି ଶରୀରର ଅନେକ ଶିରାପ୍ରଶିରାକୁ ଭେଦ କରି ମେରୁଦଣ୍ଡ ନିକଟରେ ଲାଖି ରହିଥିଲା। ଗୁଳିଟିକୁ ବାହାର କରିବାକୁ ପ୍ରାୟ ଦେଢ଼ଘଣ୍ଟା ସମୟ ଲାଗିଥିଲା। ଏଭଳି ପୂର୍ବରୁ ଅନ୍ୟ କେଉଁ ମାମଲାରେ ଦେଖାଯାଇନଥିବା କହିଛନ୍ତି ଏମ୍‌କେସିଜି ମେଡିକାଲର ଏଫଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଦୀପା ଦାସ। ସାଇଣ୍ଟିଫିକ ରିପୋର୍ଟ ମଧ୍ୟ ପୁଲିସର ହସ୍ତଗତ ହୋଇଛି। ତେବେ ପୁଲିସ ଜବତ ଖୋଖା ଓ ଶରୀରରୁ ଉଦ୍ଧାର କରାଯାଇଥିବା ଗୁଳିର ବାଲାଷ୍ଟିକ୍ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟରୁ ତାହା କି' ପ୍ରକାରର ଗୁଳି ଓ କେଉଁ କିସମର ବନ୍ଧୁକରେ ବ୍ୟବହାର ହୋଇଥିଲା, ତାହା ଜଣାପଡ଼ିବ।

ଅପରପକ୍ଷେ, ସହରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସ୍ଥାନରୁ ସଂଗୃହୀତ ସିସିଟିଭି ଫୁଟେଜ ଆଧାରରେ ୫୫ରୁ ଅଧିକ ବ୍ୟକ୍ତିଙ୍କୁ ସନ୍ଦେହରେ ପଚରାଉଚରା କରିଛି ପୁଲିସ। ସେପଟେ ଦାମୀ ଗାଡ଼ି ସହ ୬ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ସେଥିମଧ୍ୟରେ ଜଣେ ଏସ୍‌ଓଜି କମାଣ୍ଡୋ ଓ ଅନ୍ୟ ଜଣେ ସିଆଇଏସଏଫ ଯବାନ ରହିଛନ୍ତି। ଅପରାଧୀଙ୍କୁ ଧରିବା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ରହସ୍ୟ ଉନ୍ମୋଚନ ପାଇଁ ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ୬ଟି ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଗୋଟିଏ ଟିମ୍ ପୁରୀ ଯାଇଥିବା ବେଳେ ଅନ୍ୟ ଟିମ୍ ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ପୋଲସରାରେ ଡେରା ପକାଇଛନ୍ତି। ଏପରିକି ବିଭିନ୍ନ ସ୍ଥାନରୁ ଏକାଧିକ ବ୍ୟକ୍ତିଙ୍କୁ ସନ୍ଦେହରେ ଉଠାଯାଇଥିବା ମଧ୍ୟ ଜଣାପଡ଼ିଛି।

### ହତ୍ୟା ପୂର୍ବରୁ ପିଛା କରିଥିଲେ ଅପରାଧୀ

ପୀତବାସଙ୍କ ହତ୍ୟାକାଣ୍ଡରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ହତ୍ୟା ପୂର୍ବରୁ ତାଙ୍କୁ ପିଛା କରାଯାଇଥିଲା ଏବଂ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡକୁ ରୂପ ଦିଆଯାଇଛି ବୋଲି ଏସପି କହିଛନ୍ତି। ଏହି ମାମଲାରେ ପୁଲିସ ବର୍ତ୍ତମାନ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ବେଳେ ଅଟକଙ୍କ ମଧ୍ୟରେ ଦୁଇଜଣ ଯବାନ ଓ ଦାମୀ ଗାଡ଼ିକୁ ମଧ୍ୟ ଜବତ କରାଯାଇଥିବା ଏସପି ସ୍ୱୀକାର କରିଛନ୍ତି।

### ପୀତବାସଙ୍କୁ ବିଜେପିର ଅଣଦେଖା!

ପୀତବାସ ପଣ୍ଡା ବିଜେପିର ଜଣେ ଆଗଧାଡିର ନେତା ଭାବେ ଗଞ୍ଜାମ ଜିଲ୍ଲାରେ ବେଶ ପରିଚିତ। ଗତ ସାଧାରଣ ନିର୍ବାଚନ ବେଳେ ସେ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ ହେଁ ଖୁବ୍ କମ୍ ଦିନରେ ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ଓ ନିକଟତର ହୋଇପାରିଥିଲେ। ପୀତବାସଙ୍କୁ ଗୁଳି କରାଯାଇଥିବା ଖବର ପାଇ ମନ୍ତ୍ରୀ ଶ୍ରୀ ଜେନା ମେଡିକାଲରେ ପହଞ୍ଚିବା ସହ ଅନ୍ତ୍ୟେଷ୍ଟିକ୍ରିୟା ପର୍ଯ୍ୟନ୍ତ ସାଙ୍ଗରେ ରହିଥିଲେ। ଏପରିକି, ସେହିଦିନ ବିଳମ୍ବିତ ରାତିରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ଜିଲ୍ଲାର ଅନ୍ୟ ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ। ସମସ୍ତେ ଗଣମାଧ୍ୟମରେ ଶୋକବ୍ୟକ୍ତ ମଧ୍ୟ କରିଥିଲେ। ତେବେ ଘଟଣାକୁ ଇତି ମଧ୍ୟରେ ୫ଦିନ ବିତିଯାଇଥିଲେ ହେଁ ଦଳର ଜଣେ ନେତାଙ୍କୁ ହରାଇଥିବା ବିଜେପି ପକ୍ଷରୁ ଶୋକ ସଭାଟିଏ ଆୟୋଜନ କରାନଯିବା ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ସବୁଠି ଚର୍ଚ୍ଚା ଜୋର୍ ଧରିଛି। ଆଇନଜୀବୀଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ସହ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ଶୋକସଭାର ଆୟୋଜନ କରାଯାଇଛି। ହେଲେ ପୀତବାସଙ୍କ ନିଜ ଦଳ ବିଜେପି ତାଙ୍କୁ ସ୍ୱଳ୍ପ ଦିନରେ ଅଣଦେଖା କରିଦେଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ୧୪ ସୁଦ୍ଧା ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

ଭୁବନେଶ୍ୱର,୧୦।୧୦(ସମିସ): ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବ। ଦେଶର ବିଭିନ୍ନ ସ୍ଥାନ ସମେତ ଓଡ଼ିଶାର କିଛି ଅଞ୍ଚଳରୁ ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ରାଜ୍ୟରୁ ମୌସୁମୀ ବିଦାୟ ନେଇ ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ରାଜ୍ୟରେ କିଛି କିଛି ଅଞ୍ଚଳରେ କାଁ ଭାଁ ବର୍ଷା ଛାଡ଼ି ଦେଲେ ବାକି ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ୧୩ ଓ ୧୪ରେ ସମୁଦ୍ର ସଂଲଗ୍ନ ଜିଲ୍ଲାରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ୧୫ ତାରିଖରୁ ରାତିର ତାପମାତ୍ରା କ୍ରମଶଃ କମିବା ସହ ୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ,



ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ସମୁଦ୍ରରେ ୫ ଦିନରୁ ଅଧିକ ରହିବାରୁ ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ଏହା କେତେ ଘନୀଭୂତ ହେବ ଓ କେଉଁ ଆଡ଼କୁ ଗତି କରିବ ଆଗକୁ ସ୍ପଷ୍ଟ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପରିବର୍ତ୍ତନ ହୋଇ ଉତ୍ତର-ପୂର୍ବ ବାୟୁ ଉପକୂଳରେ ହେବ, ଯାହାକି ପ୍ରତ୍ୟାବର୍ତ୍ତନ ମୌସୁମୀକୁ ସୁଚାଉଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ। ଲା-ନିନା ବର୍ଷରେ ଅନେକ ସମୟରେ ଅତ୍ୟଧିକ ବର୍ଷା ଓ ଶୀତ ହେବାର ନଜୀର ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଏହି ସମୟରେ ବାଲେଶ୍ୱରରେ ୧୧.୭ ମିମି ବର୍ଷା ରେକର୍ଡ ହୋଇଛି।

## ପୁଲିସ ଏସ୍ଆଇ ଚାକିରି ବେପାର

# ବିଜେପି ପ୍ରଭାରୀଙ୍କ ଆଡ଼କୁ କଂଗ୍ରେସର ଅଙ୍ଗୁଳି ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୦(ସମିସ): ରାଜ୍ୟରେ ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ବଡ଼ ମୁଣ୍ଡଙ୍କୁ ଯୋଡ଼ିଛି ରାଜ୍ୟ କଂଗ୍ରେସ। ଏହି କେଳେଙ୍କାରୀରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କ ମଧ୍ୟ ସମ୍ପୃକ୍ତି ରହିଛି ବୋଲି କଂଗ୍ରେସ କହିଛି। ବିଜେପିର ଏହି କେନ୍ଦ୍ରୀୟ ନେତୃତ୍ୱ ତାଙ୍କର ଜଣେ ଅତ୍ୟନ୍ତ ଅନୁଗାମୀଙ୍କ ଜରିଆରେ ଏହି କେଳେଙ୍କାରୀରେ ସାମିଲ ଥିବା କଂଗ୍ରେସ ଅଭିଯୋଗ କରିଛି।



ପ୍ରଭାବଶାଳୀ ଅତୁଲ ପ୍ରଭାକରଙ୍କ ଭୂମିକା ବି ସନ୍ଦେହରେ

ଦଳ ପକ୍ଷରୁ ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ଓପିଆରବିର ବରିଷ୍ଠ ପୁଲିସ ଅଧିକାରୀ, ରାଜ୍ୟ ସରକାରଙ୍କର ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦଙ୍କ ବିନା ଅଗୋଚରରେ ଏହି କେଳେଙ୍କାରୀ ହୋଇପାରିବ ନାହିଁ। ବିଜେପି ନେତାଙ୍କ ସହ ଏହି କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଘନିଷ୍ଠ ସମ୍ପର୍କ ରହିଥିଲା। ଏହାସହିତ ଅତୁଲ ପ୍ରଭାକର ନାମକ ଜଣେ ବ୍ୟକ୍ତି ମଧ୍ୟ ଉଭୟ ବିଜେପି ନେତା ଓ ଶଙ୍କର ପୃଷ୍ଟିଙ୍କ ସହ ଘନିଷ୍ଠ ଥିଲେ। ଏହି ଅତୁଲ ପ୍ରଭାକର କିଏ ? ସେ ଶଙ୍କର ପୃଷ୍ଟିଙ୍କୁ କିଭଳି ଜାଣିଲେ? ଅତୁଲ ପ୍ରଭାକରଙ୍କ ସହ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ୍ ସିଂ ତୋମାରଙ୍କ କି ସମ୍ପର୍କ ଅଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ରଜନୀ ମହାନ୍ତି କହିଛନ୍ତି ଯେ ଅତୁଲ ପ୍ରଭାକର ମହାରାଷ୍ଟ୍ରର ଅଧିବାସୀ। ମାତ୍ର ତାଙ୍କର ଓଡ଼ିଶାରେ କି କାର୍ଯ୍ୟ? ଭୁବନେଶ୍ୱରରେ ସେ ମାସ ମାସ ଧରି ରହୁଛନ୍ତି କାହିଁକି? ଶଙ୍କର ପୃଷ୍ଟିଙ୍କ ସହ ତାଙ୍କର ନିବିଡ ସମ୍ପର୍କ କେବେ ଠୁଁ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ପୁଲିସ ଚାକିରି ବିକ୍ରି ରାକେଟକୁ ଶଙ୍କର ପୃଷ୍ଟି ସହିତ ଅତୁଲ ପ୍ରଭାକର ଚଳାଉଛନ୍ତି ବୋଲି କଂଗ୍ରେସ ସନ୍ଦେହ କରିଛି।

ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ ଏସଆଇ ନିଯୁକ୍ତି ପରୀକ୍ଷାର ମହାଦୁର୍ନୀତିର ଚେର ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି ଓ ଆଜି ପର୍ଯ୍ୟନ୍ତ ଗିରଫ ହୋଇଥିବା ମଧ୍ୟସ୍ଥ ଏବଂ ପରୀକ୍ଷାର୍ଥୀଙ୍କ ଭିତରେ ସୀମିତ ନାହିଁ। ଯେଉଁମାନେ ବିଜେପିର ଓଡ଼ିଶା ଦାୟିତ୍ୱରେ ରହିଛନ୍ତି, ସେମାନଙ୍କ ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ୧୫ ମାସ ଭିତରେ ୧୬ଟି ନିଯୁକ୍ତିଭିତ୍ତିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌ଠାରୁ ଆରମ୍ଭ କରି ଚାକିରି ଦେବା ପାଇଁ ଅର୍ଥ ଆଦାୟର ଅଭିଯୋଗ ହେବା ପରେ ଏହାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ରାଜ୍ୟରେ ଖାଲିପଡ଼ିଥିବା ୯୩୩ ପଦବୀ ପୂରଣ କରିବା ପାଇଁ ଲିଖିତ ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କ ଆଇଟିଆଇ ସଂସ୍ଥା ସହିତ ଚୁକ୍ତିନାମା କରିଥିଲେ। ଉକ୍ତ ଚୁକ୍ତିନାମାରେ ସର୍ତ୍ତାବଳୀ ଅନୁସାରେ ଆଇଟିଆଇ ସଂସ୍ଥା ପରୀକ୍ଷା ପରିଚାଳନା କରିବା ପାଇଁ ଅନ୍ୟ କୌଣସି ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବେ। ସେହି ଅନୁସାରେ ସିଲିକନ ଟେକ୍ ଲାବକୁ ଆଇଟିଆଇ ସଂସ୍ଥା ସବ୍ କଣ୍ଟ୍ରାକ୍ଟ ଦେଇଥିଲା। କିନ୍ତୁ ସବ୍ କଣ୍ଟ୍ରାକ୍ଟ ପାଇଥିବା ସଂସ୍ଥା ଅନ୍ୟ ଏକ ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବ ନାହିଁ। କିଭଳି ଭାବରେ ସମସ୍ତ ନିୟମକୁ ଉଲ୍ଲଂଘନ କରି ପଞ୍ଚସଫ୍ଟକୁ ପରୀକ୍ଷା କରିବାକୁ ଦିଆଗଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି।





**ବସ୍ତି ଉଚ୍ଛେଦ ବେଳେ ଅଘଟଣ**

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଭୁବନେଶ୍ୱର, ୧୦।୧୦ (ସମିସ): ବସ୍ତି ଉଚ୍ଛେଦ ଚାଲିଥିବା ବେଳେ ଅଭାବନୀୟ ଘଟଣା ଘଟିଛି। ଛିଡ଼ା ବିଦ୍ୟୁତ୍ ତାର ସଂସ୍ପର୍ଶରେଆସିଜଣେଯୁବକପ୍ରାଣହରାଇଛନ୍ତି।ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ଏଭଳି ଘଟଣା ଘଟିଛି। ମୃତକ ହେଉଛନ୍ତି

- ସରକାରୀ କର୍ମଚାରୀଙ୍କ ଚରମ ଅବହେଳା
- ବିଡିଏ ଓ ବିଦ୍ୟୁତ କର୍ମଚାରୀଙ୍କ ନାଁରେ ମାମଲା
- ବାପା ଛେଉଣ୍ଡ ହୋଇଗଲା ବର୍ଷକର ଝିଅ



ତାରିଣୀ ବସ୍ତିର ନାରାୟଣ ପ୍ରଧାନ ଓରଫ୍ କୁନା (୨୫)। ଅଭିଯୋଗ ଅନୁଯାୟୀ, ଗଣ୍ଡମୁଣ୍ଡାସ୍ଥିତ ତାରିଣୀ ବସ୍ତିର କୁନା ଖଣ୍ଡଗିରି ପାହାଡ଼ରେ ଫଟୋଗ୍ରାଫର ଭାବେ କାମ କରୁଥିଲେ। କିଛିଦିନ ହେବ ବିଡିଏ ପକ୍ଷରୁ ତାରିଣୀ ବସ୍ତି ଉଚ୍ଛେଦ କାମ ଚାଲୁଅଛି। ଆଜି କୁନାଙ୍କ ପିଉସୀଙ୍କ ଘର ଭଙ୍ଗା ଯାଉଥିବା କୁନା ଘରର ଆସବାବପତ୍ର ବାହାର କରୁଥିଲେ। ସେହି ସମୟରେ ଘର ବାହାରେ ଅଡୁଆ ତଡୁଆ ହୋଇ ପଡ଼ିଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଯାଇଥିଲେ। ମୁକୁଳିବା ଲାଗି ହାତରେ ତାରକୁ ସାଇଡ୍ କରୁଥିବାବେଳେ ବିଦ୍ୟୁତ ଆଘାତ ଲାଗି ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଅଚେତ ଅବସ୍ଥାରେ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୁନା କିଛିବର୍ଷ ପୂର୍ବେ ବିବାହ କରିଥିବା ବେଳେ ତାଙ୍କର ବର୍ଷକର ଝିଅ ରହିଛି। କୁନାଙ୍କ ମୃତ୍ୟୁପରେ ଏକମାତ୍ର ଝିଅ ବାପା ଛେଉଣ୍ଡ ହୋଇଯାଇଛି।

ସେପଟେ କୁନାଙ୍କର ମୃତ୍ୟୁ ପରେ ସରକାରୀ ଅଧିକାରୀଙ୍କ ଚରମ ଅବହେଳାକୁ ଦାୟୀ କରିଛନ୍ତି ବସ୍ତିବାସିନ୍ଦା। ଉଚ୍ଛେଦ ପାଇଁ ୫ ଦିନ ହେବ ବସ୍ତିରେ ପାଣି ସଂଯୋଗ କଟା ଯାଇଥିବାରୁ ଲୋକମାନେ ଅନ୍ୟ ସ୍ଥାନରୁ ପାଣି ଆଣି ବ୍ୟବହାର କରୁଛନ୍ତି। ହେଲେ ଉଚ୍ଛେଦ ସମୟରେ ବିଦ୍ୟୁତ୍ ସଂଯୋଗ କିପରି ବିଚ୍ଛିନ୍ନ କରାଯାଇ ନ ଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ଏଭଳି ଘଟଣା ଘଟିଛି। ସ୍ୱାମୀଙ୍କ ମୃତ୍ୟୁ ପାଇଁ ବିଡିଏ ଓ ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛନ୍ତି ପତ୍ନୀ ଲିଜା ସାହୁ। ଲିଜାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ବିଡିଏ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନାମରେ ମାମଲା ରୁଜୁ କରିଛି। କୁନାଙ୍କ ମୃତଦେହ କ୍ୟାପିଟାଲ ହସପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

**ଡ୍ରଗ୍ସ କଣ୍ଟ୍ରୋଲରଙ୍କ ଚଢ଼ଉ**

## ୧୦ ଲକ୍ଷ ଟଙ୍କାର ଔଷଧ ଜବତ

ଭୁବନେଶ୍ୱର, ୧୦।୧୦(ସମିସ): ବିନା ଲାଇସେନ୍ସରେ ରାଜଧାନୀରେ ଚାଲୁଛି ମେଡ଼ିସିନ୍ ଦୋକାନ। ବିଶେଷ କରି ଉପକଣ୍ଠ ଏବଂ ଗଳିକନ୍ଦିର ଏହି ଔଷଧ ବିକ୍ରି ହେଉଛି। ଲୋକେ ଏହି ମେଡ଼ିସିନ୍ ଖାଇ ଅନେକ ଲୋକ ଅସୁସ୍ଥ ହୋଇପଡୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ଶୁକ୍ରବାର ଡ୍ରଗ୍ସ କଣ୍ଟ୍ରୋଲର ମାମିନା ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କଳିଙ୍ଗନଗରରେ ଥିବା ଏକ ବେଆଇନ ଔଷଧ ଦୋକାନରେ ଚଢଉ କରାଯାଇଛି। ଚଢ଼ଉ ସମୟରେ ପ୍ରାୟ ୧୦ଲକ୍ଷ ଟଙ୍କାର ଔଷଧ ଜବତ କରାଯାଇଛି। ଗେଟ୍‌ଆଲାଇଭ୍ ହେଲ୍ଥକେୟାର' ନାମରେ ଚାଲିଥିବା ଏହି ଔଷଧ ଦୋକାନ ବିରୋଧରେ



ପ୍ରଶାସନ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବିନା ଲାଇସେନ୍ସରେ ଏହି ଔଷଧ ଦୋକାନ ଚାଲିଥିବାନେଇ ଖବର ମିଳିବା ପରେ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଯୋଜନା ମୁତାବକ ଚଢ଼ଉ କରାଯାଇଥିଲା। ଭୁବନେଶ୍ୱର-୨ର ଭେଷଜ ନିରୀକ୍ଷକ ଚନ୍ଦନ କୁମାର ଗିରି ରୋଗୀ ପରିଚୟ ଦେଇ ଉକ୍ତ ଔଷଧ ଦୋକାନରୁ କିଛି ଔଷଧ କିଣିଥିଲେ। ଦୋକାନ ପକ୍ଷରୁ ଦିଆଯାଇଥିବା ବିଲ୍ ଏମ/ଏସ ଡିଏମଏମଏନପିଆର ଫାର୍ମାସ୍ୟୁଟିକାଲ୍ସ ପ୍ରାଲି. ପକ୍ଷରୁ ଜାରି କରାଯାଇଥିଲା। ଏହାକୁ ଯାଞ୍ଚ କରାଯିବା ପରେ ଏହି ସଂସ୍ଥା ନାମରେ କୌଣସି ଲାଇସେନ୍ସ ଜାରି ହୋଇ ନ ଥିବା ଜଣାପଡ଼ିଥିଲା। ଯାହା ଡ୍ରଗ୍ସ ଏବଂ କସମେଟିକ୍ସ ଆଇନ ୧୯୪୦ର ସେକ୍ସନ ୧୮ (ସି) କୁ ଉଲ୍ଲଙ୍ଘନ କରୁଛି। ଏହା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ସେଠାରେ ମିଳିତ ଚଢ଼ାଉ କରାଯାଇଥିଲା। ୬ଟି ଔଷଧର ମାନ ଯାଞ୍ଚ ପାଇଁ ନମୁନା ପରୀକ୍ଷା ଲାଗି ରାଜ୍ୟ ଔଷଧ ପରୀକ୍ଷା ଏବଂ ଗବେଷଣା ପରୀକ୍ଷାଗାରକୁ ପଠାଯାଇଛି। ଏମ/ଏସ ଡିଏମଏମଏନପିଆର ଫାର୍ମାସ୍ୟୁଟିକାଲ୍ସ ପ୍ରା. ଲି. ସଂସ୍ଥାର ନିର୍ଦ୍ଦେଶକ ମିହିର କୁମାର ନନ୍ଦ ହିଁ ଉକ୍ତ ଔଷଧ ଦୋକାନ ଚଳାଉଥିଲେ। ତେଣୁ ତାଙ୍କୁ ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ପଚରାଉଚରା କରାଯାଉଛି।



ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଲେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ

## ଗଞ୍ଜେଇ ମାଫିଆଙ୍କ ୨୨ ଲକ୍ଷର ସମ୍ପତ୍ତି ବାଜ୍ୟାପ୍ତି

- କୋଲକାତା କମ୍ପିଟେଣ୍ଟ ଅଥରିଟିଙ୍କ ନିର୍ଦ୍ଦେଶରେ କରାଯାଇଛି
- ୨୦୨୪ରେ ୨ ଗଞ୍ଜେଇ ବେପାରୀଙ୍କୁ ଧରିଥିଲା ଏସ୍‌ଟିଏଫ

ଭୁବନେଶ୍ୱର, ୧୦।୧୦(ସମିସ): ଗଞ୍ଜେଇ ମାଫିଆର ୨୨ଲକ୍ଷ ୫୮ ହଜାର ୯୧୦ ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଇଛି। ବିକାଶ କୁମାର ଦିଗାଲ ଏବଂ ସୌମ୍ୟରଞ୍ଜନ ଦିଗାଲଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିଛି ଏସ୍‌ଟିଏଫ। ଏନ୍‌ଡିପିଏସ୍ ଆଇନ୍ ଅନୁସାରେ ବେଆଇନ୍ ଉପାୟରେ ଅର୍ଜନ କରାଯାଇଥିବା ଏହି ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଇଛି। ୨୦୨୪ ଏପ୍ରିଲ ୪ତାରିଖରେ ୫୨ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୯ଟି ଗାଡିକୁ ଜବତ କରାଯାଇଥିଲା। ଏସ୍‌ଟିଏଫ ଏନେଇ ମାମଲା ରୁଜୁ କରି ବିକାଶ କୁମାର ଏବଂ ସୌମ୍ୟରଞ୍ଜନକୁ ଗିରଫ କରିଥିଲା। ଉଭୟଙ୍କ ଘର ଫୁଲବାଣୀ ସଦର କେରେଡି ଥାନା ଅଞ୍ଚଳରେ ଉଭୟଙ୍କ ଘର। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବ୍ୟବସାୟ କରନ୍ତି। ବାଜ୍ୟାପ୍ତି ସମ୍ପତ୍ତି ମଧ୍ୟରେ ୯ଟି ଗାଡ଼ି ଏବଂ ବ୍ୟାଙ୍କ୍ ଜମାରାଶି ରହିଛି। ୬ମାସ ମଧ୍ୟରେ ଏଭଳି ନିଶା କାରବାର କରି ବେଆଇନ୍ ଭାବେ ଟଙ୍କା ରୋଜଗାର କରିଥିଲେ। ଏସ୍‌ଟିଏଫ ଯାଞ୍ଚ କରିବା ପରେ ଏଭଳି ବେଆଇନ୍ ଉପାୟରେ କରାଯାଇଥିବା ଜଣାପଡ଼ିବା ପରେ କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟିଙ୍କ ପାଖକୁ ପଠାଯାଇଥିଲା। ସେଠାରୁ ଅନୁମତି ମିଳିବା ପରେ ଆଜି ୨ ନିଶା ମାଫିଆଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଇଛି।

**ଘରୁ ସୁନାଗହଣା ଚୋରି**

## ଘରୋଇ ସହାୟିକାଙ୍କ ସ୍ୱାମୀ ଗିରଫ



ଭୁବନେଶ୍ୱର, ୧୦।୧୦ (ସମିସ): ଘରୁ ସୁନାଗହଣା ଚୋରି କରିଥିବା ଅଭିଯୋଗରେ ଘରୋଇ ସହାୟିକାଙ୍କ ସ୍ୱାମୀକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୋଖରୀପୁଟ ଅଞ୍ଚଳରେ ରହୁଥିବା ବୁଗୁଡ଼ା ଥାନା ବାଲିପଦର ଗାଁର ସତ୍ୟବାନ ପଲେଇ ଓରଫ୍ କାଳିଆ (୨୭)। ପୁଲିସ ସୂଚନାନୁସାରେ, କାଳିଆର ପତ୍ନୀ ଲିଲି ପୋଖରୀପୁଟ ଅନନ୍ତ ବିହାରରେ ରହୁଥିବା ସନ୍ଧ୍ୟାରାଣୀ ଦାଶଙ୍କ ଘରେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ସନ୍ଧ୍ୟାରାଣୀ ଗତମାସ ୨୦ ତାରିଖ ଦିନ ଶେଷଥର ପାଇଁ ତାଙ୍କ ସୁନାଗହଣା ଦେଖିଥିଲେ। ୨୯ ତାରିଖ ଦିନ ପିନ୍ଧିବା ପାଇଁ ଖୋଜିବା ବେଳକୁ ଗହଣା କିଛି ମିଳିନଥିଲା। ସେହି ସମୟ ମଧ୍ୟରେ ବାହାର ଲୋକ କେହି ଆସିନଥିବା ବେଳେ ତାଲା ମଧ୍ୟ ଭଙ୍ଗା ହୋଇନଥିଲା। ତେଣୁ ସେ ଲିଲିଙ୍କୁ ସନ୍ଦେହ କରି ଏୟାରପୋର୍ଟ ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତ କରିବା ସହ ଲିଲିଙ୍କ ସ୍ୱାମୀ କାଳିଆ ଚୋରିରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ଗତକାଲି ବାଲିପଦର ସ୍ଥିତ ଘରେ ଚଢଉ କରି କାଳିଆକୁ କାବୁ କରିଥିଲା। ତା ଠାରୁ ୪ଟି ସୁନା ମୁଦି ଓ ୨ଟି ହୀରା ମୁଦି ଜବତ କରିଥିଲା।

## କଲେଜ ଫି ଟଙ୍କା ହଡ଼ପ; କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୦।୧୦ (ସମିସ): କଲେଜ ଫି ବାବଦ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ କର୍ମଚାରୀକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲେଶ୍ୱର ଜିଲ୍ଲା ଔପଦା ଥାନା ଗରୁଡ଼ ହାଟର ସନ୍ତୋଷ କୁମାର ରାଉତ (୪୦)। ପୁଲିସ ସୂଚନା ଅନୁଯାୟୀ, ଉମରକୋଟର ସେହେନାଜ ସୁଲତାନ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ ନର୍ସିଂ କଲେଜରେ ପଢୁଛନ୍ତି। କୋର୍ସ ଫି ଏକ ଲକ୍ଷ ୮୦ ହଜାର ଟଙ୍କା ହୋଇଥିବା ବେଳେ ସେହେନାଜ ଶିକ୍ଷାନୁଷ୍ଠାନର କର୍ମଚାରୀ ସନ୍ତୋଷକୁ ବିଭିନ୍ନ ପର୍ଯ୍ୟାୟରେ ୧ ଲକ୍ଷ ୫୬ ହଜାର ଟଙ୍କା ଦେଇଥିଲେ। କିନ୍ତୁ ସନ୍ତୋଷ ମାତ୍ର ଏକଲକ୍ଷ ଟଙ୍କା କଲେଜରେ ଦାଖଲ କରିଥିବା ବେଳେ ବାକି ୫୬ ହଜାର ଟଙ୍କା ଦାଖଲ କରିନଥିଲା। କଲେଜରୁ ଖବର ପାଇବା ପରେ ସନ୍ତୋଷକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଆଉ ଧରାଛୁଆଁ ଦେଇନଥିଲା। ଏନେଇ ଲକ୍ଷ୍ମୀସାଗର ଥାନାରେ ଏତଲା ଦେବାପରେ ପୁଲିସ ଗରୁଡ଼ ହାଟ ସ୍ଥିତ ଘରୁ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନାମରେ ପୂର୍ବରୁ ମଧ୍ୟ ଲକ୍ଷ୍ମୀସାଗର ଥାନାରେ ୨ଟି ଠକେଇ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୦।୧୦(ସମିସ): ସହିଦନଗର ଥାନା ଆନନ୍ଦବଜାର ନିକଟ ମନ୍ଦିର ନିକଟରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ପରୀଚୟ ମିଳିନଥିବା ବେଳେ ବେକରେ କପଡ଼ା ବାନ୍ଧି ଆତ୍ମହତ୍ୟା କରିଥିବା ଜଣା।ପଡ଼ିଛି। ହେଲେ ଏହାକୁ ସ୍ଥାନୀୟ ଲୋକ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। କାରଣ ମୃତ ବ୍ୟକ୍ତିଙ୍କ ମୁହଁରେ ମାଡ଼ ଚିହ୍ନ ଦେଖିବାକୁ ମିଳିଛି।

**ଆଶ୍ରମ ଗୁଳିକାଣ୍ଡ ଘଟଣା**

## ଦୁଇ ଅଟକ; ବନ୍ଧୁକ ଓ ଗୁଳି ଜବତ

ଭୁବନେଶ୍ୱର, ୧୦।୧୦ (ସମିସ): ଦେଉଳିଆପାଟଣାସ୍ଥିତ ଭାଇ ଭାଇ ଆଶ୍ରମ ଗୁଳିକାଣ୍ଡ ଘଟଣାରେ ଦୁଇ ଜଣଙ୍କୁ ଉଠାଇ ଆଣିଛି କମିସନରେଟ ପୁଲିସ। ସେମାନଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଗତ ରବିବାର ସନ୍ଧ୍ୟାରେ ଦେଉଳିଆ ପାଟଣା ସ୍ଥିତ ଆଶ୍ରମରେ ପୂଜାର୍ଚ୍ଚନା ଚାଲିଥିଲା। ଜଗତସିଂହପୁର ସୁନୀଲ କୁମାର ବାରିକ ଓରଫ୍ ସୋନୁଙ୍କ ସମେତ ଅନେକ ଶ୍ରଦ୍ଧାଳୁ ମଠରେ ଉପସ୍ଥିତ ଥିଲେ। ସେହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସିଥିଲେ। ଜଣେ ବାହାରେ ଅପେକ୍ଷା କରିଥିବା ବେଳେ ଆଉଜଣେ ହଠାତ୍ ଆଶ୍ରମ ଭିତରେ ପଶିଥିଲା। ଦୁର୍ବୃତ୍ତ ଜଣକ ହଠାତ୍ ସୋନୁଙ୍କ ଉପରକୁ ଗୁଳି ଚଳାଇଥିଲା। ଶବ୍ଦ ଶୁଣି ଆଉଜଣେ ସହଯୋଗୀ ଚାଲି ଆସିବାରୁ ତାଙ୍କ ଉପରକୁ ମଧ୍ୟ ଗୁଳି ଚଳାଇଥିଲା ଦୁର୍ବୃତ୍ତ। ଦୁର୍ବୃତ୍ତ ଜଣକ ସୋନୁ ଓ ତାଙ୍କ ସହଯୋଗୀଙ୍କ ଉପରକୁ ସମୁଦାୟ ୫ ରାଉଣ୍ଡ ଗୁଳି ଚଳାଇଥିଲା। ସୋନୁଙ୍କ ଛାତି, ପେଟ, ହାତ ଓ ପିଚାରେ ଗୁଳି ବାଜିଥିବା ବେଳେ ସହଯୋଗୀଙ୍କ ପେଟରେ ଗୋଟିଏ ଗୁଳି ଘଷି ହୋଇ ପଳାଇ ଯାଇଥିଲା। ଗୁରୁତର ସୋନୁଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେବି ସେ ଚିକିତ୍ସାଧୀନ ଅଛନ୍ତି।

ଘଟଣାସ୍ଥଳ ଓ ଆଖପାଖରେ ସିସିଟିଭି କ୍ୟାମେରା ନଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଥିଲା। ଇନଫୋସିଟି ଥାନା ପୁଲିସ ଓ ସ୍ୱ?ଶାଳ ସ୍କ୍ୱାଡ ଏହି ମାମଲାର ତଦନ୍ତ କରୁଥିବା ବେଳେ ଆଜି ଦୁଇଜଣ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ସେମାନଙ୍କ ଠାରୁ ବନ୍ଧୁକ ଓ ଗୁଳି ଜବତ କରିଛି। ଉଭୟଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ଏଭଳି କାଣ୍ଡ ଭିଆଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ତେବେ ଏହି ଗୁଳିକାଣ୍ଡରେ ଆଉ କେଉଁ ମାନେ ସମ୍ପୃକ୍ତ ଅଛନ୍ତି, ସେ ଦିଗକୁ ନେଇ ଖୋଳତାଡ଼ କରୁଛି।

## କଳାଭୂମି ପକ୍ଷରୁ ତିନିଜଣଙ୍କୁ 'ଅହିଂସା ସମ୍ମାନ'

ଭୁବନେଶ୍ୱର, ୧୦।୧୦(ସମିସ): କଳାଭୂମି ପକ୍ଷରୁ ଅହିଂସା ଉତ୍ସବ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ଅବସରରେ କଳାଭୂମିର ଅଧ୍ୟକ୍ଷ ଡ. ପ୍ରମୋଦ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ସାଂସଦ ଡ. ବିଭୁ ପ୍ରସାଦ ତରାଇ, ବିଶିଷ୍ଟ ଭାଷା ବିଜ୍ଞାନୀ ପ୍ରଫେସର ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଅନୁଷ୍ଠାନର ଉପଦେଷ୍ଟା ପବିତ୍ର ମୋହନ ଦାସ ପ୍ରମୁଖ ଯୋଗଦେଇ ଗାନ୍ଧୀ ବିଚାରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ 'ସତ୍ୟ ଓ ଅହିଂସା'ର ମାର୍ଗକୁ ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡ. ପ୍ରଭାତ କୁମାର ଦାଶ, ଚିକିତ୍ସା ତଥା ସମାଜସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୁର୍ଲାର ଏକ ଟଙ୍କିଆ ଡାକ୍ତର ଡ. ଶଙ୍କର ରାମଚନ୍ଦାନୀଙ୍କୁ 'ଅହିଂସା ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିବା ବେଳେ ବିଧାୟକ ନବୀନ କୁମାର ଜୈନଙ୍କୁ 'ଅହିଂସା ପାଳକ' ଭାବେ ସମ୍ମାନୀତ କରାଯାଇଥିଲା। ଏହାସହ ଅହିଂସା ଉତ୍ସବ ପାଇଁ କଳାଭୂମିଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଗୁରୁ ପ୍ରଶାନ୍ତ କୁମାର



ପାତ୍ରୀ, ସତ୍ୟବାନ ସେଠୀଙ୍କ ଦ୍ୱାରା 'ଅହିଂସା ଫ୍ୟୁଜନ' ପରିବେଷିତ ହୋଇଥିଲା। ଏହାସହ କଟକର ସୁର ମନ୍ଦିର ଅନୁଷ୍ଠାନ ର ଓଡ଼ିଶୀ ନୃତ୍ୟ ଗୁରୁ ଜ୍ୟୋତ୍ସ୍ନା ସାହୁ ଓ ସାଥୀ କଳାକାରମାନେ ଓଡ଼ିଶାର ପର୍ବପର୍ବାଣୀ ଉପରେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

## ଆଜିଠାରୁ ଓଡ଼ିଶା ହେମାଟୋଲୋଜିର ବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର, ୧୦।୧୦(ସମିସ): ଓଡ଼ିଶା ହେମାଟୋଲୋଜିର ୧୫ତମ ବାର୍ଷିକ ସମ୍ମିଳନୀ ଆସନ୍ତା ୧୧ ଓ ୧୨ ତାରିଖ ଦୁଇଦିନ ଧରି ମେଫେୟାର କନଭେନସନ୍ ସେଣ୍ଟର୍‌ରେ ଅନୁଷ୍ଠିତ ହେବ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୩୫ ଜଣ ଜାତୀୟ ଫାକଲ୍‌ଟି ଯୋଗ ଦେବେ। ପ୍ରଫେସର ମାଗେନ୍ ଚାଣ୍ଡି, ପ୍ରଫେସର ତପନ ସାଇକିଆ, ପ୍ରଫେସର ହରପ୍ରସାଦ ପତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ଓଡ଼ିଶାରୁ ୩୦୦ରୁ ଅଧିକ ଡାକ୍ତର ଅଂଶଗ୍ରହଣ କରିବେ। ଓଡ଼ିଶାରେ ସିକଲ୍ ସେଲ୍‌ଫ ରୋଗୀଙ୍କ ସଂଖ୍ୟା ସର୍ବାଧିକ ଥିବାରୁ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯିବ। ଅକ୍ଟୋବର ୧୨ରେ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ନୀଶୁଳ୍କ କୁଇଜ୍ ଆୟୋଜିତ ହେବ ଏବଂ ପ୍ରାୟ ୬୦ଟି ଗବେଷଣା ନିବନ୍ଧ ଉପରେ ଆଲୋଚନା କରାଯିବ। ଏହି ଅବସରରେ ପ୍ରଫେସର ଆର.କେ. ଜେନା କହିଛନ୍ତି, ହେମାଟୋଲୋଜି ଦ୍ରୁତ ପ୍ରଗତିଶୀଳ ବିଭାଗ। ଏହି ସମ୍ମିଳନୀ ଓଡ଼ିଶାର ରୋଗୀ ସେବାକୁ ଉନ୍ନତ କରିବ। ଆୟୋଜନ ସଚିବ ଡ. ପ୍ରୀତିଶ ଚନ୍ଦ୍ର ପାତ୍ର କହିଛନ୍ତି, 'ରକ୍ତ କର୍କଟ ରୋଗଗୁଡ଼ିକର ଚିକିତ୍ସା ଯୋଗ୍ୟ ହେମାଟୋଲୋଜିଷ୍ଟଙ୍କ ଦ୍ୱାରା ସର୍ବୋତ୍ତମ ହୋଇପାରିବ।

## ବିଏମ୍‌ସିର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭୁବନେଶ୍ୱର, ୧୦।୧୦(ସମିସ): ୟୁନିଟ୍-୬ କଲ୍ୟାଣ ମଣ୍ଡପଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ବିଏମ୍‌ସିର ମିଳିତ ଆନୁକୂଲ୍ୟରେ ଚାଲିଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୪-୨୫ ଓ ବୟୋଶ୍ରୀ ମେଳାକୁ ମେୟର ସୁଲୋଚନା ଦାସ ବୁଲି ଦେଖିଲେ। ଶ୍ରୀମତୀ ଦାସ ଶିବିର ପରିଦର୍ଶନ କରି ଭିନ୍ନକ୍ଷମଙ୍କୁ ବସ ପାସ୍ ପ୍ରଦାନ କରିଥିଲେ। ଏଥିପାଇଁ ଭିନ୍ନକ୍ଷମମାନେ ସେମାନଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର, ଆଧାରକାର୍ଡ, ରାସନ କାର୍ଡ/ଭତ୍ତା କାର୍ଡ/ଆୟ ପ୍ରମାଣପତ୍ର, ପାସପୋର୍ଟ ଫଟୋ, ବ୍ୟାଙ୍କ ପାଶ୍ ବୁକ୍, ନିଜ ନାମରେ ଥିବା ଜମିପଟ୍ଟା ଆଦି କାଗଜାତ ସଙ୍ଗରେ ଆଣିବା ଦରକାର। ବିଏମ୍‌ସି ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମମାନେ କିପରି ସରକାରଙ୍କର ଉପଲବ୍ଧ ସୁବିଧା ନିଜର ଭିନ୍ନକ୍ଷମ ସ୍ଥିତି ଅନୁସାରେ ପାଇ ପାରିବେ ସେଥିପାଇଁ ଏହି କ୍ୟାମ୍ପ କରାଯାଇଛି ବୋଲି କମିସନର ଚଞ୍ଚଳ ରାଣା କହିଛନ୍ତି।

**ଝାଁଲା କପ୍-୨୦୨୫**

## ସେମି ଫାଇନାଲ୍‌ରେ ଭାଲିଆବାଡ଼ି ଓ ଝାଁଲା




ଝାଁଲା, ୧୦।୧୦(ସମିସ): ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଝାଁଲା କପ୍‌ରେ ତୃତୀୟ କ୍ୱାର୍ଟର ଫାଇନାଲରେ ସୁଆଙ୍ଗକୁ ୫ ରନ୍‌ରେ ହରାଇ ଭାଲିଆବାଡ଼ି ସେମିଫାଇନାଲରେ ପ୍ରବେଶ କରିଛି। ଭାଲିଆବାଡି ଦଳର ଆଶୁତୋଷ ମହାପାତ୍ର ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲା ବେଳେ ଚତୁର୍ଥ କ୍ୱାର୍ଟର ଫାଇନାଲରେ କଲ୍ୟାଣପୁରକୁ ୧୦ ଉଇକେଟରେ ହରାଇ ଝାଁଲା ସେମିଫାଇନାଲରେ ପ୍ରବେଶ କରିଛି। ଝାଁଲା ଦଳର ପ୍ରତାପ ବେହେରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଚିତ୍ତରଞ୍ଜନ ସ୍ୱାଇଁ, କ୍ରିଷ୍ଣା ଶେଖର ପ୍ରଧାନ ଓ ରଶ୍ମି ରଞ୍ଜନ ବଡଜେନା ମ୍ୟାଚ୍ ପରିଚାଳନା କରିଥିଲେ।

# ମଞ୍ଚରେ ମନମୋହୁଛି ଉପନ୍ୟାସ କାହାଣୀ

- ବିଦେଶରେ ମଞ୍ଚସ୍ଥ ହେଉଛି ଓଡ଼ିଆ ଜାତିର ଜୀବନ କଥା
- ଓଡ଼ିଆ ନାଟକରେ ଅଭିନୟ କରୁଛନ୍ତି ବିଦେଶୀ କଳାକାର

ଭୁବନେଶ୍ୱର, ୧୦।୧୦(ସମିସ): ଲେଖକଙ୍କ କାଳଜୟୀ ଉପନ୍ୟାସକୁ ବହିରୁ ଆଣି ବଡ଼ ପରଦା ସହିତ ଛୋଟ ପରଦାରେ ମଧ୍ୟ ଦର୍ଶକମାନଙ୍କ ସାମ୍ନାରେ ଚିତ୍ରିତ କରାଯାଇଛି। ଏଥିମଧ୍ୟରୁ ବାଦ୍ ପଡ଼ିନାହିଁ ମଞ୍ଚ ନାଟକ। ଗଳ୍ପ, ଉପନ୍ୟାସ ସବୁକୁ ବହିରୁ ଆଣି ମଞ୍ଚସ୍ଥ କରାଯାଉଛି। ଉପନ୍ୟାସର ନାଟକ କେବଳ ଆଞ୍ଚଳିକ ସ୍ତରରେ ନୁହେଁ ଦେଶ ବିଦେଶରେ ମଧ୍ୟ ଆଦୃତ ଲାଭ କରି ପାରିଛି।

ରାଜଧାନୀରେ ମଧ୍ୟ ଅନେକ ମଞ୍ଚ ନାଟକ ଗଢ଼ି ଉଠିଛି। ଆଉ ପ୍ରତିଦିନି ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପରେ ବିଭିନ୍ନ ପ୍ରକାରର ନାଟକ ମଞ୍ଚସ୍ଥ କରାଯାଉଛି। ଏହି ମଞ୍ଚସ୍ଥ ହେଉଥିବା ନାଟକ ମଧ୍ୟରେ କେବେ କେବେ ପାରିବାରିକ କାହାଣୀକୁ ନେଇ ନାଟକ ରହୁଛି ତ ଆଉ କେବେ ସାମ୍ପ୍ରତିକ, ଆର୍ଥିକ, ସାମାଜିକ କଥାବସ୍ତୁକୁ ନେଇ ନାଟକ ମଞ୍ଚସ୍ଥ କରାଯାଉଛି। ଏହି ସବୁ ମଧ୍ୟରେ ମଧ୍ୟ ମଞ୍ଚ ନାଟକରେ ସାହିତ୍ୟକୁ



ସ୍ୱତନ୍ତ୍ର ସ୍ଥାନ ଦିଆଯାଉଛି। ପୂର୍ବରୁ ଓଡ଼ିଆ ସାହିତ୍ୟ ଜଗତକୁ ଭେଟି ଦେଇଥିବା ଲେଖକଙ୍କର ଉପନ୍ୟାସ, ଗଳ୍ପ ଆଦିକୁ ନେଇ ନାଟକ ମଞ୍ଚସ୍ଥ କରାଯାଇଛି।

ଫକୀରମୋହନସେନାପତିଙ୍କକାଳଜୟୀଉପନ୍ୟାସ 'ଛମାଣ ଆଠ ଗୁଣ୍ଠ', 'ଲଛମା' 'ରେବତୀ'ଗୋପିନାଥ ମହାନ୍ତିଙ୍କ 'ମଟିର ମଣିଷ', ଉପେନ୍ଦ୍ର କିଶୋର ଦାସଙ୍କର 'ମଲ୍ଲାଜହ୍ନ', ସୁରେନ୍ଦ୍ର ମହାନ୍ତିଙ୍କର 'ଆହେ ନୀଳ ଶୈଳ' କାହ୍ନୁ ଚରଣ ମହାନ୍ତିଙ୍କର 'ଶାସ୍ତ୍ରୀ', 'ବାଲିରାଜା', ମନୋଜ ଦାସଙ୍କର 'କନକ ଉପତ୍ୟାକାର କାହାଣୀ' ପଣ୍ଡିତ ଗୋଦାବରିଶ ମିଶ୍ରଙ୍କର '୧୮୧୭' ଉପେନ୍ଦ୍ର ଭଞ୍ଜଙ୍କର କାବ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଗଙ୍ଗାଧର ମେହେରଙ୍କର କାବ୍ୟ 'ତପସ୍ୱିନୀ' ସହଦେବ ସାହୁଙ୍କର ଗଳ୍ପ 'ମାଲ୍‌ଖାନା', ରବିନାରାୟଣ ସେନାପତିଙ୍କ ଗଳ୍ପ 'ଅତୃପ୍ତ ଇଚ୍ଛାର ଜହ୍ନ'ପରି ଅନେକ ଉପନ୍ୟାସ, ଗଳ୍ପ, କାବ୍ୟ ଆଦିକୁ ନାଟକ ମାଧ୍ୟମରେ ମଞ୍ଚସ୍ଥ କରାଯାଇଛି। ଏହିପରି ମଧ୍ୟ ଶତାବ୍ଦୀର କଳାକାର ହେଉ ଅବା ନାଟ୍ୟ ଚେତନା କିମ୍ବା ଅଜିତ୍ ନାଟ୍ୟ ସଂସ୍ଥା ପରି ଅନେକ ନାଟ୍ୟ ସଂସ୍ଥା ପକ୍ଷରୁ ମଧ୍ୟ ବିଭିନ୍ନ ଉପନ୍ୟାସ, ଗଳ୍ପ, କାବ୍ୟକୁ ନେଇ ନାଟକ ପ୍ରସ୍ତୁତ କରାଯାଇ ଦର୍ଶକଙ୍କ ଆଗରେ ମଞ୍ଚସ୍ଥ କରାଯାଇଛି।

ଆମ ବହୁତ ସୁନ୍ଦର ଉପନ୍ୟାସ ଆଉ କାହାଣୀ ରହିଛି। ହେଲେ ଏହି ଉପନ୍ୟାସ ଓ କାହଣୀ ପାଠକଙ୍କ ପାଖରେ ପହଁଚି ପାରୁନାହିଁ। ଏଣୁ ଏହି ଉପନ୍ୟାସକୁ ଆଣି ଲୋକଙ୍କ ପାଖରେ ପହଁଚାଇବା ପାଇଁ ଚେଷ୍ଟା କରୁଛୁ। ମନରୁ ନାଟକ ଲେଖିବା ଅପେକ୍ଷା ଯଦି ସାହିତ୍ୟକ ମାନଙ୍କ ଲେଖାକୁ ନାଟକ ରୂପ ଦେଇ ପାରୁଛୁ ଏହା ସମସ୍ତଙ୍କ ପାଖରେ ଆଦୃତ ଲାଭ କରିପାରୁଛି ବୋଲି ନାଟ୍ୟକାର ଧିର ମଲ୍ଲିକ୍ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଆଜିକା ଦିନରେ କିଏ ମାମୁ, ଲଛମା, ଛ ମାଣ ଆଣ୍ଠ ଗୁଣ୍ଠକୁ ପଢୁଛନ୍ତି। ଲୋକଙ୍କ ପାଖରେ ସମୟ ନାହିଁ। ହେଲେ ଏହାକୁ ନାଟକ କରିଲେ କିଛି ସମୟ ପାଇଁ ହେଉ ସମସ୍ତେ ଏକାଠି ବସି ଦେଖନ୍ତି ବୋଲି ସେ କହିଛନ୍ତି।

ଡ଼ାକମୁନିସ୍ କୁ ବାବୁ ନାମରେ, ରେବତୀକୁ ରେବ ନାମରେ ନାଟକ କରାଯାଇଥିବା ବେଳେ ବହଙ୍ଗ ବିପ୍ଳବକୁ ଚିରିଙ୍ଗ୍ ଚିରିଙ୍ଗ୍ ନାମ ଦେଇ ନାଟକ କରାଯାଇଛି। ଏଥିସହିତ ଆମ ଓଡ଼ିଆ ଉପନ୍ୟାସକୁ ନେଇ ୟୁରୋପରେ ମଧ୍ୟ 'ରେବତୀ'କୁ ନେଇ ନାଟକ କରାଯାଇଛି। ବିହଙ୍ଗ ବିପ୍ଳବ ନାଟକରେ ସାଉଥ୍ କୋରିଆର ଲୋକମାନେ ଆସି ନାଟକ କରିଛନ୍ତି। ସେମାନଙ୍କୁ ପ୍ରଥମେ ବୁଝାଯାଏ ପରେ ସେମାନେ ଓଡ଼ିଆରେ ନାଟକ କରିଥାନ୍ତି ବୋଲି ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ କହିଛନ୍ତି।



### ସୋସିଆଲ୍ ମିଡ଼ିଆ ଉପରେ ରହୁନି କମିସନରେଟ୍ ପୁଲିସର ନଜର

# କୁଆଡ଼େ ଗଲା ମନିଟରିଂ ଟିମ୍

ଭୁବନେଶ୍ୱର, ୧୦।୧୦(ସମିସ): ନିକଟରେ କଟକରେ ଦଶହରା ପୂଜା ଭସାଣିରେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସା ଘଟିଛି। ହଜାର ବର୍ଷର ଭାଇଚାରା ସହରରେ ଅଶାନ୍ତି ଘଟିଲା। ହେଲେ ଏହି ହିଂସାକୁ ଉସ୍କାଇବା ପଛରେ ସୋସିଆଲ ମିଡ଼ିଆରେ ବଡ଼ ହାତ। କିଛି ଖଳ ପକୃତିର ଲୋକ ସୋସିଆଲ ମିଡ଼ିଆରେ ଭିଡ଼ିଓ ଏଡିଟ୍ କରି ଛାଡିବା ସହ ଗୁଜବ କଲେ। ଯାହାକି ସୋସିଆଲ ମିଡ଼ିଆରେ ପବନ ବେଗରେ ମାଡ଼ିଗଲା। ଯାହାକି ଗଣ୍ଡଗୋଳକୁ ଉସ୍କାବା ପାଇଁ ବଳ ପାଇଲା। ଯେଉଁଥିପାଇଁ କଟକରେ ଭାଇଚାରା ସହରରେ ହିଂସା ଦେଖିବାକୁ ମିଳିଲା। କମିସନରେଟ୍ ପୁଲିସ ପୂର୍ବରୁ ବହୁ ବଡ଼ବଡ଼ କଥା କହି ବୁଲୁଥିଲା। ଆମର ସୋସିଆଲ ମନିଟରିଂ ସେଲ ରହିଛି। ସୋସିଆଲ ମିଡ଼ିଆ ଉପରେ କଡ଼ା ନଜର ରଖାଯାଇଛି। କିଏ ଅଶ୍ଳୀଳ କିମ୍ବା ଅନ୍ୟକିଛି ଉସ୍କାଇବା ତଥା ବଦନାମ କରିବା ଭଳି ଭିଡ଼ିଓ ପୋଷ୍ଟ କଲେ ଏହାକୁ ତୁରନ୍ତ କଟାଯିବ। ଆଉ ଛଡ଼ାଯାଇଥିବା ଆଇଡି ଧାରି ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ କଣ ହେବ କମିସନ୍‌ରେଟ୍ ପୁଲିସ ଅନ୍ୟ ରାଜ୍ୟ ପୁଲିସ ଠାରୁ ପଛରେ ପଡ଼ିଛି। ପୁଲିସ ଠିକ୍ ସମୟରେ ସୋସିଆଲ ମିଡ଼ିଆ ମନିଟରିଂ କରିପାରିଲା ନାହିଁ। ଆଉ ଯେଉଁଥି ପାଇଁ ଥରେ ଗଣ୍ଡଗୋଳ ପରେ ହିଂସା ବଢ଼ିଲା ବୋଲି କୁହାଯାଉଛି।



ରାତି ପାଇଲେ ଲୋକେ ସୋସିଆଲ ମିଡ଼ିଆରେ ସମୟ କାଟୁଛନ୍ତି। କିଛି ଲୋକ ସମାଜ ହିଂସା ଏବଂ କୁବାର୍ତ୍ତା ସୃଷ୍ଟି କରିବା ପାଇଁ ଅଶ୍ଳୀଳ କଣ୍ଟେଣ୍ଟ ପକାଉଛନ୍ତି। ରାତିଆ ରାତି ଟଙ୍କା ରୋଜଗାର କରିବା ଆଶାରେ ଅନେକ ୟୁ୍ୟ-ଟୁ୍ୟବ୍ ଚ୍ୟାନେଲ୍ କରି ସେଥିରେ ଅଶ୍ଳୀଳ କଣ୍ଟେନ୍ ପକାଉଛନ୍ତି। ଫଳରେ ଏହା ଖୁବ୍ ଶୀଘ୍ର ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଯାଉଛି। ଏହାଦ୍ୱାରା ସମାଜ ଉପରେ ଏହାର କୁପ୍ରଭାବ ପଡୁଛି। ବିଶେଷ କରି ୟୁ୍ୟ-ଟୁ୍ୟବ୍ ଘାଣ୍ଟୁଥିବା ଛୋଟ ଛୋଟ ପିଲାଙ୍କ ଉପରେ ଏହାର କୁ-ପ୍ରଭାବ ପକାଉଛନ୍ତି। ତାହା ସହ ବିଭିନ୍ନ ଧର୍ମିକ ବ୍ୟକ୍ତିଙ୍କୁ ଏହା ଆଘାତ ହେଉଛି। କିନ୍ତୁ ଏସବୁ ରୋକିବାରେ ପୁଲିସ ବିଫଳ ହେଉଛି। କଟକ ହିଂସା ପରେ ଭରତପୁର ଥାନା ପୁଲିସ ଜଣଙ୍କୁ ଗିରଫ କଲା। ହେଲେ ଯଦି ଏହା ପୂର୍ବରୁ ଯେଉଁମାନେ ସୋସିଆଲ ମିଡ଼ିଆରେ ମାଳ ମାଳ ଆପତ୍ତି ଜନକ ଭିଡ଼ିଓ ଏବଂ ବାର୍ତ୍ତା ଦେଉଥିଲେ। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ। ଏତେଟା ହିଂସା ଘଟି ନଥାନ୍ତା। ଯେଉଁମାନେ ଧର୍ମ ବିରୋଧି ବାର୍ତ୍ତା, ଅଶ୍ଳୀଳ କଣ୍ଟେନ୍ କିମ୍ବା ଛୋଟ ପିଲାଙ୍କ ଉପରେ ପକାଉଥିବା ଭିଡ଼ିଓ, ଫଟୋ। ଛାଡୁଛନ୍ତି। ତୁରନ୍ତ ସେମାନଙ୍କ ଆଇପି ଠିକଣା ଯାଞ୍ଚ କରାଯାଇ ଘରେ ପୁଲିସ ପହଞ୍ଚି ଗିରଫ କଲେ ସେମାନେ ସାବାଡ଼ ହେବେ। ସେମାନଙ୍କ କମ୍ପ୍ୟୁଟର ଜବତ କରିବା ସହ ଆଇଟି ଆକ୍ଟରେ ଗିରଫ କରିବା ସହ ଉକ୍ତ ଚ୍ୟାନେଲକୁ ବ୍ୟାନ୍ କରିବା ଆବଶ୍ୟକ।

**କଟକ ହିଂସା ପାଇଁ ସୋସିଆଲ ମିଡିଆ ଦାୟୀ**

**ୟୁ୍ୟ-ଟୁ୍ୟବ୍, ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାରେ ଏକାଧିକ ଭିଡିଓ ଛଡ଼ାଯାଇଛି**

**ଯିଏ ପାଇଲା ଧର୍ମକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି**

**ପୁଲିସ କେବେ ଆଣିବ ଅତ୍ୟାଧୁନିକ ଟେକ୍ନୋଲୋଜି**

### ଅଶ୍ଳୀଳ ଖବର ପାଇଁ ପୁଲିସ ନେବ କଡ଼ା କାର୍ଯ୍ୟାନୁଷ୍ଠାନ

ଏବେ ଗତ କିଛିଦିନ ହେବ ସୋସିଆଲ ମିଡ଼ିଆରେ ବିଭିନ୍ନ ଅଶ୍ଳୀଳ ଖବର ଅପ୍‌ଲୋଡ୍ କରୁଛନ୍ତି। କିନ୍ତୁ ସେମାନଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଯେଉଁଥି ପାଇଁ ଏଭଳି ଭିଡ଼ିଓ ଏବଂ ପୋଷ୍ଟ ଛାଡୁଥିବା ବ୍ୟକ୍ତି ୟୁ-ଟ୍ୟୁବ୍‌ରୁ ଟଙ୍କା ରୋଜଗାର କରୁଛନ୍ତି। ପୁଲିସର ସୋସିଆଲ ମନିଟରିଂ ଟିମ୍ ଏଭଳି କଣ୍ଟେଣ୍ଟ ଛାଡୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଚ୍ୟାନେଲ ବ୍ୟାନ୍ କରିବା ସହ ଗିରଫ କରି ସାବାଡ଼ ହେବେ ବୋଲି କୁହାଯାଉଛି।

## ଟଙ୍କା ଓ ଗହଣା ଚୋରି; ରୋଷେୟା ଗିରଫ

### ବେଟିଂ ଆପ୍‌ରେ ହରାଇଲେ ୬ ଲକ୍ଷ



ନନ୍ଦନକାନନ, ୧୦।୧୦(ସମିସ): ନନ୍ଦନକାନନ ଥାନା ପଦାସାହି ଡ୍ରିମ ଭିଲ୍ଲାରେ ରହୁଥିବା ଗୋଟେ ଦମ୍ପତିଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କ ରୋଷେୟା ଓ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ନୀଳମାଧବ ସାହୁ (୨୮) ନାମକ ଜଣେ ଯୁବକକୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଚୋରି କରିବା ଅଭିଯୋଗରେ ନନ୍ଦନକାନନ ପୁଲିସ ଗିରଫ ହୋଇ କୋର୍ଟ ଚଲାଣ କରିଛି। ପୁଲିସ ସୂଚନା ଅନୁସାରେ ଅଭିଯୁକ୍ତ ନୀଳମାଧବ ସାହୁ ନମିତା ପଟ୍ଟନାୟକଙ୍କ ଘରେ ଗତ ଜୁଲାଇ ମାସରୁ ରୋଷେୟା ତଥା ଡ୍ରାଇଭର ଭାବେ କାମ କରୁଥିଲେ। ଇତିମଧ୍ୟରେ କୌଶଳକ୍ରମେ ସେ, ନମିତାଙ୍କ ଅଜ୍ଞାତସାରରେ ତାଙ୍କର ଏଟିଏମ କାର୍ଡ ଏବଂ ପାସୱାର୍ଡ ହତେଇବା ସହ ଉକ୍ତ ଏଟିଏମ କାର୍ଡ ବ୍ୟବହାର କରି ଏକ କ୍ରିକେଟ ବେଟିଙ୍ଗ ଆପରେ ପ୍ରାୟ ୪, ୦୫, ୮୯୨ ଟଙ୍କା ଖର୍ଚ୍ଚ କରିଦେଇଥିଲେ। ଏହା ବ୍ୟତୀତ ଅଭିଯୁକ୍ତ ଜଣକ ନମିତାଙ୍କ ଘରୁ ଏକ ସୁନା ଚେନ, ଗୋଟିଏ ସୁନା ମୁଦି ଏବଂ ଦୁଇହଳ କାନଫୁଲ ଚୋରିକରି ନେଇ ସେଗୁଡିକୁ ଗୋଲ୍ଡ କ୍ୟାସ୍ ଲିମିଟେଡ ସଂସ୍ଥାରେ ବନ୍ଧକ ରଖି ମୋଟ ୨, ୩୨, ୧୦୦ ଟଙ୍କା ଆଣିବା ସହ ସବୁ ତକ ଟଙ୍କା ସମ୍ପୃକ୍ତ କ୍ରିକେଟ ବେଟିଙ୍ଗ ଆପରେ ଖର୍ଚ୍ଚ କରିଦେଇଥିଲେ। ଆକାଉଣ୍ଟରୁ ଟଙ୍କା ହେରଫେର ହେବା ନେଇ ଅବଗତ ହେବାପରେ, ଅଭିଯୋଗକାରିଣୀ ଏନେଇ ଥାନାରେ ଅଭିଯୋଗ କରିଥିଲେ।

ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ କାବୁ କରିଥିଲେ। ପଚରାଉଚରା ସମୟରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ଏଥି ସହିତ ନନ୍ଦନକାନନ ଥାନା ଅଧିକାରୀ ଦୟାନିଧି ନାୟକ ନନ୍ଦନକାନନ ଥାନା ଅନ୍ତର୍ଗତ ଯେ କୌଣସି ଆପାର୍ଟମେଣ୍ଟ ହେଉ ଅବା ଘରମାଲିକ ନିଜ ଘରଭଡା କାହାକୁ ଦେଉଛନ୍ତି ଓ କାହାକୁ ନିଜ ଘରେ କାର୍ଯ୍ୟରେ ରଖୁଛନ୍ତି ତାହାର ସବିଶେଷ ତଥ୍ୟ ଥାନାରେ ଦେବା ପାଇଁ ନିବେଦନ କରିଛନ୍ତି।

## ମାରଣାସ୍ତ୍ର ଧରି ଧମକ; ଯୁବକ ଗିରଫ



ହଂସପାଳ, ୧୦।୧୦(ସମିସ): ମାରଣାସ୍ତ୍ର ଦେଖାଇ ଧମକ ଦେବା ଅଭିଯୋଗରେ ପାହାଳ ଥାନା ପୋଲିସ ଅଭିଯୋଗକାରୀ ଜିତେନ୍ଦ୍ର ନାୟକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ହରିଦାସପୁରର ବିଜୟ କୁମାର ଖଟୁଆ (୪୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ଅଭିଯୋଗକାରୀ ନହରକଣ୍ଟା ସ୍ୱାଇ କ୍ଲବର ସଭାପତି ଅଛନ୍ତି। ଗତ କାଲି ସନ୍ଧ୍ୟାରେ ନହରକଣ୍ଟା ଠାରେ ଥିବା ଲକ୍ଷ୍ମୀ ପୂଜା ମଣ୍ଡପ ନିକଟରେ ପୂଜା କରିବା ଲାଗି ଭକ୍ତଙ୍କର ଜନସମାଗମ ଲାଗିରହିଥିଲା। ଠିକ ଏହି ସମୟରେ ବିଜୟ ଏକ ଗୁପ୍ତି ଧରି ଆସି ସେଠାରେ ପହଞ୍ଚିଥିଲେ ଏବଂ କ୍ଲବର ସମସ୍ତ ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ଜୀବନରୁ ମାରିବାର ଧମକ ଦେଇଥିଲେ। ସମ୍ପୃକ୍ତ କ୍ଲବର ସଦସ୍ୟ ମାନେ ବିଜୟର ଏତାଦୃଶ କାର୍ଯ୍ୟକଳାପର ବିରୋଧ କରିବାରୁ ବିଜୟ ଅତ୍ୟଧିକ ଉତ୍ତେଜିତ ହୋଇ ସେମାନଙ୍କୁ ପୁନର୍ବାର ଭୟଙ୍କର ପରିଣାମର ଧମକ ଦେଇଥିଲେ। ବହୁ ପ୍ରୟାସ ପରେ କ୍ଲବର ସଦସ୍ୟମାନେ ବିଜୟକୁ କାବୁ କରି ତାଙ୍କ ହାତରୁ ମାରଣାସ୍ତ୍ରକୁ ଛଡାଇ ନେଇଥିଲେ ମଧ୍ୟ ବିଜୟ କୌଶଳ କ୍ରମେ ଖସି ପଳାଇ ଯାଇଥିଲେ। ଏନେଇ କ୍ଲବ୍‌ର ସଭାପତି ଜିତେନ୍ଦ୍ର ପାହାଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ମାମଲାର ତଦନ୍ତ କରିବା ସହ ବିଜୟକୁ ଗିରଫ କରିଥିବା ବେଳେ, ସମ୍ପୃକ୍ତ ମାରଣାସ୍ତ୍ରକୁ ଜବତ କରିଥିଲେ। ପଚରାଉଚରା ବେଳେ ବିଜୟ ତାଙ୍କର ଦୋଷ ସ୍ୱୀକାର କରିଥିଲେ। ବିଜୟଙ୍କ ନାମରେ ପୂର୍ବରୁ ମଧ୍ୟ ପାହାଳ ଥାନା ଓ ମଞ୍ଚେଶ୍ୱର ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ଟିପି-୮ ଡ୍ରାଫ୍ଟକୁ ସରକାରୀ ଅନୁମୋଦନ

### ସୁଦୃଢ଼ ହେବ ଭୁବନେଶ୍ୱରର ସହରାଞ୍ଚଳ ଯୋଜନା



ଭୁବନେଶ୍ୱର, ୧୦।୧୦(ସମିସ): ରାଜଧାନୀର ଯୋଜନାବଦ୍ଧ ସହରୀ ବିକାଶ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ସହର ପରିକଳ୍ପନା ଯୋଜନା (ଟିପି) ଯୋଜନା-୮ର ଡ୍ରାଫ୍ଟ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହି ସମ୍ପର୍କିତ ଏକ ସରକାରୀ ବିଜ୍ଞପ୍ତି ଓଡ଼ିଶା ଗେଜେଟରେ ପ୍ରକାଶିତ ହୋଇଛି। ସମ୍ପୃକ୍ତ ଯୋଜନାଟି ଅନ୍ଧାରୁଆ ଓ ଦାସପୁର ମୌଜାରେ ୫୬୦.୮୬ ଏକର ଜମିରେ କାର୍ଯ୍ୟକାରୀ ହେବ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ପ୍ରକଳ୍ପର କାର୍ଯ୍ୟକାରୀ ସଂସ୍ଥା ରହିବ। ଏହି ଯୋଜନା ଅଧୀନରେ, ଜମି ମାଲିକମାନେ ସେମାନଙ୍କ ଜମିର ୪୦ ପ୍ରତିଶତ ସହରୀ ଭିତ୍ତିଭୂମି ପାଇଁ ଦେବେ। ଆଉ ୬୦ପ୍ରତିଶତ ବିକଶିତ ଟିପି ଅଞ୍ଚଳ ଭାବେ ରହିବ। ପ୍ରକଳ୍ପରେ ପ୍ରାୟ ୯ ରୁ ୬୦ ମିଟର ଚଉଡ଼ା ରାସ୍ତା, ଡ୍ରେନେଜ, ଜଳ ଯୋଗାଣ, ସ୍ୱରେଜ ଓ ବିଦ୍ୟୁତ ନେଟୱାର୍କ ସହିତ ସମ୍ପୂର୍ଣ୍ଣ ଭିତ୍ତିଭୂମି ବିକାଶ କରାଯିବ। ଏହା କେବଳ ସଂଯୋଗୀକରଣ ଓ ବାସଯୋଗ୍ୟତା ବୃଦ୍ଧି କରିବ ନାହିଁ। ବରଂ ଅବଶିଷ୍ଟ ଜମିର ବଜାର ମୂଲ୍ୟକୁ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ସମ୍ପୃକ୍ତ ପଦକ୍ଷେପଟି 'ସମୃଦ୍ଧ ସହର' କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଯୋଜନାବଦ୍ଧ ଜମି ପୁନର୍ଗଠନ ଓ ନିୟୋଜିତ ସମ୍ପ୍ରସାରଣ ମାଧ୍ୟମରେ ଓଡ଼ିଶାର ସହରୀ ଅଞ୍ଚଳଗୁଡ଼ିକୁ ସମୃଦ୍ଧ ବିକାଶ କେନ୍ଦ୍ରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଛି। ଏହି ଯୋଜନା ୨୦୧୦ର ସମଗ୍ର ବିକାଶ ଯୋଜନା (ସିଡିପି)ର ଲକ୍ଷ୍ୟକୁ ମଧ୍ୟ ସମର୍ଥନ କରେ, ଯାହା ଭୁବନେଶ୍ୱର ବିକାଶ ଅଞ୍ଚଳ ଚାରିପାଖରେ ୬୫ କିଲୋମିଟର ଲମ୍ବା ରିଙ୍ଗ ରୋଡ଼ ପ୍ରସ୍ତାବ କରେ।

ଏହି ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ, ବିଡିଏ ରିଙ୍ଗ ରୋଡ୍ ପାର୍ଶ୍ୱରେ ଥିବା ରାଜସ୍ୱ ଗ୍ରାମଗୁଡ଼ିକରେ ଟିପି ସ୍କିମ୍ କାର୍ଯ୍ୟକାରୀ କରିବାକୁ ଯୋଜନା କରୁଛି। ବିଡିଏ ଉପାଧ୍ୟକ୍ଷ ଡା. ଏନ ତିରୁମାଲା ନାୟକ ଉଚ୍ଚମାନର ସହରାଞ୍ଚଳ ଭିତ୍ତିଭୂମି ଏବଂ ସ୍ଥାୟୀ ସହର ଅଭିବୃଦ୍ଧି ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଏବଂ ନିୟମିତ ପ୍ରଗତି ସମୀକ୍ଷା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ; ପ୍ରେମିକ ଗିରଫ



ଭୁବନେଶ୍ୱର, ୧୦।୧୦ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଲିପାଟଣା ଥାନା ଝିଙ୍କିଣି ଶାସନର ଜଗନ୍ନାଥ ସାହୁ (୨୭)।

ପୁଲିସ ସୂଚନା ଅନୁସାରେ, ନିଆଳି ଥାନା ଅଞ୍ଚଳର ଜଣେ ମହିଳା ୨୦୦୫ ମସିହାରେ ବିବାହ କରିଥିବା ବେଳେ ତାଙ୍କର ୧୮ ଓ ୧୫ ବର୍ଷୀୟା ଦୁଇଟି କନ୍ୟା ସନ୍ତାନ ମଧ୍ୟ ଅଛନ୍ତି। ଦୁଇବର୍ଷ ତଳେ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରୁଥିବା ଜଳ ଜଗନ୍ନାଥ ସହ ତାଙ୍କର ପରିଚୟ ହୋଇଥିଲା। ଜଗନ୍ନାଥ ତାଙ୍କୁ ୪୦ ହଜାର ଟଙ୍କାର ଏକ ଋଣ କରାଇ ଦେଇଥିବା ବେଳେ ପ୍ରତି ମାସରେ ତାଙ୍କ ନିକଟରୁ କିସ୍ତି ଆଦାୟ କରୁଥିଲା। ଏହାରି ଭିତରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିବା ବେଳେ ଜଗନ୍ନାଥ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଏକାଧିକଥର ଦୁଷ୍କର୍ମ କରିଥିଲା। ଭଉଣୀଙ୍କ ବିବାହ ପରେ ସେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ମନା କରି ଦେଇଥିଲା। ଏନେଇ ମହିଳା ଜଣକ ଶ୍ରୀଲିଙ୍ଗରାଜ ଥାନାର ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ମୁରବୀଙ୍କ ଉପସ୍ଥିତିରେ ଉଭୟଙ୍କ ମଧ୍ୟରେ ଅପୋଷ ବୁଝାମଣା ହୋଇଥିବାବେଳେ ଜଗନ୍ନାଥ ତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସ୍ଥିର ହୋଇଥିଲା। କିନ୍ତୁ ଜଗନ୍ନାଥ ଟଙ୍କା ନଦେଇ ଜୋରଜବରଦସ୍ତ ଏକ ଷ୍ଟାମ୍ପ ପେପରରେ ଦସ୍ତଖତ କରାଇ ନେବା ଲାଗି ଉଦ୍ୟମ କରିଥିଲା। ଧମକ ଚମକ ଦେବା ସହ ପାଖରେ ରଖିଥିବା ଫଟୋ ଭାଇରାଲ କରି ଦେଇଥିଲା। ଏନେଇ ମହିଳା ଜଣକ ଶ୍ରୀଲିଙ୍ଗରାଜ ଥାନାରେ ଏତଲା ଦେବାପରେ ପୁଲିସ ଜଗନ୍ନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ସିଇଏମ୍‌ସି ବୈଠକରେ ଉଦ୍‌ବେଗ

# ଜବରଦଖଲ ଉଚ୍ଛେଦରେ ପୁଲିସ ବାଧକ

ଭୁବନେଶ୍ୱର, ୧୦।୧୦: ରାଜଧାନୀରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଏ, ବିଡିଏ, ରେଳବାଇ, ଇଡ୍‌କୋ, ଆର୍‌ଆଣ୍ଡବି, ବିଏମ୍‌ସି ଓ ଓୟୁଏଟି ପ୍ରଭୃତି ବିଭାଗ ମିଳିତ ଭାବେ ବୈଠକ ଡକାଇ ନିଷ୍ପତ୍ତି ନେଉଛନ୍ତି। ହେଲେ ପୁଲିସ ଅଧିକାଂଶ ଜବରଦଖଲ ଉଚ୍ଛେଦ ଯୋଜନାକୁ ଭଣ୍ଡୁର କରିଦେଉଛି। ଠିକ୍ ସମୟରେ ପୁଲିସ ବଳ ଉପଲବ୍ଧ ହୋଇପାରୁ ନାହିଁ କହି ରୋକ୍‌ଠୋକ୍ ମନା କରିଦେଉଛି। ଫଳରେ ସେଣ୍ଟ୍ରାଲ୍ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟିର ସଦସ୍ୟମାନେ ଜବରଦଖଲ ଉଚ୍ଛେଦ କରି ନ ପାରି ଖାଲି ହାତରେ ଫେରୁଛନ୍ତି। ଥରେ କିମ୍ବା ଦୁଇଥର ନୁହେଁ ପୁଲିସ ଏଭଳି ବ୍ୟବହାର ଯୋଗୁଁ ଗତ ଅଢେଇ ମାସ ମଧ୍ୟ ୪୭ଟି ସ୍ଥାନରେ ଜବରଦଖଲ ଉଚ୍ଛେଦ ହୋଇ ପାରିନାହିଁ। କମିସନରେଟ୍ ପୁଲିସର ଏଭଳି ବ୍ୟବହାର ବିରୋଧରେ ପୁଲିସ କମିସନରଙ୍କୁ ଚିଠି ଲେଖିବ ବିଡିଏ। ଜବରଦଖଲ ଉଚ୍ଛେଦ ପାଇଁ ନିୟମିତ ଭାବେ ପୁଲିସ ଯୋଗାଇ ଦେବାକୁ ଅନୁରୋଧ କରାଯିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ବିଡ଼ିଏ ଉପାଧ୍ୟକ୍ଷ ତଥା ସେଣ୍ଟ୍ରାଲ୍ ଏନ୍‌ଫୋର୍ସମୋଣ୍ଟ ମନିଟରିଂ କମିଟିର ଅଧ୍ୟକ୍ଷ ଡ଼. ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ବିଡିଏର ସମ୍ମିଳନୀ କକ୍ଷରେ ସେଣ୍ଟ୍ରାଲ୍ ଏନ୍‌ଫୋର୍ସମୋଣ୍ଟ ମନିଟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସିଇଏମ୍‌ସିର ଉପରୋକ୍ତ ସମସ୍ତ ଅଂଶୀଦାରୀ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କଣ ପାଇଁ ବହୁ ସଂଖ୍ୟାରେ ଉଚ୍ଛେଦ ଯୋଜନା କରାଯାଇଥିଲେ ମଧ୍ୟ ହୋଇ ପାରୁ ନାହିଁ ବୋଲି ଆଲୋଚନା ହୋଇଥିଲା। ତେବେ ପୁଲିସ ବଳ ନ ମିଳିବାରୁ ଏଭଳି ହୋଇଥିବା ନେଇ ସମସ୍ତ ବିଭାଗୀୟ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।

**ପୁଲିସ କମିସନରଙ୍କୁ ଚିଠି ଲେଖିବ ବିଡିଏ**

ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟେରେ ସିଇଏମ୍‌ସି ଦ୍ୱାରା ମୋଟ୍ ୫୬ଟି ସ୍ଥାନରେ ଉଚ୍ଛେଦ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏଥିରୁ ୨୯ଟି ସ୍ଥାନରେ ଉଚ୍ଛେଦ ହୋଇଥିଲା। ଫଳରେ ୨୫.୩୪ ଡେସିମଲ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଇଥିଲା। ପୁଲିସ ବଳର ଅଭାବ ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ୨୭ଟି ସ୍ଥାନରେ ଉଚ୍ଛେଦ ହୋଇ ପାରି ନ ଥିଲା। ସେହିପରି ବୁଇସ୍ ଆପ୍‌ରେ ୪୫ଟି ଉଚ୍ଛେଦ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଥିରେ ୨୫ଟି ସ୍ଥାନରେ ଉଚ୍ଛେଦ କରାଯାଇ ୫ଏକର ୩୨୫ ଡେସିମଲ୍ ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଇଥିଲା କରାଯାଇଥିଲା। ୨୦ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଇ ପାରି ନ ଥିଲା।

ଅନ୍ୟ ପକ୍ଷରେ ସରକାରୀ ଜମି ଜବରଦଖଲ ଏବଂ ଉଚ୍ଛେଦରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ରଖାଯାଇଥିଲା। ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହାପରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ଜମିକୁ ଅବରୋଧ ମୁକ୍ତ କରିବା ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ସିଇଏମ୍‌ସିର ଆବାହକ ତଥା ବିଡିଏର ଏନ୍‌ଫୋର୍ସମେଣ୍ଟ ଯୁଗ୍ମ ଆୟୁକ୍ତ ରଞ୍ଜନ କୁମାର ଜେନା ସିଇଏମ୍‌ସି ଦ୍ୱାରା ଗତ ୩୦ଜୁଲାଇରୁ ୮ ଅକ୍ଟୋବାର ମଧ୍ୟରେ କରାଯାଇଥିବା ବିଭିନ୍ନ ଉଚ୍ଛେଦ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଓ କାର୍ଯ୍ୟକାରୀ ନ ହୋଇଥିବା ଉଚ୍ଛେଦ କାର୍ଯ୍ୟକ୍ରମର ବିସ୍ତୃତ ଆଲୋଚନା ହୋଇଥିଲା।



# ସମ୍ପାଦକୀୟ



ଯଦି ଶୀଘ୍ର ଚାଲିବାକୁ ଚାହୁଁଛ ତେବେ ଏକୁଟିଆ ଚାଲ; ଯଦି ବହୁଦୂର ବାଟ ଯିବାର ଅଛି ତେବେ ସାଥୀମାନଙ୍କୁ ସାଙ୍ଗରେ ନେଇ ଚାଲ।

-ରତନ ଟାଟା

ସକାଳ
THE SAKALA

## ଆଉ ଢିଲା ଦିଅନି, ବାନ୍ଧ

ପୁଲିସ ମହାନିର୍ଦ୍ଦେଶକଙ୍କୁ ଏବେ ବିଶୃଙ୍ଖଳା ସୃଷ୍ଟିକାରୀ ଓ ଅସାମାଜିକ ତତ୍ତ୍ୱଙ୍କୁ ବାନ୍ଧିବା ପାଇଁ ନିର୍ଦ୍ଦେଶ ମିଳିଛି। ଇଏ ବି ଠିକ୍ କଥା। ନହେଲେ ଆମ ରାଜ୍ୟରେ ଭୁଶୁଡ଼ି ପଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଏତେ ସହଜ ହେବନି। କ୍ଷମତା କେନ୍ଦ୍ର ପ୍ରତି ଲୋକେ ଆଙ୍ଗୁଠି ଉଠାଇବା ଆରମ୍ଭ କଲେଣି। ହେଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଏମାନଙ୍କୁ ନବାନ୍ଧିବା ସକାଶେ ଆଗରୁ କ'ଣ ଗୋପନ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏବେ ବାନ୍ଧିବାକୁ ନିର୍ଦ୍ଦେଶ ଦେବା ପାଇଁ ବାଧବାଧକତା ଉପୁଜିଲା? ବିଶୃଙ୍ଖଳା ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବାରୁ ସରକାରଙ୍କୁ ଏହି ସୀମିତ ସମୟ ମଧ୍ୟରେ ତିନି ତିନି ଥର ସାନ୍ଧ୍ୟ ଆଇନ ଜାରି କରିବାକୁ ପଡ଼ିଛି। ଆତ୍ମାହୁତି ଓ ଆତ୍ମହତ୍ୟା ଘଟଣା ରାଜ୍ୟବାସୀଙ୍କୁ ଏଭଳି ବିଚଳିତ କରିପକାଇଲା ଯେ ସରକାର ବ୍ୟବସ୍ଥାକୁ ସୁଧାରି ନପାରି କେବଳ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରି ନିଶ୍ଚିନ୍ତ ହୋଇପଡ଼ିଛନ୍ତି। ଅଥଚ ଘଟଣାର ଅନୁସନ୍ଧାନ ରିପୋର୍ଟ ଓ ଚାର୍ଜସିଟ ଦାଖଲରେ ଅକ୍ଷମଣୀୟ ବିଳମ୍ବ ପ୍ରତି ଧ୍ୟାନ ନ ଦେବାରୁ ଅପରାଧ ବଢ଼ିଚାଲିଛି। ଧର୍ଷଣକଷଣ ଦିନକୁ ଦିନ ସୀମାତିକ୍ରମ କରୁଥିବାରୁ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ଏହି ବାନ୍ଧିବା ନିର୍ଦ୍ଦେଶରୁ ପୁଲିସର ନ ପାରିବା ପଣିଆ ବାରି ହୋଇପଡୁଛି।

ନିକଟରେ ୨୦୨୩ର ଏନ୍‌ସିଆରବି ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ସାମଗ୍ରିକ ଭାବେ ଦେଶର ଅପରାଧ ଚିତ୍ର ଓ ଚରିତ୍ର ସଂକ୍ରାନ୍ତ ଠୋସ୍ ଆକଳନ କୁହାଯାଇପାରେ। ଠିକ ଠିକ ହିସାବ କଲେ ଦେଶର ଅପରାଧ ହାର ପ୍ରତି ୧ଲକ୍ଷ ନାଗରିକ କ୍ଷେତ୍ରରେ ୪୪୮.୩ ପହଞ୍ଚିଛି। ଦେଶରେ ପଞ୍ଜିକୃତ ହୋଇଥିବା ଆପରାଧିକ କାର୍ଯ୍ୟକଳାପ ସଂଖ୍ୟା ୬.୪ନିୟୁତ ଏବଂ ଏହା ପୂର୍ବବର୍ଷ ତୁଳନାରେ ୭.୨ ପ୍ରତିଶତ ଅଧିକ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଦେଶର ସହରାଞ୍ଚଳର ଅପରାଧ ସଂଖ୍ୟା ସୀମା ଅତିକ୍ରମ କରିଛି। ତେଣୁ ପୂର୍ବବର୍ଷ ତୁଳନାରେ ସହରାଞ୍ଚଳ ଅପରାଧ ସଂଖ୍ୟା ୧୦.୬ ପ୍ରତିଶତ ବଢ଼ିଛି। ଜାତୀୟସ୍ତରରେ ହାରାହାରି ପ୍ରତି ୫ ସେକେଣ୍ଡରେ ଗୋଟିଏ ଅପରାଧ ଘଟୁଛି। ମହିଳାଙ୍କ କ୍ଷେତ୍ରରେ ଅସୁରକ୍ଷିତ ପରିବେଶ ସବୁଠାରୁ ଅଧିକ ଚିନ୍ତାଜନକ। ଦେଶର ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୬୬.୭ ଜଣ ଅପରାଧିକ କାର୍ଯ୍ୟକଳାପର ସମ୍ମୁଖୀନ ହେଉଛନ୍ତି। ବିଗତ ୧୨ ବର୍ଷ ମଧ୍ୟରେ ମହିଳାବିରୋଧୀ ଅପରାଧ ତିନିଗୁଣ ବଢ଼ିଛି। ଦିଲ୍ଲୀ ଓ ତେଲେଙ୍ଗନାରେ ମହିଳା ସବୁଠାରୁ ଅଧିକ ଅସୁରକ୍ଷିତ। ଏହି ଦୁଇ ରାଜ୍ୟରେ ପ୍ରତି ୧ ଲକ୍ଷ ମହିଳାଙ୍କ କ୍ଷେତ୍ରରେ ଯଥାକ୍ରମେ ୧୩୩ ଓ ୧୨୪ ଅପରାଧର ସମ୍ମୁଖୀନ ହୋଇଛନ୍ତି। ଗତ ଦଶବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ମହିଳା ନିଜକୁ ସବୁଠାରୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ସେମାନଙ୍କ ଉତ୍ପୀଡ଼ନ ହାର କ୍ରମାଗତ ଭାବେ ବୃଦ୍ଧି ଚାଲିଛି।

ରିପୋର୍ଟର ନିର୍ଯାସ ହେଉଛି, ସାମାଜିକ ପରିବେଶରେ ପରିବର୍ତ୍ତନ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ିଥିବାରୁ ମହିଳା ନିରବ ନ ରହି ସେମାନେ ସମ୍ମୁଖୀନ ହେଉଥିବା ଉତ୍ପୀଡ଼ନ ସଂପର୍କରେ ଥାନାରେ ରିପୋର୍ଟ କରୁଛନ୍ତି। ସେହିଭଳି ସହରାଞ୍ଚଳରେ ବର୍ଦ୍ଧିତ ଅପରାଧିକ କାର୍ଯ୍ୟକଳାପ ଓ ସାଇବର ଅପରାଧ ଚିନ୍ତାଜନକ। ଏହାକୁ ପରିବର୍ଦ୍ଧିତ ପରିସଂଖ୍ୟାନର ଅସଲ କାରଣ ବୋଲି ଦର୍ଶାଯାଇଛି। ୨୦୨୩ ପରେ ଘଟଣାକ୍ରମ ସୁଧୁରିବା ପରିବର୍ତ୍ତେ ଅଧିକ ବିଗୁଡୁଥିବାର ପରିଲକ୍ଷିତ ହେଉଛି। ତେଣୁ ଏନସିଆରବି ରିପୋର୍ଟରେ ଯେଉଁ ପରିସଂଖ୍ୟାନ ଉପସ୍ଥାପନ କରାଯାଇଛି ତାହା ନିଶ୍ଚିୟ ଚିନ୍ତା ଉଦ୍ରେକକାରୀ।

## ଅଳିକ ଅହଂକାର

ଡୋନାଲ୍ଡ ଟ୍ରମ୍ପଙ୍କ କୋଳାଶ୍ରିତ ହେବା ପରେ ପାକିସ୍ତାନ ନେତାମାନେ ହଠାତ୍ ମୁଖର ହୋଇପଡ଼ିଛନ୍ତି। ଆମେରିକା ପରେ ସାଉଦୀ ଆରବ ସହ ସୁସଂପର୍କକୁ ଏକ କୂଟନୈତିକ ସଫଳତା ରୂପେ ବିଚାର କରି ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖାଜା ଆସିଫ ଯେଉଁ ଭାରତ ବିରୋଧୀ ବିବୃତି ଦେଇଛନ୍ତି ତାହାର ସୁଦୂରପ୍ରସାରୀ ପ୍ରଭାବ ନେଇ ଏପର୍ଯ୍ୟନ୍ତ ଅନିଶ୍ଚିତ ଥିବା ମନେହୁଏ। 'ଅପରେସନ ସିନ୍ଦୂର'ର ପରିଣତି ଓ ପରାଭବରୁ ନିଜକୁ ମୁକ୍ତ କରି ନଥିବା ପାକ୍‌ନେତାମାନେ ଆଭ୍ୟନ୍ତରୀଣ କନ୍ଦଳ ଓ ଆତଙ୍କୀ କାର୍ଯ୍ୟକଳାପରେ ବ୍ୟସ୍ତ ଓ ବିବ୍ରତ। ବେଲୁଚିସ୍ତାନ ଓ ଖାଇବରପଖ୍ତୁନଖ୍ୱା ପ୍ରଦେଶରେ ବିଦ୍ରୋହୀଙ୍କୁ ଜବତ କରିବାରେ ପାକ୍ ସେନାଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଇଛି। ଦେଶର ସମଗ୍ର ଶାସନତନ୍ତ୍ର ସେନାବାହିନୀ ନିୟନ୍ତ୍ରଣରେ ଥିବାରୁ ସେମାନଙ୍କ ଇଙ୍ଗିତରେ ନେତାମାନେ ଭାରତ ବିରୋଧରେ ଯୁଦ୍ଧ ପ୍ରସ୍ତୁତ ନେଇ ଅପରିଣାମଦର୍ଶୀ ବୟାନ ଆରମ୍ଭ କରିଛନ୍ତି। ଆସିଫ୍ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନରେ ଐକ୍ୟ ଓ ସଂହତି ପ୍ରତିଷ୍ଠାରେ ଏହା ସହାୟକ ହୋଇଆସିଛି। ଏଥିରୁ ସ୍ପଷ୍ଟ ଯେ ପାକ୍ ସୈନ୍ୟଙ୍କ କ୍ରମାଗତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ବିଚ୍ଛିନ୍ନତାବାଦୀ ଆତଙ୍କୀଙ୍କ ଉପଦ୍ରବ ନିୟନ୍ତ୍ରଣ ହୋଇପାରିନାହିଁ। ତେଣୁ ବିଚଳିତ ଓ ବିବ୍ରତ ସେନାଧ୍ୟକ୍ଷଙ୍କ ବିରୋଧରେ ଦେଶବାସୀଙ୍କ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ସମୟର ଆବଶ୍ୟକତା ଦୃଷ୍ଟିରୁ ଅସ୍ଥାୟୀ ଓ କାମଚଳା କୂଟନୈତିକ ସଂପର୍କ ନେଇ ଆଶାର ପିରାମିଡ୍ ଗଢ଼ିବାରେ କାହାକୁ ମନା ନାହିଁ। ଗାଜା ପ୍ରସଙ୍ଗକୁ କେନ୍ଦ୍ରକରି ଆରବ ରାଷ୍ଟ୍ରଙ୍କ ମଧ୍ୟରେ ନୂଆ ଅଙ୍କ କଷିବା ଆରମ୍ଭ ହୋଇଥିବା ବେଳେ ସାଉଦୀ ନେତୃତ୍ୱର ପାକିସ୍ତାନ ଉପରେ ନିର୍ଭରଶୀଳତା ଯେ ଅଧିକ ତାହା ଜଳଜଳ ଦୃଶ୍ୟମାନ ହେଉଛି। ଅନ୍ୟପକ୍ଷରେ ଚୀନ ସହ ପାକିସ୍ତାନ ସଂପର୍କର ଗଭୀରତା ନିକଟରେ ଟ୍ରମ୍ପ ଯେ କେତେବେଳେ ପଛଘୁଞ୍ଚା ଦେବେ ତାହାର କିଛି ଠିକଣା ନାହିଁ। ଏସିଆ କପ ରାଜନୀତିରେ ପାକିସ୍ତାନ ଯେପରି ଅପଦସ୍ତ ହୋଇଛି ତାହା କ୍ରିକେଟ ସହ ସଂଶ୍ଳିଷ୍ଟ କୂଟନୈତିକ ସଂପର୍କରେ ପ୍ରତିବନ୍ଧକ ହୋଇଛି। ଏହି କ୍ରିକେଟ୍ ରାଜନୀତି ସହ ପାକିସ୍ତାନ ଅର୍ଥମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଜଡିତ ଥିବାରୁ ତାହା ସରକାରଙ୍କ ସକାଶେ ଅଧିକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ଏସବୁକୁ ବିଚାର କଲେ ଆସିଫ୍‌ଙ୍କ ଅହଙ୍କାର ଯେ କେତେ ଅଳିକ ତାହା ସହଜରେ ଅନୁମାନ କରାଯାଇପାରେ।

ଆଫଗାନିସ୍ତାନ ସୀମାବର୍ତ୍ତୀ ଖାଇବରପଖ୍ତୁନଖ୍ୱା ପ୍ରଦେଶରେ ସକ୍ରିୟ ଟିଟିପି ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ପାକ ସରକାର ନିଷେଧାଦେଶ ଜାରି କରିଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇ ପାରିନାହିଁ। ବୁଧବାରର ସାମରିକ କାର୍ଯ୍ୟାନୁଷ୍ଠାନରେ ୧୯ ଟିଟିପି କାର୍ମୀ ନିହତ ହୋଇଥିଲେ ମଧ୍ୟ ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜରଙ୍କ ସମେତ ୧୧ ଜଣଙ୍କୁ ହରାଇଛି ସେନାବାହିନୀ। ଏହି ପ୍ରଦେଶର ନେତୃତ୍ୱ ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁଙ୍କ ପାକିସ୍ତାନ ତେହେରିକ ଇ ଇନସାଫ ଦଳ ହାତରେ ରହିଛି। ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଅଲ୍ଲି ଅମିନ ଗଣ୍ଡପୁରଙ୍କୁ ସ୍ଥାନରେ ମହମ୍ମଦ ସୋହେଲ ଆଫ୍ରିଦିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଦଳ ଅବସ୍ଥାପିତ କରିଛି। ଅନ୍ୟପକ୍ଷରେ ବେଲୁଚିସ୍ତାନ ଉପକୂଳରେ ଗ୍ୱାଦର ବନ୍ଦର ନିକଟରେ ଆଉ ଏକ ବନ୍ଦର ପ୍ରତିଷ୍ଠା ସକାଶେ ଆମେରିକାକୁ ପ୍ରସ୍ତାବ ଦେଇ ପାକିସ୍ତାନ ଉଭୟ ବିଦ୍ରୋହୀ ବିଏଲଓ ଏବଂ ଚୀନ ଅସନ୍ତୋଷର କାରଣ ହୋଇଛି। ଏଭଳି ପ୍ରତିକୂଳ ପରିସ୍ଥିତିରେ ପାକ୍ ନେତାଙ୍କ ମିଛ ଅହଂକାର କାହିଁକି?

# ଓଡ଼ିଶାର ବିକାଶ ଓ ସୁସମ୍ପନ୍ନ ସହରୀକରଣ

**ଡ. ପିୟୁଷ ରଞ୍ଜନ ରାଉତ**

ବିଶ୍ୱର ନିରନ୍ତର ବିକାଶଯାତ୍ରାରେ ଆଧୁନିକ ସହର ଯୋଜନା ଏକ ଅପରିହାର୍ଯ୍ୟ ଅଙ୍ଗ। ସାମ୍ପ୍ରତିକ ବିବିଧତା ଭରା ଆହ୍ୱାନରେ ସହରର ଆକାର ବଢ଼େଇବା ଅପେକ୍ଷା ସ୍ୱଳ୍ପ ସମୟ ମଧ୍ୟରେ ବିକଶିତ କରିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ 'ପନ୍ଦର ମିନଟ ସହର ଯୋଜନା' ଏକ ସୁନ୍ଦର ପରିକଳ୍ପନା। ପନ୍ଦର ମିନିଟ ସହର ଯୋଜନାର କେନ୍ଦ୍ରବିନ୍ଦୁ ହେଉଛି, ଦୈନନ୍ଦିନ ଜୀବନରେ ମଣିଷର ଜୀବନଶୈଳୀରେ ଯାହା ଆବଶ୍ୟକ, ଯେପରି ପନ୍ଦର ମିନଟ ଦୂରତ୍ୱ ମଧ୍ୟରେ ତାହା ମିଳିପାରୁଥିବ। ଜଣେ ସାଇକେଲ ଚଳାଇ କିମ୍ବା ଚାଲିକି ଯାଇ ଆଣି ପାରୁଥିବ। ଯେତେବେଳ ଦୂର ଜାଗାକୁ ଯାତ୍ରା କରିବାର ଥିବ ସେତେବେଳେ ସର୍ବସାଧାରଣ ପାଇଁ ଉଦିଷ୍ଟ ବସ ପରିବହନ ବ୍ୟବହାର କରିପାରିବେ ଅବା ନିଜର କାର ବ୍ୟବହାର କରିପାରିବେ। ଏହା ଲୋକମାନଙ୍କ ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାଇଚାରାର ସହର ସୃଷ୍ଟି କରିବ। ପରିସ୍ଥିତିକୁ ବଦଳାଇ ପାରିବାର ଦକ୍ଷତା ରଖିଥିବ। ଅଧିବାସୀଙ୍କର ଆବଶ୍ୟକତା ଅନୁସାରେ ଯୋଜନା ପ୍ରସ୍ତୁତ ହେବ। ଫଳସ୍ୱରୂପ ଗୋଟିଏ ସହର ମଧ୍ୟରେ ଅନେକ ଆତ୍ମନିର୍ଭରଶୀଳ ସହର ଗଢ଼ିଉଠିବ।

ଶିଳ୍ପ ବିପ୍ଳବ ପରେ ଏବଂ କାର ଉଦ୍ଭାବନ ପରେ ଯେଉଁ ସହର ଯୋଜନା ପ୍ରସ୍ତୁତ ହେଉଥିଲା, ତାହା କେବଳ ଧନୀ ଓ ଗରିବ ମଧ୍ୟରେ ଦୂରତ୍ୱ ସୃଷ୍ଟି କରୁଥିଲା। ସହର ମଧ୍ୟରେ ବାସସ୍ଥାନ, କର୍ମକ୍ଷେତ୍ର, ଶିଳ୍ପ, ବାଣିଜ୍ୟ ପାଇଁ ଅଲଗା ଅଲଗା ସ୍ଥାନ ନିରୂପଣ ହେଉଥିଲା, ଯାହା ସହରକୁ ଖଣ୍ଡବିଖଣ୍ଡ କରିଦେଉଥିଲା। ତେଣୁ ସମୟକ୍ରମେ ପନ୍ଦର ମିନିଟର ସହରୀ ଯୋଜନା ପରିକଳ୍ପନା କରାଗଲା।

ଆଜିର ସହରୀକରଣର ମୁଖ୍ୟ ଆହ୍ୱାନ ହେଉଛି ସହରାଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ଲାଗି ସ୍ଥାନୀୟ ଯୋଜନା ଏବଂ ତା'ର ସଫଳ ରୂପାୟନ। ଆମେ ବର୍ତ୍ତମାନ ଏପରି ଏକ ସହରୀ ସଭ୍ୟତାରେ ବସବାସ କରୁଛେ, ଯାହାକୁ ସହର ଶତାବ୍ଦୀ ବୋଲି କହିବାରେ ଦ୍ୱିଧା ନାହିଁ। ମିଳିତ ଜାତିସଂଘର ଭବିଷ୍ୟତ ଚିନ୍ତାଧାରା ଅନୁସାରେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱରେ ୭୦% ଲୋକ ସହରରେ ବସବାସ କରିବେ। ସହରୀକରଣ ବିଶ୍ୱର ବହୁଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବଡ଼ ଭୂମିକା ଗ୍ରହଣ କରିଛି। ଆପାତତଃ ବିଶ୍ୱର ୭୫% ଅର୍ଥନୀତିର ଆଦାନ ପ୍ରଦାନ ସହର ମଧ୍ୟରେ ଘଟିଥାଏ, ଯାହାକି ବହୁତ ଲୋକଙ୍କୁ ଗରିବ ସୀମା ରେଖାରୁ ଉପରକୁ ଉଠେଇବାରେ ସହାୟକ ହୋଇଛି। ସହରୀକରଣରେ ଅଧିକ ପ୍ରାକୃତିକ ସମ୍ବଳ ବ୍ୟବହାର ହୋଇଥାଏ। ବିଶ୍ୱର ୩% ସ୍ଥାନ ସହର ପାଇଁ ବ୍ୟବହୃତ ହୁଏ। ସେହିପରି ବିଶ୍ୱର ୬୦% ସହର ଅଧିବାସୀ ଏହାର ୭୫% ସମ୍ବଳ ବ୍ୟବହାର କରିଥା'ନ୍ତି। ସହରରେ ବସବାସ କରୁଥିବା ଲୋକ ବିଶ୍ୱର ଦୁଇ-ତୃତୀୟାଂଶ ଶକ୍ତି ବ୍ୟବହାର କରିଥା'ନ୍ତି, ଯାହା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଆଗାମୀ ଦିନରେ ଏହି ଆହ୍ୱାନର ମୁକାବିଲା କରିବା ପାଇଁ ସହରଗୁଡ଼ିକୁ ଏକ ଉନ୍ନତଶୈଳୀରେ ପରିବେଶ ସୁରକ୍ଷିତ କରି ଗଢ଼ିବାକୁ ପଡ଼ିବ।

ଭାରତ ଏକ ବୃହତ ସହରୀକରଣ ଦିଗରେ ଅଗ୍ରସର। ୨୦୩୦ସୁଦ୍ଧା ସମ୍ଭବତଃ ୩୫୦ ନିୟୁତ ଜନସଂଖ୍ୟା ସହରରେ ବସବାସ କରୁଥିବେ ଏବଂ ୨୦୫୦ ବେଳକୁ ଏହା ୭୦୦ ନିୟୁତରେ ପହଞ୍ଚିବ। ସେହିଭଳି ଓଡ଼ିଶାର ଜନସଂଖ୍ୟାର ୧୬% ଲୋକେ ବର୍ତ୍ତମାନ ସହରରେ ବସବାସ କରୁଛନ୍ତି, ଯାହାକି ୨୦୩୦ ବେଳକୁ ସମ୍ଭବତଃ ୨୫% ପହଞ୍ଚିପାରେ।

କିନ୍ତୁ ସହରାଞ୍ଚଳରେ ବସବାସ କରିବା ପାଇଁ ଯେଉଁଭଳି ମାନଦଣ୍ଡର ସୁବିଧା ସୁଯୋଗ ରହିବା କଥା ଆଜି ମଧ୍ୟ ତାହା ଦେଖିବାକୁ ମିଳୁନି। ଯାହାଫଳରେ ସହରମାନଙ୍କରେ ସମସ୍ୟା ବଢ଼ିବାରେ ଲାଗିଛି। ଭାରତରେ ସହର ଭିତ୍ତିଭୂମି ବିକାଶ ପାଇଁ ପ୍ରତି ବାସିନ୍ଦାଙ୍କ ପାଇଁ ଖର୍ଚ୍ଚ ହେଉଛି ହାରାହାରି ୨୦ ଆମେରିକୀୟ ଡଲାର, ଯାହାକି ବ୍ରିଟେନରେ ୮୦୦ ଆମେରିକୀୟ ଡଲାର ଏବଂ ଚୀନରେ ୧୨୦ ଆମେରିକୀୟ ଡଲାର। ସମ୍ଭବତଃ ଭାରତରେ ଗ୍ରାମାଞ୍ଚଳ ଅପେକ୍ଷା ବହୁତ କମ ଅର୍ଥ ପ୍ରଦାନ କରାଯାଉଥିବାରୁ ସହରଗୁଡ଼ିକ ବିଶ୍ୱସ୍ତରରେ ପଛରେ ପଡ଼ିଯାଇଛନ୍ତି।

ଓଡ଼ିଶାର ସହରଗୁଡ଼ିକୁ ଯୋଜନାବଦ୍ଧ ଓ ସୁନ୍ଦର କରିବା ପାଇଁ ଏହା ହିଁ ଏକ ପ୍ରକୃଷ୍ଟ ସୁଯୋଗ। ଯୋଜନାବଦ୍ଧ ସୁନ୍ଦର ସହରର ଅର୍ଥ ନୁହେଁ କେବଳ ଉଚ୍ଚ ଅଟ୍ଟାଳିକା, ଚଉଡ଼ା ରାସ୍ତା। ବରଂ ସହରକୁ ଗରିବ ମୁକ୍ତ କରିବା, ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସନ୍ତୁଳିତ ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ଯୋଜନା ଆଧାରରେ ପ୍ରସ୍ତୁତ କରିବା। ଯେପରି ଦକ୍ଷିଣ କୋରିଆ ସିଓଲ ସହରକୁ ସମଗ୍ର ବିଶ୍ୱ ପାଇଁ ଉଦାହରଣୀୟ କରିପାରିଛି। ମାତ୍ର ତିରିଶ ବର୍ଷ ମଧ୍ୟରେ ଏକ ଗରିବ କୃଷିପ୍ରଧାନ ଦେଶରୁ ବିଶ୍ୱର ପ୍ରମୁଖ ଅର୍ଥନୈତିକ ପେଣ୍ଠସ୍ଥଳୀ ଏବଂ ବିଶ୍ୱର ଅନ୍ୟତମ ବିକଶିତ ସହରରେ ପରିବର୍ତ୍ତନ ହୋଇପାରିଛି। ପାରମ୍ପରିକ ସହର ଯୋଜାନାଠାରୁ ବହୁମାତ୍ରାରେ ଉନ୍ନତ ଓ ଲୋକାଭିମୁଖୀ କରି ଦକ୍ଷିଣ କୋରିଆ ଏହି ସଫଳତା ହାସଲ କରିଛି।

ସିଓଲ ଭଳି ବିଶ୍ୱରେ ଅନେକ ସହର ଅଛି, ଯେଉଁଗୁଡ଼ିକ ନୂତନତ୍ୱକୁ ମାନଦଣ୍ଡ କରି ଆଜି ସାରା ବିଶ୍ୱ ପାଇଁ ଉଦାହରଣ ହେଇପାରିଛନ୍ତି। ଆଉ ଏକ ସହର ହଉଛି ବୋଗଟା ଯାହାକି ବିଶ୍ୱରେ ସୁନ୍ଦର ପରିବହନ ପରିକଳ୍ପନା କରି ସ୍ୱଳ୍ପ ସମୟ ଯୋଜନାର ସହର ଭାବେ ଆପଣେଇ ପାରିଛନ୍ତି। ବୋଗଟା ସହର ନିଜ ଲୋକଙ୍କ ପାଇଁ କାର ରାସ୍ତା କରିବା ଅପେକ୍ଷା ୪୦୦ କିମି. ସାଇକେଲ ରାସ୍ତା ପ୍ରସ୍ତୁତ କରିଛନ୍ତି, ଯାହାକୁ ୪୦% ରୁ ଅଧିକ ଲୋକେ ଦୈନିକ ବ୍ୟବହାର କରୁଛନ୍ତି। ସେହିଭଳି କୁରୀଟିବା ସହର ବସ ପରିବହନ ପାଇଁ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିପାରିଛି। ଜାପାନର ୟୋକହମା ସହର ଲୋକସଂଖ୍ୟା ବଢ଼ିବା ପରେ ବି ବର୍ଜ୍ୟ ନିଷ୍କାସନକୁ ୪୦% ପର୍ଯ୍ୟନ୍ତ ହ୍ରାସ କରିପାରିଛନ୍ତି କେବଳ ଲୋକଙ୍କ ମଧ୍ୟରେ ପରିବେଶ ସମ୍ବନ୍ଧୀୟ ସଚେତନତା ଓ ସହଯୋଗିତା ଯୋଗୁଁ।

ଆମ ରାଜଧାନୀ ଭୁବନେଶ୍ୱର ପାଇଁ ମଧ୍ୟ ଏଭଳି ଅପାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଜିକୁ ସାତ ଦଶନ୍ଧି ପୂର୍ବେ ଦୂରତ୍ୱ ଅନୁସାରେ 'ପନ୍ଦର ମିନିଟ ସହର' ଭାବେ ଗଢ଼ା ଯାଇଥିଲା। କିନ୍ତୁ ସମୟ ସହିତ ତାଳ ନ ଦେଇପାରିବା ଯୋଗୁଁ ଲକ୍ଷ୍ୟରୁ ଦୂରେଇ ଯାଇଛି। 'ପନ୍ଦର ମିନିଟର ସହର' ପରିକଳ୍ପନା ବର୍ତ୍ତମାନ ସମୟରେ ଆବଶ୍ୟକତା। କାରଣ ଭବିଷ୍ୟତରେ ଜନସଂଖ୍ୟା ବୃଦ୍ଧି ସହିତ ଯେତେ ବଡ଼ ସହର ହେବ ସେତେ ଅଧିକ ସମସ୍ୟା ସୃଷ୍ଟି ହେବ। ଭୂମି, ଜଳ, ଗ୍ୟାସ ଏତେ ସହଜରେ ମିଳିନପାରେ; ତେଣୁ ଆମକୁ ଅଳ୍ପ ସମୟ ଏବଂ ଦୂରତ୍ୱ ମଧ୍ୟରେ କିପରି ଅଧିକ ଲୋକ ବସବାସ କରିପାରିବେ ଏବଂ ସୁରକ୍ଷିତରେ ରହିପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ଭୁବନେଶ୍ୱର ଏକ ଯୋଜନାବଦ୍ଧ, ପରିବେଶ ସନ୍ତୁଳିତ ଏବଂ ସମସ୍ତଙ୍କ ପାଇଁ ଉଦିଷ୍ଟ ସହର ଭଳି ଗଢ଼ି ଉଠୁ, ଯାହାକି ଅନ୍ୟ ସହର ପାଇଁ ଉଦାହରଣ ହେବ। କାରଣ ଦେଶ ଓ ରାଜ୍ୟର ଭବିଷ୍ୟତ ଦକ୍ଷତା ସମ୍ପନ୍ନ ସହରୀକରଣ ଉପରେ ନିର୍ଭରଶୀଳ। ଉପରେ।"

(ସହର ଯୋଜନା ବିଶେଷଜ୍ଞ)
ଭୁବନେଶ୍ୱର, ମୋ: ୯୪୩୭୧୭ ୬୭୧୭

## ଚିକିତ୍ସା ବିଜ୍ଞାନ ନୋବେଲ-୨୦୨୫

# ପ୍ରତିରକ୍ଷା ତନ୍ତ୍ରୀ-ସଜାଗପ୍ରହରୀର ଆବିଷ୍କାର

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ମେରୀ ଇ ବ୍ରଙ୍କୋ, ଫ୍ରେଡ ରାମସଡେଲ ଓ ଡାକ୍ତର ସାଇମୋନ୍ ସାକାଗୁଚି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାର ଗୌରବ ପ୍ରାପ୍ତ ହୋଇଛନ୍ତି। ପ୍ରଥମ ବିଜ୍ଞାନୀଦ୍ୱୟ ଆମେରିକୀୟ, ଡାକ୍ତର ସାକାଗୁଚି ଜାପାନର ଅଧିବାସୀ। ମେରୀ ବ୍ରଙ୍କୋ ଜଣେ ମହିଳା। ସେମାନଙ୍କ ବୟସ ଯଥାକ୍ରମେ ୬୪, ୬୪ ଓ ୭୪। ମେରୀ ବ୍ରଙ୍କୋ ଜିନୋମିକ୍ସ ଓ ଅଟୋଇମ୍ୟୁନ୍ ରୋଗ ଉପରେ ଗବେଷଣା କରୁଛନ୍ତି ସିୟାଟେଲ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର ସିଷ୍ଟମସ ବାୟୋଲୋଜି ପ୍ରତିଷ୍ଠାନରେ। ଫ୍ରେଡ ରାମସଡେଲ ସାନଫ୍ରାନସିସ୍‌କୋର ସୋନୋମା ବାୟୋ ନାମକ ଏକ ଜୈବ ପ୍ରଯୁକ୍ତି ସଂସ୍ଥାରେ ଗବେଷଣାରତ। ସାଇମୋନ୍ ସାକାଗୁଚି ଜାପାନର ଓସାକା ବିଶ୍ୱବିଦ୍ୟାଳୟରେ ଇମ୍ୟୁନୋଲୋଜି ବିଭାଗର ପ୍ରଫେସର।

ଗୋଟିଏ ଗୋଷ୍ଠୀର ରୋଗ ଅଛନ୍ତି, ଯେଉଁଗୁଡ଼ିକୁ କୁହାଯାଏ ଅଟୋଇମ୍ୟୁନ। 'ଅଟୋ' ଏକ ଗ୍ରୀକ୍ ଶବ୍ଦ। ଏହାର ଅର୍ଥ ସ୍ୱ ବା ନିଜର। 'ଇମ୍ୟୁନ'ର ଅର୍ଥ ରୋଗ କବଳରୁ ପ୍ରତିରୋଧକ୍ଷମ। ଆମ ଶରୀରରେ ରହିଛି ବିଭିନ୍ନ ତନ୍ତ୍ର। ପ୍ରତ୍ୟେକ ତନ୍ତ୍ରର କାର୍ଯ୍ୟ ନିର୍ଦ୍ଦିଷ୍ଟ। ସେହି ତନ୍ତ୍ରଗୁଡ଼ିକ ମଧ୍ୟରୁ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ହେଉଛି ଅନ୍ୟତମ। ଜୀବାଣୁ, ଭୂତାଣୁ ଓ ଅନ୍ୟାନ୍ୟ ଅଣୁଜୀବଗୁଡ଼ିକର ଆକ୍ରମଣରୁ ଶରୀରକୁ ସୁରକ୍ଷିତ ରଖିବା ହେଉଛି ପ୍ରତିରକ୍ଷା ତନ୍ତ୍ରର କାମ। କିନ୍ତୁ ପ୍ରତିରକ୍ଷା ତନ୍ତ୍ରଗୁଡ଼ିକ ବେଳେ ବେଳେ ହୋଇପଡ଼େ ରୋଗ ସୃଷ୍ଟିର କାରଣ। ନିଜସ୍ୱ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ଦ୍ୱାରା ସୃଷ୍ଟି ହେଉଥିବାରୁ ସେହି ରୋଗଗୁଡ଼ିକୁ ଡାକ୍ତରୀ ଭାଷାରେ 'ଅଟୋଇମ୍ୟୁନ୍' ରୋଗ ବୋଲି କହନ୍ତି। ଏବେ ଏହିଧରଣର ରୋଗସଂଖ୍ୟା ବଢ଼ି ଚାଲିଛି। ଏ ସଂପର୍କିତ ଗବେଷଣାକୁ ସ୍ୱୀକୃତି ଜଣେଇ ନୋବେଲ ପୁରସ୍କାର କମିଟି ପ୍ରଦାନ କରିଛି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର। ପୁରସ୍କାରଟି ପ୍ରଦତ୍ତ ହୋଇଛି 'ପେରିଫେରାଲ ଇମ୍ୟୁନ ଟଲେରାନ୍ସ' ବା 'ପ୍ରାନ୍ତୀୟ ରୋଗ ପ୍ରତିରକ୍ଷା ସହନଶୀଳତା' ବିଷୟକ ସେମାନଙ୍କର ଯୁଗାନ୍ତକାରୀ ଆବିଷ୍କାର ପାଇଁ। ପୁରସ୍କାର ବାବଦକୁ ପ୍ରତ୍ୟେକ ନୋବେଲ ବିଜେତାଙ୍କୁ ଦିଆଯିବ ୪ ଲକ୍ଷ ଡଲାର (ଭାରତୀୟ ମୁଦ୍ରାର ପାଖାପାଖି ୩୫୦ ଲକ୍ଷ ଟଙ୍କା), ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଓ ପୁରସ୍କାର ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମା। ଏହା ପ୍ରଦତ୍ତ ହେବ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ତିରୋଧାନ ଦିବସ ଡିସେମ୍ବର ୧୦ ତାରିଖରେ। ଏହି ଦିବସକୁ 'ନୋବେଲ ଦିବସ' ଭାବରେ ପାଳନ କରାଯାଏ।

ପ୍ରଶ୍ନ ଉଠେ, ଆମ ଶରୀରରେ ଯଦି ପ୍ରତିରକ୍ଷା ତନ୍ତ୍ର ଭଳି ଏକ ସ୍ୱତନ୍ତ୍ର ପ୍ରଣାଳୀ ଆମକୁ ସୁରକ୍ଷିତ ରଖିବା ପାଇଁ କାମ କରୁଛି ଏବଂ ତାହା ଶରୀରର ସୁସ୍ଥ କୋଷଗୁଡ଼ିକୁ ସୁରକ୍ଷିତ ରଖି ରୋଗ ସୃଷ୍ଟିକାରୀ ଜୀବାଣୁ ଭୂତାଣୁ ଇତ୍ୟାଦିକୁ ଆକ୍ରମଣ କରି ଧ୍ୱଂସ କରିଦେଉଛି; ତେବେ ଆମ ଭିତରୁ କେତେକ ପୁଣି ଅଟୋଇମ୍ୟୁନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇପଡୁଛନ୍ତି କିପରି? କାହିଁକି ଅବା ଆମେ ସମସ୍ତେ ଅଟୋଇମ୍ୟୁନ ରୋଗ ଭୋଗୁନେ? ସାଇମୋନ ସାକାଗୁଚି ଆବିଷ୍କାର କଲେ ଏକନୂତନ ପ୍ରକାରର ଇମ୍ୟୁନ୍ ସେଲ୍‌ଫ। ସେହି ସେଲ ବା କୋଷର ନାଁ 'ରେଗୁଲେଟରୀ ଟିସେଲ'। ସଂକ୍ଷେପରେ 'ଟି ରେଗ୍‌ସ ରେଗୁଲେଟରୀ ଟି ସେଲ' ହେଉଛି ନିଅନ୍ତ୍ରଣକାରୀ। ତାହା ସିକ୍ୟୁରିଟି ଗାର୍ଡ ବା ନିରାପତ୍ତା ରକ୍ଷୀ ଭାବରେ କାର୍ଯ୍ୟ କରି ଶରୀରର ସୁସ୍ଥକୋଷଗୁଡ଼ିକୁ ପ୍ରତିରକ୍ଷା ତନ୍ତ୍ରର ଆକ୍ରମଣରୁ ରକ୍ଷା କରେ। ଯେଉଁ ପ୍ରତିରକ୍ଷାତନ୍ତ୍ର ପୁଲିସ ଭଳି କାମ କରି ରୋଗ ସୃଷ୍ଟି କରୁଥିବା ଜୀବାଣୁ ଭୂତାଣୁମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ କାବୁ କରି ଦେଉଛି, ସେହି ପ୍ରତିରକ୍ଷା ତନ୍ତ୍ର ଯେପରି ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ ନ କରି ପାରିବ ସେଥିପ୍ରତି ପୁଲିସ ଭଳି ସେଥିପ୍ରତି କଡ଼ା ନିଘା ରଖିଛି ରେଗୁଲେଟରୀ ଟି ସେଲ ବା ନିରାପତ୍ତା ରକ୍ଷୀ। ଫଳରେ ପ୍ରତିରକ୍ଷା ତନ୍ତ୍ର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରୁନାହିଁ।

ପ୍ରଶ୍ନ ଉଠେ ରେଗୁଲେଟରୀ ଟି ସେଲ ରହିଥିବା ସତ୍ତ୍ୱେ ନିରାପତ୍ତା ରକ୍ଷୀ ଭାବରେ ତାହା ପ୍ରତିରକ୍ଷା ତନ୍ତ୍ର ଉପରେ ସତର୍କ ଦୃଷ୍ଟି ରଖିଥିବା ସତ୍ତ୍ୱେ, ପୁଣି ପ୍ରତିରକ୍ଷା ତନ୍ତ୍ର ତା'ର ଭାରସାମ୍ୟ ହରେଇ ସୁସ୍ଥକୋଷକୁ ଆକ୍ରମଣ କରି ପକାଉଛି କିପରି? କିପରି ପୁଣି ଜାତ ହୋଇପାରୁଛି ଅଟୋଇମ୍ୟୁନ ରୋଗ? ଏହି ଆବିଷ୍କାରର ରହିଛି ଏକ ଦ୍ୱିତୀୟ ଅଂଶ। ଦ୍ୱିତୀୟ ଅଂଶଟିର ଆବିଷ୍କାରକ ହେଉଛନ୍ତି ମେରୀ ବ୍ରଙ୍କୋ ଓ ଫ୍ରେଡ ରାମସଡେଲ। ସେମାନେ ଏପରି ଏକ ପ୍ରଜାତିର ମୂଷାଙ୍କ ସନ୍ଧାନ ପାଇଲେ, ଯେଉଁ ମୂଷାମାନେ ଅଟୋଇମ୍ୟୁନ ରୋଗ ପ୍ରତି ଅତିମାତ୍ରାରେ ସଂବେଦନଶୀଳ। ରୋଗଭୋଗୀ ଅଳ୍ପ କେଇଟି ସପ୍ତାହ ଭିତରେ ସେମାନେ ମୃତ୍ୟୁବରଣ କରିବା ପାଇଁ ବାଧ ହୋଇଥା'ନ୍ତି। ସେହି ପ୍ରଜାତିର ମୂଷାଙ୍କୁ କୁହାଯାଉଛି ସ୍କର୍ଫି। କେବଳ ଅଣ୍ଡିରା ମୂଷା ଏଥିରେ ଆକ୍ରାନ୍ତ ହେଉଥିବାରୁ ମେରୀ ଓ ଫ୍ରେଡ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଅଣ୍ଡିରା ସ୍କର୍ଫି ମୂଷାଙ୍କ ଏକ୍ସ କ୍ରୋମୋଜୋମରେ କିଛି ତ୍ରୁଟି ରହିଛି। ଆହୁରି ଅଧିକ ଅନୁଧ୍ୟାନ କରି ସେମାନେ ଦେଖିଲେ ଯେ ଏକ୍ସ କ୍ରୋମୋଜୋମ୍‌ରେ ଫକ୍ସପିଁ ୩ ନାମକ ଏକ ଜିନ୍‌ରେ ରହିଛି ଏକ ପରିବର୍ତ୍ତନ (ଜିନରେ ଏଭଳି ପରିବର୍ତ୍ତନକୁ ବିଜ୍ଞାନ ଭାଷାରେ କୁହାଯାଏ ମ୍ୟୁଟେସନ)। ଫକ୍ସପି ୩ ଜିନରେ ମ୍ୟୁଟେସନ ଯୋଗୁଁ ହିଁ ମୂଷା ଅଟୋଇମ୍ୟୁନ ରୋଗରେ ଆକ୍ରାନ୍ତ ହୋଇପଡୁଛନ୍ତି। ସେମାନେ ଏହା ବି ଦେଖିଲେ ଯେ ମଣିଷ ଶିଶୁମାନଙ୍କ ଭିତରୁ କେତେକ ଭୋଗିଥା'ନ୍ତି ଆଇପେକ୍ସ ନାମକ ଗୁରୁତର ଅଟୋଇମ୍ୟୁନ ରୋଗ। ସେହି ରୋଗୀଙ୍କଠାରେ ବି ଫକ୍ସପି ୩ଜିନରେ ପରିଲକ୍ଷିତ ହୋଇଛି ମ୍ୟୁଟେସନ। ସୁତରାଂ ମେରୀ ଓ ଫ୍ରେଡ ନିଶ୍ଚିତ ହୋଇଗଲେ ଯେ ଫକ୍ସପି ୩ ରେ ମ୍ୟୁଟେସନ କରେଇପାରେ ଅଟୋଇମ୍ୟୁନ୍ ରୋଗ।

ଏହି ତଥ୍ୟ ମିଳିଗଲା ପରେ ସାକାଗୁଚି ପୁଣି ଲାଗିପଡ଼ିଲେ ଗବେଷଣାରେ। ଦୁଇବର୍ଷ ଧରି ଗବେଷଣା ପରେ ସାକାଗୁଚି ଦର୍ଶେଇଦେଲେ ଯେ ଫକ୍ସପି ୩ ଜିନଟି ନିୟନ୍ତ୍ରଣ କରିଥାଏ ରେଗୁଲେଟରି ଟି ସେଲର ବିକାଶକୁ। ଫଳରେ ପ୍ରତିରକ୍ଷା ତନ୍ତ୍ର ଶରୀରର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରେନି। କିନ୍ତୁ ଫକ୍ସପି୩ ଜିନରେ ମ୍ୟୁଟେସନ ହୋଇ ତାହା ତ୍ରୁଟିଯୁକ୍ତ ହୋଇ ପଡ଼ିଲେ ରେଗୁଲେଟରୀ ଟି ସେଲ ବା ପ୍ରତିରକ୍ଷା ତନ୍ତ୍ରର ନିରାପତ୍ତାର ରକ୍ଷୀ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହେବାରୁ ଜାତ ହୋଇପଡ଼େ ଅଟୋଇମ୍ୟୁନ ରୋଗ।

ଆମର ଅତିପରିଚିତ ରିଉମାଟଏଡ ଆର୍ଥ୍ରାଇଟିସ ନାମକ ଗଣ୍ଠିରୋଗ ଓ ଟାଇପ-୧ ଡାଇବେଟିସ ହେଉଛି ଅଟୋଇମ୍ୟୁନ ରୋଗର ଉଦାହରଣ। ଅଙ୍ଗ ପ୍ରତିରୋପଣ ଓ କେତେକ କ୍ୟାନସରରେ ମଧ୍ୟ ଏହି ଆବିଷ୍କାରର ଗୁରୁତ୍ୱ ରହିଛି। ମାତ୍ର ରେଗୁଲେଟରୀ ଟି ସେଲ ଭିତ୍ତିକ ଚିକିତ୍ସା ପଦ୍ଧତି ସଂପ୍ରତି ରହିଛି ପରୀକ୍ଷା ସ୍ତରରେ। ହେଲେ ଏହି ଚିକିତ୍ସା ପଦ୍ଧତିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ।

କଟକ, ମୋ: ୯୪୩୭୭ ୬୬୧୧୭

# ତିବ୍ବତରେ ବୌଦ୍ଧ ବିହାର

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...

ପ୍ରାୟତଃ ସମସ୍ତ ବୌଦ୍ଧବିହାର ଶିକ୍ଷାକେନ୍ଦ୍ର ଭାବେ କାର୍ଯ୍ୟ କରିଥା'ନ୍ତି। ଏଗୁଡ଼ିକରେ ତିବ୍ବତୀୟ ଭାଷାରେ ଅନୁଦିତ କଞ୍ଜୁର ଓ ତଞ୍ଜୁର ଦୁଇଟି ବର୍ଗର ଧର୍ମୀୟ ପୁସ୍ତକ ତଥା ବିଭିନ୍ନ ଶାସ୍ତ୍ରସବୁର ବିଶାଳ ଭଣ୍ଡାର ସଂଗୃହୀତ। ତିବ୍ବତରେ ବୌଦ୍ଧବିହାର ତଥା ମନ୍ଦିରମାନ ପ୍ରତିଷ୍ଠା କାର୍ଯ୍ୟ ତଥା ଏଥିପାଇଁ ରାଜକୀୟ ଅଥବା ଶାସକୀୟ ସହାୟତା, ମୁଖିଆ ତଥା ଅଭିଜାତ ବର୍ଗର ସହୟତା ପ୍ରାପ୍ତି ସପ୍ତମ /ଅଷ୍ଟମ ଶତାବ୍ଦୀରୁ ଆରମ୍ଭ ହୋଇ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲି ରହିଲା। ଭାରତ ଭଳି ତିବ୍ବତୀୟ ବୌଦ୍ଧ ଧର୍ମରେ ମଧ୍ୟ ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏହିମାନେ ଧର୍ମର ପ୍ରଚାର ପ୍ରସାର ଅଧିକ ମାତ୍ରାରେ କରିଛନ୍ତି। ଏହି ସଂପ୍ରଦାୟଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲେ ନିଙ୍ଗ୍‌ମାପା, ଶାସ୍‌କ୍ୟାପା ଓ କାବ୍‌ରଗ୍ୟୁଡପା। ମିଳିତ ଭାବେ ଏମାନେ 'ନାଲିଟୋପି' ସଂପ୍ରଦାୟ ଭାବେ ପରିଚିତ ଏବଂ ଏମାନଙ୍କର ସବୁଠାରୁ ଅଧିକ ସଂଖ୍ୟକ ବିହାର ରହିଛି।



ତିବ୍ବତ ହେଉଛି ବୌଦ୍ଧ ବିହାରର ଦେଶ। ସେଥିମଧ୍ୟରୁ କେତେକ ଉଲ୍ଲେଖଯୋଗ୍ୟ ବିହାର ହେଲା (୧) ସମୟେ- ଏହା ହେଉଛି ରାଜା ଖ୍ରୀ-ସ୍ରନ୍‌ଙ୍କ ଦ୍ୱାରା ପଦ୍ମସମ୍ଭବ ଓ ଶାନ୍ତରକ୍ଷିତଙ୍କ ସହାୟତାରେ ଲାସା ନିକଟରେ ନିର୍ମିତ ପ୍ରଥମ ବୌଦ୍ଧ ମହାବିହାର। ଏହି ମହାବିହାରଟି ମଗଧର ଓଦନ୍ତପୁରୀ ମହାବିହାର ଅବିକଳ ଢାଞ୍ଚାରେ ଖ୍ରୀ ୭୪୯ ରେ ନିର୍ମିତ ହୋଇଥିଲା। ଏହାଥିଲା

### ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତର ମୁଖ୍ୟ ତଥା ପ୍ରଧାନ ବୌଦ୍ଧ ଶିକ୍ଷାକେନ୍ଦ୍ର। ଆଚାର୍ଯ୍ୟ ଶାନ୍ତରକ୍ଷିତ ଏହି ବିହାରର ପ୍ରଥମ ମୁଖ୍ୟ ଆଚାର୍ଯ୍ୟ ଭାବେ ନିଯୁକ୍ତ ହୋଇ ଜୀବନର ଶେଷକାଳ ପର୍ଯ୍ୟନ୍ତ ସେହି ଦାୟିତ୍ୱ ତୁଲାଇଥିଲେ। ଏହି ବିହାରର ଅଧିକାଂଶ ଭିକ୍ଷୁ ନିଙ୍ଗ୍‌ମାପା ସଂପ୍ରଦୟର ହୋଇଥିଲେ ମଧ୍ୟ ଏହାର ମୁଖ୍ୟ ଶସ୍‌କ୍ୟାପା ଗୋଷ୍ଠୀର। (୨) ଗାଲ୍‌ଡାନ୍- ଏହାର ସଂସ୍କୃତ ଅର୍ଥ ହେଲା ତୁଷିତ (ଦେବତାମାନଙ୍କର ବାସସ୍ଥାନ, ଗୋଟିଏ ସ୍ୱର୍ଗ)। ଏହି ବିହାରଟି ଗେଲୁଗ୍‌ସ୍ୱା ସଂପ୍ରଦାୟର (ହଳଦିଆ ଟୋପି) ବିରାଟ ତଥା ପ୍ରସିଦ୍ଧ ମହାବିହାର। ଲାସାର ପୂର୍ବକୁ ତିରିଶ ମାଇଲ ଦୂରରେ ଏହା ଅବସ୍ଥିତ। ତିବ୍ବତର ମହାନ ବୌଦ୍ଧ ସଂସ୍କାରକ ସଙ୍ଗ୍-ଖା-ପା ଏହି ବିହାରକୁ ଖ୍ରୀ୧୪୦୯ ରେ ନିର୍ମାଣ କରାଇଥିଲେ। ଏହି ବିହାରଟି ଭାବିବୁଦ୍ଧ ମୈତ୍ରେୟଙ୍କର ଚିତ୍ତାକର୍ଷକ ପ୍ରତିମୂର୍ତ୍ତି ପାଇଁ ପ୍ରସିଦ୍ଧ। କିମ୍ବଦନ୍ତୀ କୁହେ ଏହା ମଗଧରୁ ଏଠାକୁ ଉଡ଼ି କରି ଆସିଛନ୍ତି। (୩) ଦେ-ପୁଙ୍ଗସ୍- ଏହା ହେଉଛି ତିବ୍ବତର ସବୁଠାରୁ ଅଧିକ କ୍ଷମତାଶାଳୀ ତଥା ଜାନାକୀର୍ଣ୍ଣ ମହାବିହାର। ଏହା ଖ୍ରୀ ୧୪୧୬ରେ ନିର୍ମିତ। ଏହି ବିହାରଟିର ବହୁ ଉଚ୍ଚ ଉଚ୍ଚ କୋଠାମାନଙ୍କର ସମାହାର ଏହାକୁ ଏକ ସହର ଭଳି ଦର୍ଶାଇଥାଏ। ଏହି ବିହାରଟି ଲାସାର ପଶ୍ଚିମକୁ ମାତ୍ର ତିନି ମାଇଲ ଦୂରରେ ଅବସ୍ଥିତ। ଏଠାରେ ପ୍ରାୟ ସାତ ହଜାର ଭିକ୍ଷୁ ବସବାସ କରିଥା'ନ୍ତି। ଏଠାରେର ଶିକ୍ଷା ନିମିତ୍ତ ଆଠ ଗୋଟି ମହାବିଦ୍ୟାଳୟ ରହିଥିଲା। ଏବେ ମାତ୍ର ଚାରିଗୋଟି କାର୍ଯ୍ୟକ୍ଷମ। (୪)ସେରା - ସଙ୍ଗ୍-ଖା-ପାଙ୍କର ମହାପ୍ରୟାଣ ବର୍ଷ ଖ୍ରୀ ୧୪୧୮ ରେ ଏହି ବିହାରଟି ଲାସାର ଅତି ନିକଟରେ ଥିବା ତାଟି ପୁ ପାହାଡ଼ରେ ଗଢ଼ାଣିଆ ସ୍ଥଳରେ ନିର୍ମିତ। ଏହା ମଧ୍ୟରେ ବହୁତଳ ବିଶିଷ୍ଟ ତିନିଗୋଟି ବିଶାଳ ବୌଦ୍ଧ ମନ୍ଦିର ରହିଛନ୍ତି। ଏହା ଚାରିଗୋଟି ମହାବିଦ୍ୟାଳୟ ସହ ଗୋଟିଏ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ। କୁହାଯାଏ ସମ୍ରାଟ ଅଶୋକଙ୍କ ଦ୍ୱାରା ନିର୍ମିତ ୮୪, ୦୦୦ ଚୈତ୍ୟମଧ୍ୟରୁ ଏଇଟି ଗୋଟିଏ ଏବଂ ଏହାକୁ ମଗଧରୁ ଅଣାଯାଇ ଥିଲା। (୫) ତାସୀ-ଲୁନ୍-ପୋ - ଏହି ବିଶାଳ ମହାବିହାରଟି ଲାସାର ଦକ୍ଷିଣ-ପଶ୍ଚିମକୁ ଶିଗାତ୍‌ସେ ଠାରେ ଅବସ୍ଥିତ। (କ୍ରମଶଃ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସମୁଦ୍ରରେ ବୁଡ଼ିଲା ଟ୍ରଲର; ବର୍ତ୍ତିଗଲେ ୮ ମତ୍ସ୍ୟଜୀବୀ



ରାଜନଗର, ୧୦।୧୦ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ସାତଭାୟା ନିକଟ ସମୁଦ୍ରରେ ଗତରାତିରେ ରତ୍ନାତାରିଣୀ ନାମକ ଏକ ମତ୍ସ୍ୟଜୀବୀ ଟ୍ରଲର୍ ବୁଡ଼ି ଯାଇଛି। ସମୁଦ୍ର ମଝିରେ ଟ୍ରଲର୍‌ଟିର ଇଞ୍ଜିନ୍ ଖରାପ ହୋଇଯିବା ପରେ ଉଚ୍ଚ ଲହରି ଟ୍ରଲର୍ ମଧ୍ୟରେ ପଶିଯାଇଥିଲା। କିଛି ବାଟ ଭାସିଭାସି ଆସିବା ପରେ ଟ୍ରଲର୍ ମଧ୍ୟରେ ପାଣି ପଶି ବୁଡ଼ିବା ଆରମ୍ଭ ହୋଇଥିଲା। ତେବେ ଏହି ଅଘଟଣରୁ ୮ଜଣ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। କୂଳଠାରୁ ଅଳ୍ପ ଦୂରରେ ଟ୍ରଲର୍‌ଟି ବୁଡ଼ିଥିବାରୁ ମତ୍ସ୍ୟଜୀବୀମାନେ ପହଁରିପହଁରି କୂଳକୁ ପଳାଇ ଆସିଥିଲେ। ସେମାନେ ହେଲେ, ଭଦ୍ରକ ଅଞ୍ଚଳର ନନ୍ଦକିଶୋର ମାଝି, ପ୍ରଭାକର ମଲ୍ଲିକ, ସନାତନ ମାଝି, ସୁଧାକର ମଲ୍ଲିକ, ବିଦ୍ୟାଧର ମାହୁନ୍ତ, ଅଶୋକ ପାତ୍ର ଓ କାର୍ତ୍ତିକ ସିଂହ। ଅପରପକ୍ଷେ, ସମୁଦ୍ରରେ ବୁଡ଼ିଯାଇଥିବା ଟ୍ରଲରଟି ଭାସିଭାସି ଆସି କୂଳରେ ଲାଗିଛି। ଟ୍ରଲରରେ ଥିବା ସମସ୍ତ ସାମଗ୍ରୀ ଓ ମାଛ ଭାସିଯାଇଥିବା ମତ୍ସ୍ୟଜୀବୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଟ୍ରଲର୍‌ଟି ଭଦ୍ରକ ଅଞ୍ଚଳର ବୋଲି ଜଣାଯାଇଛି।

# ରେଳଧାରଣାରେ ଶୋଇପଡ଼ିଲେ ମହିଳା

ବୈଶିଙ୍ଗା, ୧୦।୧୦ (ସମିସ): ବେତନଟୀ ବ୍ଲକ ଆମ୍ବଗଡ଼ିଆ ଉପକଣ୍ଠ ନୂଆସାହିଠାରେ ଜଣେ ମହିଳା ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ନୂଆସାହି ଗ୍ରାମର ପରମାନନ୍ଦ ସିଂଙ୍କ ସ୍ତ୍ରୀ ସିତୁ ଓରଫ କଟି ସିଂ (୪୬)। ସୂଚନାନୁଯାୟୀ, ବାଙ୍ଗିରିପୋଷିରୁ ବାଲେଶ୍ୱର ଅଭିମୁଖେ ମେମୁ ଟ୍ରେନ୍ ଯାଉଥିବା ବେଳେ ଅନତି ଦୂରରେ ଅଟକିବାର ଥିଲା। ତେବେ ଠାକୁରତୋଟା ଷ୍ଟେସନର ପହଞ୍ଚିବା ଅବ୍ୟବହିତ ପୂର୍ବରୁ ସିତୁ ଦୌଡ଼ି ଆସି ରେଳଧାରଣା ଉପରେ ମୁଣ୍ଡ ରଖି ଶୋଇ ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡଗଣ୍ଠି ଅଲଗା ହୋଇଯାଇଥିଲା। ଲୋକୋପାଇଲଟଙ୍କଠାରୁ ସୂଚନା ପାଇ ରୁପ୍ସା ଜଙ୍କସନରୁ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ବେଳକୁ ମହିଳାଙ୍କ ପରିବାର ମୃତଦେହକୁ ନେଇ ପଳାଇଥିଲେ। ତେବେ ପାରିବାରିକ କଳହରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**VEHICLE FOR SALE**

MAHINDRA BOLERO B6, Model - 2022, Registration No-OD-02-CC-9936, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409, within 7 days.

**AFFIDAVIT**

By virtue of an affidavit before the Executive Magistrate, Gajapati, I, Satyanarayan Karjee, resident of Village Kesara, P.O. Govindapur, P.S. Mohana, Dist.: Gajapati, Odisha (Pin: 761015), have changed my name & DOB from Satya Karjyee (D.O.B: 01.01.1985) to Satyanarayan Karjee (D.O.B: 07.08.1985) for all purposes.

Sd/-Satyanarayan Karjee

**AFFIDAVIT**

By an affidavit No.- 3459, sworn before the Executive Magistrate, Dharmasala on dtd- 2/9/25, I Kodanda Pal, S/o- Nrushingh Pal of Kanipatla, Jaraka, Dharmasala, Jajpur declare that in Aadhaar- 258083961419 my DOB is mentioned as 01.01.1952 instead of 24.10.1944 which is genuine and in pension PPO No.- 12020076504 it is mentioned as Kodanda, S/o- Narasingha. Both Kodanda Pal, S/o- Nrusingha Pal and Kodanda, S/o- Narasingha is same and one person.

**AFFIDAVIT**

I, Samarjit Mohapatra, S/o- Amulya Kumar Mohapatra, Resident of Plot No.: 45,Near Kali Mandir, Satya Nagar, Bhubaneswar, Khordha, Odisha, PIN-751007 declared by this Affidavit No.: 1149/ 2025, Dated: 09.10.2025 that now onwards I shall Be Known As **SAMARRJIT MOHAPPATRA** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, At-Narasinghpur, dated- 26.09.2025 I Aparajita Pati, w/o- santosh Had village/Po- Phulapada,Ps-Narasinghpur, Dist- Cuttack declare that I have changed my old name Aparajita Had to New name Aparajita pati. Henceforth,she shall be known as Aparajita pati for all purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur, No.911 dated 10/10/2025 I, Nalini Gonda, D/o- Sisusanta Gonda resident of Village- Dangriguda, Po.- Bikrampur, Ps.- Nabarangpur, Odisha, Pin- 764059 state that, I have changed my name from **Nalini Nagesh** to **Nalini Gonda**. Henceforth I shall be known as **Nalini Gonda** for all future purposes.

Nalini Gonda

**AFFIDAVIT**

By virtue of an affidavit (No. 9620, dtd- 03/10/2025) sworn before The Executive Magistrate, Jajpur. I, **Sanatan Ketaki** (new name), S/o Anu Ketaki, permanent resident of Vill: Talagadia, PO: Malapara, PS: Jajpur Sadar, Dist: Jajpur, PIN: 755043, Odisha declare that I have changed my name from **Sonatan Ketki** (old name) to **Sanatan Ketaki** (new name). Henceforth, I shall be known as **Sanatan Ketaki** (new name) for all purposes.

**Sanatan Ketaki**

**AFFIDAVIT**

I, Simanchala Malu, S/o- Dhundar Malu, Resident of Plot No.: 2077/5113, Mahadev Nagar, Near Gangua Canal, Jharpada, Bhubaneswar, Bhubaneswar (M.C), PO: Budheswari Colony, Dist.: Khordha Odisha, PIN- 751006 declared by this Affidavit No.1157/2025, Dated: 10.10.2025. That now onwards I shall be known as **SIMANCHAL MALU** for all future Purposes.

**VEHICLE FOR SALE**

MAHINDRA BOLERO NEO N8, Model - 2022, Registration No-OD-33-AG-9337, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days.

**AFFIDAVIT**

By virtue of an affidavit (No. 5392, dtd- 09/10/2025) before the Executive Magistrate, Angul. I, **Bijaya Kumar Panda,** resident of At- Kaliadama, Po- Balipasi, Ps- Rengali Dam Site, Dist- Angul, PIN- 759105, Odisha declare that, I want to correction my wife name from **Subasini Satpathy to Subhasini Satpathy** & my name from **Bijaya Ku. Panda to Bijaya Kumar Panda** in my son's (**Anwesh Panda**) school admission register / records.

**AFFIDAVIT**

By virtue of an affidavit (No. 6165, dtd- 25/06/2025) sworn before The Executive Magistrate, Jajpur. I, **Sudharani Pati,** W/o Asish Kumar Pati, resident of Vill: Seepura, PO: Pubasahi, PS: Dasarathur, Dist: Jajpur, PIN: 755006, Odisha declare that I have changed my minor daughter's name from **Somali Pati** (old name) to **Sonali Pati** (new name). Henceforth, she shall be known as **Sonali Pati** (new name) for all purposes.

**Sudharani Pati**

**AFFIDAVIT**

By virtue of an affidavit before the Notary Public, Nuapada, I, Narayan Majhi, resident of At- Darlipali ORF Chuhuri, Po- Kodomeri, Ps- Jonk, Dist- Nuapada, Odisha, PIN-766104 have changed my minor son name from Rehaan Sahu to Aryan Majhi. Henceforth, he shall be known and called as Aryan Majhi for all purposes.

**Sd/-Narayan Majhi**

**AFFIDAVIT**

I, Shaikh Safiyan Ali, aged about 58 years, S/o- Shaikh Usman Ali, resident of AT/PO: Jhalpada, PS: Brahmabarada, Dist: Jajpur, PIN: 755005, Odisha declared by this affidavit No. 2031, dtd- 09/10/2025 that now onwards I shall be known as **SHAIKH SUFIYAN ALI** for all future purposes.

**AFFIDAVIT**

By virtue of an affidavit before the Executive Magistrate, Tigiria vide No-03/08.10.2025 I Pravati Das W/o Lokanath Das of Vill-Badabhuindal, Po- Badabhuin, Ps-Athagarh, Dist- Cuttack that I have changed my name from Pravati Manjari Das to Pravati Das. Henceforth I shall be known as Pravati Das for all purpose.

**AFFIDAVIT**

By virtue of an affidavit before the Notary Public, Paralakhemundi, I, Smt. Satyabati Pradhan, resident of Subhadra Vihar, 4th Lane, PO/PS Paralakhemundi, Dist. Gajapati, Odisha, PIN- 761211 have changed my minor son's name from Bibek Pradhan to Suman Pradhan. Henceforth, he shall be known as **Suman Pradhan** for all purposes.

**Sd/- Satyabati Pradhan**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 10.10. 2025 I, Iswar Tentulikhuntia, S/o - Samaru Tentulikhuntia, Village- Gundriguda, Po.- Binjili, Ps.- Kosagumuda, Dist.- Nabarangpur, Odisha, Pin - 764058, declare that, I have changed the name of my Son from **LAKHAN KANTA TENTULIKHUNTIA** to **LAXMIKANTA TENTULIKHUNTIA**. Henceforth, he shall be known as **LAXMIKANTA TENTULIKHUNTIA** for all purposes.

Sd/- Iswar Tentulikhuntia


## କେନ୍ଦ୍ରାପଡ଼ା ପୌରପରିଷଦ , କେନ୍ଦ୍ରାପଡ଼ା

"ଗଜଲକ୍ଷ୍ମୀ ପୂଜା - ୨୦୨୫" ପାଳନ ଅବସରରେ କେନ୍ଦ୍ରାପଡ଼ା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚାଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ। ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡ଼ି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି। ଅଳିଆ ସଂଗ୍ରହ ଗାଡ଼ି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ।

୨. ରାସ୍ତା ଅବରୋଧ କରି ଇଟା, ଗୋଡ଼ି , ମାଟି କିମ୍ବା ବାଲି ରଖନ୍ତୁ ନାହିଁ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା , ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଯ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି , ସୁପର ଭାଇଜର , ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ।

୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ। ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି , ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ।

| | | |
|---|---|---|
| ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି | ଆକବରୀ ଖାତୁନ | ଶ୍ରୀମତୀ ସରିତା ସାହୁ |
| ନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷା |

## OFFICE OF THE SRI NILACHAKRA WEAVERS' CO-OPERATIVE SOCIETY LTD.,

**REGD.NO.18 PLB(TEX), DATED: 08.03.1992**

**AT: THAPAPALI, PO: SAN GOCHHAPADA, PS: BAUNSUNI, BLOCK/DIST: BOUDH**

### ADVERTISEMENT

**No: 01** **DATE: 09.10.2025**

Applications are invited in the prescribed form from the desirous candidates for 01 (One) post of the Secretary of Sri Nilachakra Weavers' Co-operative Society Ltd., At: Thapapali, Post: San Gochhapada, Dist: Boudh, PIN: 762015. Application form can be obtain in person from the Office of the Sri Nilachakra W.C.S. Ltd., Thapapali on payment of Rs.100.00 (Rupees One Hundred only) from dated: 10.10.2025 to 25.10.2025 during 10.00 AM to 5.30 PM (Except holidays). The duly filled in application form along with required documents (Self attested) should be submitted in the office of the Sri Nilachakra W.C.S. Ltd. in person obtaining the acknowledgement receipt or by Registered Post from Dated: 10.10.2025 to 25.10.2025 (Except holidays) during 10.00 AM to 5.30 PM and no application will be received after 5.30 PM of dated: 25.10.2025.

**ELIGIBILITY, EDUCATIONAL QUALIFICATION AND SELECTION CRITERIA:**

1. The candidate must be permanent resident of the Area operation of the Sri Nilachakra W.C.S. Ltd.
2. The candidate must passed the Matriculation/HSC examination from the recognized institution/Board.
3. Preference shall be given to the candidate having knowledge in weaving of handloom products.
4. A candidate must not be less than 21 years or more than 38 years of age as on dated: 01.01.2025. The upper age limit shall be 43 years in respect of person belonging to SC/ST/OBC including SEBC.
5. There is no scale of pay/salary for the post. However, remuneration shall be considered by the Managing Committee taking into the working performance of the employees and profit of the Society.
6. The candidate if selected for the post will deposit the Security Money of Rs.25,000/- and Surety Bond of Rs.1,00,000/- at the time of joining in the post in the Society.
7. The employee must obey the Odisha Co-operative Societies Act, 1962 (Odisha Act-2 of 1963)/Rule, 1965 and Bye-Laws of the Society and his engagement depends on the satisfactory performance by the Managing Committee of the Society.
8. Appointment for the post of Secretary will be made by the Managing Committee basis on the mark secured in the written test/Viva-voce and additional mark if any by the candidate.
9. Submission of the incomplete application and late receipt of the application will be rejected outrightly.

**NB: The Managing Committee/Administrator of the Society reserves all right to cancel/alter/ modify/reject the advertisement at any time without assigning any reason thereof.**

**By order of the Administrator**
**Sd/-Secretary,**
**Sri Nilachakra W.C.S. Ltd., Thapapali**

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

## ବିକ୍ରୟ ନୋଟିସ୍
**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) ଅଜିତ୍ କୁମାର ପଣ୍ଡା, ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) ଦୁର୍ଗା ମାଧବ ପଣ୍ଡା, ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ | ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/ ୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ୦୮.୦୪.୨୦୨୧ / ୧୮.୧୧.୨୦୨୧ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) ଶ୍ରୀ ଅରୁଣ ଗୌଡ, ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) ଶ୍ରୀ କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) ଶ୍ରୀ ସୀମାଞ୍ଚଳ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ୦୭.୧୧.୨୦୧୭ / ୨୫.୦୪.୨୦୧୮ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା, ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) ଦିବ୍ୟ ଲୋଚନ ବେହେରା, ପିତା: ଶତ୍ରୁଘନ ବେହେରା, ୩) ଶତ୍ରୁଘନ ବେହେରା, ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହଡାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | ଶ୍ରୀ ଶତ୍ରୁଘନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ୦୫.୦୫.୨୦୨୧ / ୦୨.୧୧.୨୦୨୧ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ, ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) ସରୋଜିନୀ ପଣ୍ଡିତ, ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ୩୧.୦୮.୨୦୧୯ / ୧୬.୦୧.୨୦୨୦ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) ଶ୍ରୀ ପ୍ରଭାକର ସାହୁ, ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା,୨) ଶ୍ରୀ ଅଶୋକ କୁମାର ସାହୁ, ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା | ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂହ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ୦୧.୦୯.୨୦୧୮ / ୦୨.୦୧.୨୦୧୯ / ୨୨.୦୯.୨୦୨୫ |
| **ୟୁଏମ୍ଏଫ୍‌ବି ଶାଖା, ଫୋନ୍: ୭୮୭୩୫୮୧୯୪୫ /** ୧) ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଜେ ଆଶା, ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡିଶା-୭୬୧୦୨୦, ୨) ଜେ ଆଶା, ପିତା: ଜେ ଦେବରାଜ ରାଓ, ସା: ପାଲିଆ ଲକ୍ଷ୍ମୀପୁର, କାଳିପଲି, ବଡପୁଟି, ଗଞ୍ଜାମ, ଓଡିଶା-୭୬୧୦୨୦, ୩) ଜି ଡିଲେଶ୍ୱରି, ସ୍ୱାମୀ: ଜି ମହାଦେବ, ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡିଶା-୭୬୧୦୨୦ | ଜି ଡିଲେଶ୍ୱରି, ସ୍ୱାମୀ: ଜି ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୩୪, ପ୍ଲଟ୍ ନଂ.: ୨୭୫, କ୍ଷେତ୍ର: ଏକର୦.୨୪୮ ଡିସିମିଲି (ଘରବାରୀ), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡିଶା, ପିନ୍-୭୬୧୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜି ଡିଲେଶ୍ୱରିଙ୍କ ପ୍ଲଟ୍ ନଂ.: ୨୭୬/୪୪୮୬ର ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୭୪, ପୂର୍ବ: ରାସ୍ତା, ପଶ୍ଚିମ: କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪ / ୨୨.୧୦.୨୦୨୪ / ୨୨.୦୯.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) କୈଳାସ ଚନ୍ଦ୍ର ଶତପଥୀ, ପିତା: କୃପାସିନ୍ଧୁ ଶତପଥୀ, ୨) ବାସନ୍ତୀ ଶତପଥୀ, ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) ଲକ୍ଷ୍ମୀକାନ୍ତ ଶତପଥୀ, ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | ବାସନ୍ତୀ ଶତପଥୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ୦୯.୦୪.୨୦୨୧ / ୧୪.୧୧.୨୦୨୧ / ୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) ପ୍ରମୋଦ କୁମାର ଆରୁଖ, ପିତା: ଲ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) କନ୍ଧ ଚରଣ ଆରୁଖ, ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) ସୁମନ୍ତ ଦିହୁଡି, ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ | ପ୍ରମୋଦ କୁମାର ଆରୁଖଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ୦୧.୦୧.୨୦୨୦ / ୧୯.୧୧.୨୦୨୧ / ୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) ରବିନ୍ଦ୍ରନାଥ ସେଠୀ, ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) ମନୋରମା ସେଠୀ, ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) ମନୋରମା ସେଠୀ, ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | ରବିନ୍ଦ୍ରନାଥ ସେଠୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ୦୮.୦୫.୨୦୧୮ / ୨୦.୦୯.୨୦୧୮ / ୦୮.୧୦.୨୦୨୫ |
| **ବାଉଁଶିଆପଡା ଶାଖା, ଫୋନ୍: ୯୮୧୯୪୧୦୯୫୧ /** ୧) ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା, ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା, ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାତିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୨୨.୦୯.୨୦୨୫ |
| **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /** ୧) ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, ୨) ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ, ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ | ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ୧୧.୧୦.୨୦୨୨ / ୧୫.୦୪.୨୦୨୩ / ୦୮.୧୦.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /** ୧) ମୁକ୍ତା ଦାସ, ସ୍ୱାମୀ: ବନ ଦାସ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୨) ଚନ୍ଦ୍ରକଳା ରାଉତ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୩) କେଦାର ରାଉତ, ମାତା: ଚନ୍ଦ୍ରକଳା ରାଉତ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | ମୁକ୍ତା ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବ୍ରହ୍ମପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୦୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମ ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା | ୨୮.୦୭.୨୦୨୨ / ୧୧.୧୦.୨୦୨୨ / ୨୨.୦୯.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /** ୧) ରବିନ୍ଦ୍ର ନାୟକ, ପିତା: ବିଜୟ ନାୟକ, ୨) ବିଜୟ ନାୟକ, ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡ଼ିଶା-୭୬୧୧୩୧ | ୧) ରବିନ୍ଦ୍ର ନାୟକ, ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍‌ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, ୨) ବିଜୟ ନାୟକ, ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୩୦.୦୪.୨୦୨୧ / ୧୦.୧୨.୨୦୨୧ / ୨୨.୦୯.୨୦୨୫ |
| **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪/** ୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, ୨) ଶ୍ରୀ ନୀଳକଣ୍ଠ ମହାନ୍ତି, ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୬.୦୪.୨୦୨୦ / ୧୭.୧୧.୨୦୨୨ / ୦୮.୧୦.୨୦୨୫ |
| **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /** ୧) ରଞ୍ଜନ କୁମାର ନାହାକ, ପିତା: ରାମ ଚନ୍ଦ୍ର ନାହାକ, ୨) ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା), ସ୍ୱାମୀ: ରାମ ଚନ୍ଦ୍ର ନାହାକ, ୩) ବିକ୍ରମ କୁମାର ନାହାକ, ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ | ଗୁରୁବାରୀ ନାହାକ, ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍‌ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଦକ୍ଷିଣ: ଯୋଗୀ ମହାପାତ୍ର, ଉତ୍ତର: ରାସ୍ତା | ୩୦.୦୪.୨୦୨୧ / ୦୫.୦୧.୨୦୨୨ / ୨୨.୦୯.୨୦୨୫ |
| **ଏସ୍ଏମ୍ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /** ୧(କ) ଶ୍ରୀ ସଞ୍ଜୟ ରାଉଳ, ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ (ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ, ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ (ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ, ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ (ବନ୍ଧକଦାତା) | ଶ୍ରୀ ଧୋବା ରାଉଳଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୩୦.୦୪.୨୦୨୧ / ୧୪.୧୨.୨୦୨୧ / ୦୮.୧୦.୨୦୨୫ |
| **ଶେରଗଡ ଶାଖା, ଫୋନ୍: ୯୦୯୦୦୩୨୭୮୩ /** ୧) ମେସର୍ସ ରାମଚଣ୍ଡୀ କିରାନା ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ, ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୧୦୬, ୨) ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ (ଋଣଗ୍ରହୀତା ତଥା ଗ୍ୟାରେଣ୍ଟିଦାତା), ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୧୦୬, ୩) ଶ୍ରୀମତୀ ଧୋବୁଣି ଗୌଡ (ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା), ସ୍ୱାମୀ: କାଳିଆ ଗୌଡ, ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬ | ଶ୍ରୀମତୀ ଧୋବୁଣି ଗୌଡଙ୍କ ନାମରେ ଥିବା ଗୃହ ସମ୍ପତ୍ତି ଯାହାର ମୌଜା/ଗ୍ରାମ: ଶେରଗଡ, ପୋ/ଥାନା/ଏସ୍‌ଆରଓ: ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା, ଖାତା ନଂ.: ୮୩୩/୪୨୯, ପ୍ଲଟ୍ ନଂ.: ୩୪୬୨/୫୭୮୨, କ୍ଷେତ୍ର: ଏକର୦.୦୧୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜମି, ଉତ୍ତର: ପୁରୁଷୋତ୍ତମ ଦାଶଙ୍କ ବାରି, ଦକ୍ଷିଣ: କୈଳାସ ଚନ୍ଦ୍ର ତ୍ରିପାଠୀ | ୦୯.୦୧.୨୦୨୪ / ୦୩.୦୫.୨୦୨୪ / ୧୦.୧୦.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୦.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ





**ବସ୍ତିରେ ବଞ୍ଚିଛି କଳା ସଂସ୍କୃତି**

# ସଞ୍ଜରେ ଜମୁଛି ଭାଗବତ ପାଠ

ଭୁବନେଶ୍ୱର, ୧୦।୧୦(ସମିସ): ଓଡ଼ିଶାର ଗ୍ରାମୀଣ ଜନଜୀବନରେ ଭାଗବତ ଟୁଙ୍ଗୀ ଏକ ଅବିଚ୍ଛେଦ ଅଙ୍ଗ। ପିଲାଦିନେ ସନ୍ଧ୍ୟା ହେବା ମାତ୍ରେ ଭାଗବତ ଟୁଙ୍ଗୀରୁ ଭାସି ଆସୁଥିଲା ଜଗନ୍ନାଥ ଦାସଙ୍କ ରଚିତ ଓଡିଆ ଭାଗବତ, ଭଜନ, କୀର୍ତ୍ତନ। କେବଳ ସେତିକି ନୁହଁ ବିଭିନ୍ନ ସମୟରେ ଦାସ କାଠିଆ, ପାଲା, ତ୍ରିନାଥ ମେଳା, ଭଜନ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ମଧ୍ୟ ନିୟମିତ ଗାଁ ଗହଳିରେ ଦେଖିବାକୁ ମିଳୁଥିଲା। ଫଳରେ ଗାଁର ଲୋକମାନେ ସେଠାରେ ଏକାଠି ହୋଇ ଗ୍ରାମୀଣ ସଂସ୍କୃତି, ପରମ୍ପରା ଓ ଭାଇଚାରା ଭାବକୁ ବାନ୍ଧି ରଖୁଥିଲେ। ହେଲେ ସମୟ ସହ ରାଜଧାନୀର ବିଭିନ୍ନ ଅଞ୍ଚଳ ଗାଁ ଗହଳିରେ ଏସବୁ କମିଯାଉଥିବା ବେଳେ ବସ୍ତିରେ ଏହି କଳା ସଂସ୍କୃତି ବଞ୍ଚି ରହିଥିବା ପରିଲକ୍ଷିତ ହେଉଛି।



**ପାଲା, ଦାସକାଠିଆରେ ଜମୁଛି ପରିବେଶ**

ବର୍ତ୍ତମାନ ସମୟରେ ରାଜଧାନୀର ଅଧିକାଂଶ ଭାଗବତ ଟୁଙ୍ଗୀ ଥିଲେ ହେଁ ବ୍ୟବହାର ହେଉନାହିଁ। ହେଲେ ସେଥି ମଧ୍ୟରୁ ପାଖାପାଖି ୧୦ ରୁ ୧୫ କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ସୂଚନା ରହିଛି। ଅଳ୍ପ କିଛି ସ୍ଥାନରେ ଦୈନିକ ଅନୁଷ୍ଠିତ ହେଉଥିବାବେଳେ କେଉଁଠି ବାର୍ଷିକ ତ କେଉଁଠି ସପ୍ତାହରେ ଥରେ ପ୍ରବଚନ କାର୍ଯ୍ୟକ୍ରମ ହେଉଛି। ସେଥିମଧ୍ୟରୁ ବିଭିନ୍ନ ବସ୍ତିରେ ଏହା ଅଧିକ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି। ୟୁନିଟ୍-୧ସ୍ଥିତ ଜଗନ୍ନାଥ ବସ୍ତି, ପୁରୁଣା ଭୁବନେଶ୍ୱରସ୍ଥିତ ଗୋଠେଶ୍ୱର ପାଟଣା ବସ୍ତି, ଖଣ୍ଡୁଆଳ ବସ୍ତି, ୟୁନିଟ ୪ ସ୍ଥିତ ମା' ମଙ୍ଗଳା ବସ୍ତି ଭଳି ସ୍ଥାନରେ ଏହି ପରମ୍ପରା ଆଜି ପ୍ରଚଳିତ ରହିଛି। ଯେଉଁଠି ପାରମ୍ପାରିକ ଓଡ଼ିଆ ସଙ୍ଗୀତ-ନାଟ କଳା ଦାସକାଠିଆ ମଧ୍ୟ ବାର୍ଷିକ ଆୟୋଜିତ ହୋଇଥାଏ। ଯେଉଁଥିରେ ଏକ କାଠ ଯୋଡ଼ାକୁ ନିଜ ବଜାଇ ଏକ ନିଆରା ଶବ୍ଦ ତିଆରି କରାଯାଇଥାଏ। ପାଳିଆ ଓ ଗାହାଣ ଏହାକୁ ବ୍ୟବହାର କରି ଗୀତ ଓ ଅଭିନୟ ମାଧମରେ ପୁରାଣ ବର୍ଣ୍ଣନାକୁ ପରିବେଷଣ କରନ୍ତି। ସେହଭଳି ତ୍ରିନାଥ ମେଳା ମଧ୍ୟ ସଂକ୍ରାନ୍ତି ଓ ଅମାବାସ୍ୟାରେ ହୋଇଥାଏ। ଏଥିରେ ମାନସିକ ପୂରଣ ହେଲେ ତିନିରୁ ୫ ପାଳି ଯାଏଁ ପାଳନ କରାଯାଇଥାଏ। ସତ୍ୟନାରାୟଣ ପାଲା, ନାମ ସଂକୀର୍ତ୍ତନ ଭଳି ପରମ୍ପରା ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ଆୟୋଜିତ ହେଉଛି।

ଏନେଇ ଜଗନ୍ନାଥବସ୍ତିର ଟୁଙ୍ଗୀର ସଭାପତି ବନମାଳି ପାଣିଗ୍ରାହୀଙ୍କ ଅନୁଯାୟୀ ଆମ ଚାରିପାଖରେ ସବୁବେଳେ ଏକ ଆଧ୍ୟାତ୍ମିକ ପରିବେଶ ରହିବା ଉଚିତ। ପୁରାଣ, ଭାଗବତ ଆଦି ଚର୍ଚ୍ଚା ମନକୁ ଶାନ୍ତି ଦେଇଥାଏ ଏବଂ ଲୋକଙ୍କୁ ଏକଜୁଟ କରିଥାଏ ଏବଂ ଭାଗବତ ଚର୍ଚ୍ଚାର ଏକ ଭଲ ପ୍ରଭାବ ଯୁବପିଢିଙ୍କ ଉପରେ ପଡ଼ିଥାଏ। ବସ୍ତିର ୮୪ ଘର ଏଥିରେ ସହାୟତା କରୁଛନ୍ତି। ସେହିଭଳି ସୁନ୍ଦରପଦାର ବାସିନ୍ଦା ନୀଳମଣି ମିଶ୍ର କୁହନ୍ତି, ବିଭିନ୍ନ ବସ୍ତିପରି ତାଙ୍କ ଗ୍ରାମ ସୁନ୍ଦରପଦା ଏବଂ ପାଖ ଗାଁ କପିଳପ୍ରସାଦରେ ମଧ୍ୟ ଭାଗବତ ବସେ ଏବଂ ଗ୍ରାମରେ ଥିବା ୪ରୁ ୫ଟି ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ନିୟମିତ ବ୍ୟବଧାନରେ ଅନୁଷ୍ଠିତ ହୋଇଥାଏ। କେବଳ ସେତିକି ନୁହଁ ବାର୍ଷିକ ଦାସ କାଠିଆ ଗ୍ରାମରେ ହୁଏ। ସେଥିପାଇଁ ବ୍ରହ୍ମପୁରରୁ କଳାକାରଙ୍କୁ ଡକାଯାଇଥାଏ। ଗାଁ ଓ ବସ୍ତିର ପ୍ରତି ଘରୁ ଏଠାରେ ଏକତ୍ରିତ ହୋଇଥାନ୍ତି।

## 'ଲଢେଇ'ର ଟ୍ରେଲର ରିଲିଜ୍



ଭୁବନେଶ୍ୱର, ୧୦।୧୦(ସମିସ): ଡିଆରଏସ୍ ଏଣ୍ଟରପ୍ରାଇଜେସ ନିବେଦିତ ଓଡ଼ିଆ ଚଳଚ୍ଚିତ୍ର 'ଲଢେଇ' ଆସନ୍ତା ୧୭ରେ ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଥିବା ବେଳେ ଆଜି ତାହାର ଟ୍ରେଏର ରିଲିଜ୍ ହୋଇଛି। ଆଦିଲକ୍ଷ୍ମୀ କନଭେନସନ ଠାରେ ଆୟୋଜିତ ଏହି ଉତ୍ସବରେ ଚଳଚ୍ଚିତ୍ରର ନିର୍ମାତା ନିର୍ଦ୍ଦେଶକଙ୍କ ସମେତ କଳାକାର ଓ ଟେକନିସିଆନ ଯୋଗ ଦେଇଥିଲେ। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା ଭରଦ୍ୱାଜ ପଣ୍ଡା କରିଛନ୍ତି। ଦୀପାବଳି ଉପଲକ୍ଷେ ଓଡ଼ିଶାର ପାୟ ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ସହ ପୁନେ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ମୁକ୍ତିଲାଭ କରିବା ଯୋଜନା ଥିବା ସଂଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

## 'ଆସ ଗାନ୍ଧୀଙ୍କୁ ଜାଣିବା' ଶୀର୍ଷକ ପ୍ରତିଯୋଗିତା

ଭୁବନେଶ୍ୱର, ୧୦।୧୦(ସମିସ): ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ରାଜ୍ୟ ସଂଗ୍ରହାଳୟ ପରିସରରେ 'ଆସ ଗାନ୍ଧୀଙ୍କୁ ଜାଣିବା' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁବାଦିକା ଶକୁନ୍ତଳା ବଳିଆରସିଂହ, ଆଜିର ସୃଜନି ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦ, ସାହିତ୍ୟିକା ଡ. ଜୟନ୍ତୀ ରଥ ପ୍ରମୁଖ ବିଚାରକ ଭାବରେ ଯୋଗ ଦେଇଥିଲେ। ସଂଗ୍ରହାଳୟର ଅଧିକ୍ଷକ ଭାରତୀ ପାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାତ୍ମାଗାନ୍ଧୀଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀମାନେ ବକ୍ତୃତା ପ୍ରଦାନ କରିଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିଶୁ ମହୋତ୍ସବ ସୁରଭି

ଯାଁଳା, ୧୦।୧୦(ସମିସ): ଜଟଣୀ ବ୍ଲକ ପଞ୍ଚପଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ରହ୍ମକୁଣ୍ଡଳରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଏହି ମହୋତ୍ସବରେ ଓରକଳ, ବୋତଣ୍ଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ, କ୍ଲଷ୍ଟର ସିଆରସିସି ଅଶୋକ ସିଂଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ତଥା ପ୍ରଧାନଶିକ୍ଷକ ଶଙ୍କର ବେହେରାଙ୍କ ପ୍ରଯୋଜନାରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜଗମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ରଥ, ହିନ୍ଦୀ ଶିକ୍ଷକ ଦେବନ୍ଦ୍ର କୁମାର ଜେନା ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ମଣ୍ଡଳ ସଭାକାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ସସ୍ମିତା ମିଶ୍ର, ବର୍ଷା ପ୍ରିୟଦର୍ଶିନୀ, ମାମିନା ସେଠୀ, ଦେବଜିତ ପ୍ରଧାନ, ରବୀନ୍ଦ୍ର ଭୋଇ ପ୍ରଭୃତି ସଭା ପରିଚାଳନାରେ ସହଯୋଗ କରିଥିଲେ।

## ପାଣ୍ଡରାରେ ୱାରି ସୋଲାର କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୧୦।୧୦(ସମିସ): ଭୁବନେଶ୍ୱର କଟକ-ପୁରୀ ବାଇପାସ୍ ସ୍ଥିତ ପାଣ୍ଡରା ଛକରେ ଭିଏଚଏନ୍ ସୋଲାର ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୱାରିର ନୂତନ ଅଭିଜ୍ଞତା କେନ୍ଦ୍ରର ଉଦ୍‌ଘାଟନ ହୋଇଛି। ଏହା ଓଡ଼ିଶାର ପ୍ରଥମ ଏକ୍ସପେରିଏନ୍ସ ସେଣ୍ଟର। ୱାରି ଅଭିଜ୍ଞତା କେନ୍ଦ୍ରରେ ବ୍ରାଣ୍ଡର ସୌର ଉତ୍ପାଦ ଏବଂ ସମାଧାନର ସମ୍ପୂର୍ଣ୍ଣ ପୋର୍ଟଫୋଲିଓ ରହିବ। ସୌର ପ୍ୟାନେଲ ଏବଂ ଇନଭର୍ଟର ଠାରୁ ଆରମ୍ଭ କରି ଛାତ ଏବଂ ବାଣିଜ୍ୟିକ ସ୍ଥାପନ ପର୍ଯ୍ୟନ୍ତ। ପରିଦର୍ଶକମାନେ କାର୍ଯ୍ୟରେ ସୌରଚାଳିତ ସିଷ୍ଟମଗୁଡ଼ିକୁ ଅନୁସନ୍ଧାନ କରିପାରିବେ। ବିଶେଷଜ୍ଞ ପରାମର୍ଶ ପାଇପାରିବେ ଏବଂ ବ୍ୟାପକ ସ୍ଥାପନ ଓ ରକ୍ଷଣାବେକ୍ଷଣ ସହାୟତା ପାଇପାରିବେ। ଏହି ପଦକ୍ଷେପର ମୂଳରେ ଭିଏଚ୍ଏନ୍ ସୋଲାର ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍, ଓଡ଼ିଶାରେ ୱାରିର ମିଶନକୁ ଚାଳିତ କରୁଥିବା ନୂତନ ଫ୍ରାଞ୍ଚାଇଜ୍ ପାର୍ଟନର ପ୍ରତ୍ୟୁଷ କୁମାର ସାମନ୍ତରାୟ ଏବଂ ସ୍ୱର୍ଗତ ବିଭୁ ପ୍ରସାଦ ସାମନ୍ତରାୟଙ୍କ ଦ୍ୱାରା ୨୦୧୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହି ଅବସରରେ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ସାମନ୍ତରାୟ କହିଛନ୍ତି ସ୍ଥାୟୀ ଶକ୍ତିକୁ ସମସ୍ତଙ୍କ ପାଇଁ ପ୍ରକୃତରେ ସୁଗମ କରିବା ପାଇଁ ଏକ ସହଭାଗୀ ଦୃଷ୍ଟିକୋଣରେ ମୂଳ ଓ ଏହି ଅଭିଜ୍ଞତା କେନ୍ଦ୍ର ସଚେତନତା ଏବଂ ଗ୍ରହଣ ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରିବ। ଭୁବନେଶ୍ୱରରେ ୱାରି ଏବଂ ଭିଏଚଏନ୍ ସୋଲାର ହାତ ମିଳାଇବା ସହିତ, ସେମାନେ ଆସନ୍ତାକାଲି ଏକ ସବୁଜ ଶକ୍ତି ପ୍ରଦାନ କରିବା ପାଇଁ ଏକ ସମାନ ଦୃଷ୍ଟିକୋଣକୁ ଆଲୋକିତ କରିପାରିବ।

## ଜ୍ଞାନ ଓ ଅଭିଜ୍ଞତାର ଅମୂଲ୍ୟ ଉତ୍ସ ହେଉଛନ୍ତି ବରିଷ୍ଠ ନାଗରିକ

ଭୁବନେଶ୍ୱର, ୧୦।୧୦(ସମିସ): ଜ୍ଞାନ ଓ ଅଭିଜ୍ଞତାର ଅମୂଲ୍ୟ ଉତ୍ସ ହେଉଛନ୍ତି ବରିଷ୍ଠ ନାଗରିକ। ସୁସ୍ଥ ସମାଜ ଗଠନ ଏବଂ ଏହାର ବିକାଶରେ ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତା ଓ ମାର୍ଗଦର୍ଶନ ବିଶେଷ ସହାୟକ ହୋଇଥାଏ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହା କହିଛନ୍ତି।

ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗଦେଇ ବୟସ୍କମାନଙ୍କୁ ଯଥେଷ୍ଟ ଗୁରୁତ୍ୱ ଦେଇ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଯୋଗାଇଦେବା ସମାଜର ସବୁବର୍ଗର ଲୋକମାନଙ୍କର ଦାୟିତ୍ୱ ବୋଲି କହିଥିଲେ। ଭୁବନେଶ୍ୱର ମହାନଗର ନିଗମର କମିଶନର ଚଞ୍ଚଳ ରାଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଏମ୍‌ସି ପକ୍ଷରୁ ସର୍ବଦା ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯାଇଥିବା ଦର୍ଶାଇ ବରିଷ୍ଠ ନାଗରିକମାନଙ୍କ ପାଇଁ ବୟୋ ବନ୍ଦନା ଯୋଜନା ସହ ମାଗଣା ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ସ୍ଥାନରେ ଉପଚାର କେନ୍ଦ୍ର ସ୍ଥାପନ ହୋଇଥିବା କହିଥିଲେ। ପ୍ରାରମ୍ଭରେ ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶ୍ୱେତପଦ୍ମା ସଙ୍ଗୀତାଳୟ ସାଂସ୍କୃତିକ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପୁଣ୍ୟଶ୍ଳୋକା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ ଦିବସ ପାଳନ ଉପଲକ୍ଷେ ଆଜି ସକାଳେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ପାର୍କଠାରେ ଏକ ଯୋଗ ଶିବିର ଆୟୋଜିତ ହୋଇଥିଲା। ହାସ୍ୟ ଅଭିନେତା ଦେବୁ ବ୍ରହ୍ମା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ଯୋଗର ଉପକାରିତା ବୁଝାଇବା ସହ ସମସ୍ତଙ୍କୁ ମାନସିକ ଓ ଶାରୀରିକ ରୂପେ ସୁସ୍ଥ ରହିବା ପାଇଁ ନିୟମିତ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ବରିଷ୍ଠ ନାଗରିକମାନଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷାର ଆୟୋଜନ କରାଯାଇଥିଲା।



## 'ୱିସ୍‌ପର୍ସ ଅଫ୍ ଦି ସୋଲ୍' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୦।୧୦(ସମିସ): ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଡ. ନମ୍ରିତା ଚହଲ୍‌ଙ୍କ ପ୍ରଥମ ପୁସ୍ତକ 'ୱିସ୍‌ପର୍ସ ଅଫ୍ ଦି ସୋଲ୍' ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାହିତ୍ୟିକ ଡ. ଗୌରହରି ଦାସ, ଲେଖିକା ରତ୍ନମାଳା ସ୍ୱାଇଁ ଯୋଗ ଦେଇଥିଲେ। ସୂଚନା ଅନୁସାରେ, ଡ. ନମ୍ରିତା ଚହଲ୍ ମେଟାଫିଜିକ୍ସ୍‌ରେ ଡକ୍ଟରେଟ୍ ହାସଲ କରିଥିବା ସହ ଜଣେ କ୍ୱାଣ୍ଟମ୍ ହିଲର୍, ଲାଇଫ୍ କୋଚ୍, ରେକି ଗ୍ରାଣ୍ଡମାଷ୍ଟର୍ ଏବଂ ଦୁଇ ଦଶନ୍ଧିରୁ ଅଧିକ ଅନୁଭବସମ୍ପନ୍ନ ୱେଲ୍‌ନେସ୍ ପ୍ରାକ୍ଟିଶନର୍।

## ମହିଳା ଦକ୍ଷତା ସମିତିର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୦।୧୦(ସମିସ): ମହିଳା ଦକ୍ଷତା ସମିତି, ରାଜ୍ୟଶାଖାର ୩୩ ତମ ବାର୍ଷିକ ଉତ୍ସବ ବୁଦ୍ଧମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛି। ସୁଲେଖା ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶିକ୍ଷାବିତ ଓ ସମାଜସେବୀ ଡ. କନକମଞ୍ଜରୀ ମିଶ୍ର ମୁଖ୍ୟ ଅତିଥି ଏବଂ ସମାଜସେବିକା ତଥା ରାଜ୍ୟ ମହିଳା ଓ ଶିଶୁ ବିକାଶ ପରିଷଦର ସଦସ୍ୟା କସ୍ତୁରୀ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମିତିର ଉପ-ସଭାପତି କାନନବାଳା ପଟ୍ଟନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସାଧାରଣ ସମ୍ପାଦିକା ଡ. ସୁଚେତା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ମହିଳା ଦକ୍ଷତା ସମିତିର ସ୍ମରଣିକା ଏବଂ ଡ. ସୁଚେତା ରାଉତଙ୍କ ପୁସ୍ତକ 'ଓଡ଼ିଶାରେ ଦେବୀ ଉପାସନାର ପରମ୍ପରା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମିତି ତରଫରୁ ଡ. ପ୍ରତିଭା ମହାରଥୀଙ୍କୁ ସଦାଶିବ ସାହୁ ଧର୍ମ ଓ ସଂସ୍କୃତି ସମ୍ମାନ, କାନନବାଳା ପଟ୍ଟନାୟକଙ୍କୁ ବୀଣାପାଣି ସାହୁ ଅନୁସୃଜନ ସମ୍ମାନ, ଶରତ କୁମାରୀ ମିଶ୍ରଙ୍କୁ ସବିତାରାଣୀ ବେହେରା ପ୍ରତିଭା ସମ୍ମାନ ଓ ଆଶାରାଣୀ ପଣ୍ଡାଙ୍କୁ ପାର୍ବତୀ ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବିଦ୍ୟୁଲତା ସ୍ୱାଇଁ ଓ ମନ୍ଦାକିନୀ ମିଶ୍ର ଏକ କ୍ଷୁଦ୍ର ଗୀତିନାଟ୍ୟ ପରିବେଷଣ କରିଥିଲେ। କୋଷାଧକ୍ଷା କାନନବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରମାଦେବୀରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ଭୁବନେଶ୍ୱର, ୧୦।୧୦(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମନସ୍ତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀ ଅଧ୍ୟାପିକା, ବିଭାଗର ମୁଖ୍ୟ ସୁଦାମ ସାହୁ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ରଥ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପଥପ୍ରାନ୍ତ ନାଟକ, ସଚେତନତା ଶୋଭାଯାତ୍ରା, ପୋଷ୍ଟର ଏବଂ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ବିଭାଗୀୟ ମୁଖ୍ୟ ପୁରସ୍କୃତ ପ୍ରଦାନ କରିଥିଲେ। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୧୨ରେ ନାରୀ ସୁରକ୍ଷା ନେଇ ମେଗା ମାରାଥନ୍

ଭୁବନେଶ୍ୱର, ୧୦।୧୦(ସମିସ): ମହିଳା ସୁରକ୍ଷାକୁ ନେଇ ଇତସା ଫାଉଣ୍ଡେସନ୍ ପକ୍ଷରୁ ଆସନ୍ତା ୧୨ ତାରିଖରେ ଏକ ବିଶାଳ ଗଣଦୌଡ ଆୟୋଜିତ ହେବ। ଏହି ଗଣଦୌଡ଼ ଗାନ୍ଧୀମାର୍ଗରୁ ସକାଳ ୭ ଘଟିକାରୁ ଆରମ୍ଭ ହୋଇ ରୂପାଲୀ ଛକରେ ପହଞ୍ଚିବାରେ ପୁନଶ୍ଚ ଗାନ୍ଧୀମାର୍ଗରେ ପହଞ୍ଚିବ ବୋଲି ଅନୁଷ୍ଠାନ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଉପଦେଷ୍ଟା ଇତିଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏଥିରେ ସାମିଲ ହେବା ପାଇଁ ଇଚ୍ଛୁକମାନେ ଫାଉଣ୍ଡେସନ୍ ପକ୍ଷରୁ ଜାରୀ କରାଯାଇଥିବା ଟୋଲ୍ ଫ୍ରୀ ହେଲ୍ପଲାଇନ୍ ନମ୍ବର ଓ ୱେବସାଇଟ୍ ମାଧ୍ୟମରେ ନାମ ପଞ୍ଜିକରଣ କରିପାରିବେ ବୋଲି ଫାଉଣ୍ଡେସନ୍ ପକ୍ଷରୁ ଶାସ୍ତ୍ରୀ ବାହାଦୁର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଅବସରରେ ଗଣଦୌଡ ପାଇଁ ପ୍ରସ୍ତୁତ ଟି ସାର୍ଟ ଓ ଲୋଗୋ ଉନ୍ମୋଚିତ ହୋଇଥିଲା।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ




ବାଲିଅନ୍ତା, ୧୦।୧୦(ସମିସ): ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୦୫ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୬୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଭୀମ ମହାରଣା, ଜ୍ଞାନରଞ୍ଜନ ମହାପାତ୍ର, କ୍ରୀଡା ଶିକ୍ଷକ ଶରତ କୁମାର ବସନ୍ତ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

**ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳର ରଜତ ଜୟନ୍ତୀ**

# ଓଡ଼ିଶାରେ ମଧ୍ୟ ଓଡ଼ିଆ ଭାଷା ବିପନ୍ନ

ଭୁବନେଶ୍ୱର, ୧୦।୧୦(ସମିସ): କେବଳ ବିଚ୍ଛିନ୍ନାଞ୍ଚଳ ନୁହେଁ, ରାଜ୍ୟରେ ମଧ୍ୟ ଓଡ଼ିଆ ଭାଷା ବିପନ୍ନ। ଐର ଖାରବେଳ ଓ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟର ଓଡ଼ିଆ ମାନଙ୍କର ରାଜ୍ୟର ବିସ୍ତୃତ ଆକାର ଆଜି ସଙ୍କୁଚିତ କଳେବରରେ ବୋଲି ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳର ରଜତ ଜୟନ୍ତୀ ଉଦ୍‌ଯାପନ ସମାରୋହରେ ମତପ୍ରକାଶ ପାଇଛି। ବୁଦ୍ଧ ମନ୍ଦିରରେ ଅନୁଷ୍ଠାନର ସଭାପତି ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯାମୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବିଭିନ୍ନ ସ୍ତରରେ ଯେପରି ଗୁରୁତ୍ୱ ଦେବା ଆବଶ୍ୟକବୋଲି କହିଥିଲେ। ତତ୍କାଳୀନ ଓଡ଼ିଶାର ବିଶାଳ ପରିଧି ସମ୍ପର୍କରେ ସାରଳା ମହାଭାରତରେ ବ୍ୟବହୃତ ଶବ୍ଦ ସମୂହ ହିଁ ସୂଚନା ଦେଇଥାନ୍ତି। ବର୍ତ୍ତମାନର ପିଢ଼ି ଯେପରି ମାତୃଭାଷା ବିମୁଖ ହେଉଛନ୍ତି ତାହା ଉଦ୍‌ବେଗ ଜନକ ବୋଲି ଶ୍ରୀ ମିଶ୍ର କହିଥିଲେ। ଉତ୍ସବରେ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ କବି ଅଲେଖ ଚନ୍ଦ୍ର ପଢ଼ିଆରୀ ଓ କୋଟିଆ ଅଞ୍ଚଳର ଭାଷାପ୍ରେମୀ ଡ. ଜଳେନ୍ଦ୍ର ତ୍ରିପାଠୀ ଯୋଗଦେଇ ବିଚ୍ଛିନ୍ନାଞ୍ଚଳ ତଥା ଆମ ନିଜ ରାଜ୍ୟ ଓଡ଼ିଶାରେ ମାତୃଭାଷା ଓଡ଼ିଆ କିପରି ସମୃଦ୍ଧ ହେବ ସେଥି ନିମନ୍ତେ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ରାମ ନାରାୟଣ ମିଶ୍ର ନ୍ୟାସୀ ମଣ୍ଡଳର କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ସମବାୟବିତ ଅମ୍ବିକା ପ୍ରସାଦ ଦାସ ଓ ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ସରୋଜ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ପର୍ଶୁରାମ ଦ୍ୱିବେଦୀଙ୍କ ରଚିତ 'ଆମ ବିଚ୍ଛିନ୍ନାଞ୍ଚଳ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂସ୍କୃତି ସମ୍ପାଦକ ରମାକାନ୍ତ ମିଶ୍ର ପରିଚାଳନା କରିଥିଲାବେଳେ ଅନୁଷ୍ଠାନର ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।



**● ବିକଶିତ ଭାରତ ଓ ବିକଶିତ ଓଡ଼ିଶା ସମ୍ମିଳନୀ**

# ଓଡ଼ିଶାରେ ୫୦ ହଜାର କୋଟି ନିବେଶ କରିବ ଆଦିତ୍ୟ ବିର୍ଲା

ଭୁବନେଶ୍ୱର, ୧୦।୧୦(ସମିସ): ଆଗାମୀ ଦିନରେ ଆଦିତ୍ୟ ବିର୍ଲା ଗ୍ରୁପ ଓଡ଼ିଶାରେ ୫୦ ହଜାର କୋଟି ଟଙ୍କା ନିବେଶ କରିବାର ଯୋଜନା ରହିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ ବିଷୟବସ୍ତୁ ସମ୍ପର୍କିତ ଦିନିକିଆ ସମ୍ମିଳନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଅର୍ଦ୍ଧେନ୍ଦୁ ମହାପାତ୍ର ଅତିଥିଭାବେ ଯୋଗଦେଇ କହିଛନ୍ତି।

ଅନୁଷ୍ଠିତ ସମ୍ମିଳନୀରେ ଓଇଆର୍‌ସି ସଭାପତି ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ, ସୂଚନା ଓ ଲୋକସମ୍ପର୍କ ବିଭାଗ) ହେମନ୍ତ ଶର୍ମା, ଓଏସ୍‌ଏଫ୍‌ସି ଅଧ୍ୟକ୍ଷ ଡା. ଅରୁଣ କୁମାର ପଣ୍ଡା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର କର୍ପୋରେଟ ଆଫେୟାର୍ସର ପ୍ରେସିଡେଣ୍ଟ ଅର୍ଦ୍ଧେନ୍ଦୁ ମହାପାତ୍ର, ପୂର୍ବତନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡା. ତପନ କୁମାର ଚାନ୍ଦ ପ୍ରମୁଖ ସମ୍ମିଳନୀରେ ଅତିଥି ଭାବେ ଯୋଗ ଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଅର୍ଦ୍ଧେନ୍ଦୁ ମହାପାତ୍ର କହିଥିଲେ, ଆଦିତ୍ୟ ବିର୍ଲା ଗ୍ରୁପ ଓଡ଼ିଶାରେ ଏଯାଏ ପ୍ରାୟ ୪୦, ୦୦୦ କୋଟି ଟଙ୍କା ନିବେଶ କରିଛି। ଏଥିରେ ଆଲୁମିନିୟମ ଶିଳ୍ପ, ଖଣିଜ ପଦାର୍ଥ, ସିମେଣ୍ଟ, ରସାୟନ ଓ ବସ୍ତ୍ର ଉଦ୍ୟୋଗ ଆଦି ରହିଛି। ଏହା ମାଧ୍ୟମରେ ଓଡ଼ିଶାରେ ପ୍ରାୟ ୩୦, ୦୦୦ ଯୁବ ପ୍ରତିଭାଙ୍କୁ ସିଧାସଳଖ ଚାକିରି ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୮୨% କର୍ମଚାରୀ ଓଡ଼ିଶାରୁ ବୋଲି ସେ ସୂଚନା ଦେଇଥିଲେ।




ତେବେ ଆଗାମୀ ଦିନରେ ରାଜ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ସ୍ଥାପନ ନିମନ୍ତେ ୫୦ ହଜାର କୋଟି ଟଙ୍କା ନିବେଶ ପାଇଁ ଯୋଜନା ରହି ଥିବାବେଳେ ଏହା ରାଜ୍ୟରେ ନୂତନ ଭାବେ ୧୫, ୦୦୦ ନିଯୁକ୍ତି ସୃଷ୍ଟି କରିବ, ଯାହା କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକସ୍ଥିତ କଂସାରିଗୁଡାରେ ଏକ ନୂତନ ଭାବେ ଆଲୁମିନା ରିଫାଇନେରି ୟୁନିଟ ସ୍ଥାପନ, ଲାପଙ୍ଗା ଠାରେ ଆଦିତ୍ୟ ଆଲୁମିନିୟମ ୟୁନିଟ ସମ୍ପ୍ରସାରଣ ଓ ସମ୍ବଲପୁର ଜିଲାରେ ଏଫ୍‌ଆର୍‌ପି ପ୍ଲାଣ୍ଟ ଉନ୍ନତୀକରଣ ହେବା ନେଇ ଯୋଜନା ରହିଛି। ଏଥିସହିତ ମହାପାତ୍ର କହିଛନ୍ତି ଯେ, ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିଳ୍ପ ପ୍ରତିଷ୍ଠାନ ଦ୍ୱାରା ପ୍ରଭାବିତ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ଲୋକଙ୍କ ଆର୍ଥିକ ଓ ସାମାଜିକ ସଶକ୍ତକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସମ୍ବଲପୁର ଓ ରାୟଗଡ଼ା ଜିଲାରେ ପ୍ରତିଷ୍ଠିତ ୟୁନିଟ ଦ୍ୱାରା ଅଞ୍ଚଳରେ ଲୋକଙ୍କ ଜୀବନମାନ ଉନ୍ନତ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପର ଶିଳ୍ପାନୁଷ୍ଠାନ ପାଇଁ ରାୟଗଡ଼ା ଜିଲାରେ ସମଗ୍ର ବିକାଶ ତଥା ବିଶେଷ ଭାବେ କାଶୀପୁର ଅଞ୍ଚଳରେ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ଉନ୍ନତ ହୋଇଥିବା ସେ କହିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୪ ● ପାଉଣ୍ଡ ୧୧୮.୩୪
- ୟୁରୋ ୧୦୩.୦୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)
- ସୁନା: ୧,୨୫,୨୨୫ (ନୂଆଦିଲ୍ଲୀ)
- ରୁପା : ୧,୭୪,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୫୦୦.୮୨
- ନିଫ୍ଟି ୨୫,୨୮୩.୩୫

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ବେଦାନ୍ତ ଲାଞ୍ଜିଗଡ଼ର ତୀରନ୍ଦାଜ ପ୍ରୟାସ**

# ଓଡ଼ିଶା ସ୍କୁଲ୍ ତୀରନ୍ଦାଜ୍ ଚାମ୍ପିଅନ୍‌ସିପରେ ୧୨ଟି ପଦକ ଜିତି ଚାମ୍ପିଅନ

ଲାଞ୍ଜିଗଡ଼,୧୦।୧୦ (ଏଜେନ୍ସି): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ କ୍ରୀଡାର ବିକାଶ ପାଇଁ ତୃଣମୂଳସ୍ତରରେ ନେଇଥିବା ପଦକ୍ଷେପକୁ ବଡ଼ ସଫଳତା ମିଳିଛି। ଏହି କାର୍ଯ୍ୟକ୍ରମର ଯୁବ ତୀରନ୍ଦାଜମାନେ ଓଡ଼ିଶା ସ୍କୁଲ ତୀରନ୍ଦାଜ ଚାମ୍ପିଅନସିପରେ ପ୍ରତିଷ୍ଠିତ 'ସାମଗ୍ରିକ ଚାମ୍ପିଅନ' ଉପାଧି ହାସଲ କରିଛନ୍ତି । ସୁନ୍ଦରଗଡ଼ରେ ଭାରତୀୟ ସ୍କୁଲ ଗେମ୍ସ ଫେଡେରେସନ (ଏସଜିଏଫଆଇ) ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲାର ତୀରନ୍ଦାଜମାନେ ମିଳିତ ଭାବରେ ମୋଟ ୮ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରି ପ୍ରାଧାନ୍ୟ ବିସ୍ତାର କରିଥିଲେ। ବେଦାନ୍ତ ଲାଞ୍ଜିଗଡ଼ର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପରେ ଯୁବ ତୀରନ୍ଦାଜମାନଙ୍କୁ ବିଶେଷଜ୍ଞ ପ୍ରଶିକ୍ଷଣ, ବିଶ୍ୱସ୍ତରୀୟ ଉପକରଣ ଏବଂ ପ୍ରତିଯୋଗିତାମୂଳକ ପ୍ରଦର୍ଶନ ଆଦିରେ ସମର୍ଥନ କରୁଛି। ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହନ ଦେବାରେ ଏହା ବେଦାନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି।




ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, 'ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ପ୍ରକୃତ ପ୍ରଗତି ସମ୍ପ୍ରଦାୟ ନିମନ୍ତେ ଆମେ ସୃଷ୍ଟି କରୁଥିବା ସୁଯୋଗ ଦ୍ୱାରା ମାପ କରାଯାଏ ବୋଲି ବେଦାନ୍ତ ଲାଞ୍ଜିଗଡ଼ ବିଶ୍ୱାସ କରେ। ଯୁବ ତୀରନ୍ଦାଜମାନଙ୍କ ଉଲ୍ଲେଖନୀୟ ସଫଳତା ତୃଣମୂଳ ସ୍ତରର ପଦକ୍ଷେପଗୁଡ଼ିକର ପରିବର୍ତ୍ତନକାରୀ ଶକ୍ତିକୁ ପ୍ରତିଫଳିତ କରୁଛି। ଏହା ଲୁକ୍କାୟିତ ସମ୍ଭାବନାକୁ ଉନ୍ମୁକ୍ତ କରିପାରିବ ଏବଂ ଏଭଳି ଚାମ୍ପିଅନମାନଙ୍କୁ ବିଶ୍ୱସ୍ତରରେ ନେଇ ଠିଆ କରିବ। କଳାହାଣ୍ଡିର ଯୁବ ପ୍ରତିଭାକୁ ସଶକ୍ତ, ସେମାନଙ୍କ ଆତ୍ମବିଶ୍ୱାସ ସୃଷ୍ଟି କରି ସଫଳତାରେ ସାହାଯ୍ୟ କରିବା ପାଇଁ ବେଦାନ୍ତ ପ୍ରତିବଦ୍ଧ। ୨୦୧୮ରେ ଆରମ୍ଭ ହୋଇଥିବା ବେଦାନ୍ତର କ୍ରୀଡା ତାଲିମ ପଦକ୍ଷେପରେ ଏ ପର୍ଯ୍ୟନ୍ତ ୧୦୦ରୁ ଅଧିକ ଯୁବ ତୀରନ୍ଦାଜଙ୍କୁ ତାଲିମ ଦିଆଯାଇଛି। ଗତ ବର୍ଷ ରାଜ୍ୟ ଏବଂ ଜାତୀୟ ଚାମ୍ପିଅନସିପରେ ସାମୂହିକ ଭାବରେ ଏମାନେ ୫୦ରୁ ଅଧିକ ପଦକ ଜିତିଛନ୍ତି।

# ଲାଲ୍‌ଚନ୍ଦ୍‌କୁ ବେଷ୍ଟ ଜୁଏଲର ଓ ବିଜେନସ୍ ସମ୍ମାନ

ଭୁବନେଶ୍ୱର, ୧୦।୧୦ (ଏଜେନ୍ସି): ଓଡ଼ିଶାର ସୁପରିଚିତ ଉଦ୍ୟୋଗ ଗ୍ରୁପ୍ ଲାଲ୍‌ଚନ୍ଦ୍‌କୁ ମିଳିଛି ୨ଟି ସମ୍ମାନ ଜନକ ପୁରସ୍କାର।

କ୍ରମାଗତ ତୃତୀୟ ବର୍ଷ ପାଇଁ "ଓଟିଭି ବିଜ୍‌ନେସ୍ ଓଡ଼ିଶା ଆୱାର୍ଡସ୍"ରେ ଲାଲ୍‌ଚନ୍ଦ୍ ଗ୍ରୁପ୍‌କୁ ବ୍ୟବସାୟିକ କ୍ଷେତ୍ର ସମ୍ପ୍ରସାରିତ କରିବାରେ ଉଲ୍ଲେଖନୀୟ ଦକ୍ଷତା ଏବଂ ଦୂରଦୃଷ୍ଟି ପାଇଁ "ବେଷ୍ଟ ବିଜ୍‌ନେସ୍‌ଆକୁମେନ୍" ଆୱାର୍ଡ ମିଳିଥିବାବେଳେ ଲାଲ୍‌ଚନ୍ଦ୍ ଜୁଏଲର୍ସଙ୍କୁ ଦେଶର ରାଜଧାନୀ ନୂଆଦିଲ୍ଲୀଠାରେ ଓଡ଼ିଶାର ଏକମାତ୍ର ଜୁଏଲର ଭାବେ ଷ୍ଟୋର ଖୋଲିଥିବାରୁ "ବେଷ୍ଟ ଜୁଏଲର୍ସ ୱିଥ୍ ନ୍ୟାସନାଲ୍ ପ୍ରେଜେନ୍ସ"

ପୁରସ୍କାରରେ ସମ୍ମାନୀତ କରାଯାଇଛି। ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍‌ରେ ଗୁରୁବାର "ଓଟିଭି ବିଜ୍‌ନେସ୍ ଓଡ଼ିଶା ଆୱାର୍ଡସ-୨୦୨୫" ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ "ବେଷ୍ଟ ଜୁଏଲର ୱିଥ୍ ନ୍ୟାସନାଲ ପ୍ରେଜେନ୍ସ" ପୁରସ୍କାର ପ୍ରଦାନ କରିଥିଲେ। ସେହିପରି



ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ "ବେଷ୍ଟ ବିଜ୍‌ନେସ୍ ଆକୁମେନ୍" ପୁରସ୍କାର ପ୍ରଦାନ କରିଥିଲେ। ଓଟିଭିର ବ୍ୟବସାୟ ମୁଖ୍ୟ ଲିତିଶା ମଙ୍ଗତ ପଣ୍ଡାଙ୍କ ଉପସ୍ଥିତିରେ ଲାଲ୍‌ଚନ୍ଦ୍‌ର ପରିଚାଳନା ନିର୍ଦ୍ଦେଶକ ଅଜିତ ହଂସ ଓ ନିର୍ଦ୍ଦେଶକ ସାଇନାଥ ପଣ୍ଡା ଏହି ପୁରସ୍କାର ଗ୍ରହଣ କରିଥିଲେ। ଲାଲ୍‌ଚନ୍ଦ୍‌ର ଚେୟାରମ୍ୟାନ୍ ସଞ୍ଜୟ ହଂସ ଓଡ଼ିଶା ବାହାରେ ଥିବାରୁ ଉତ୍ସବରେ ଉପସ୍ଥିତ ହୋଇପାରିନଥିଲେ। ସେ ଓଟିଭିର ଏମ.ଡି. ଜାଗୀ ମଙ୍ଗତ ପଣ୍ଡା, ବ୍ୟବସାୟ ମୁଖ୍ୟ ଲିତିଶା ପଣ୍ଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମାନ୍ୟବର ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଧନ୍ୟବାଦ ଜଣାଇ ଥିଲେ। ଶ୍ରୀ ହଂସ କହିଥିଲେ ଯେ ପ୍ରତ୍ୟେକ ପୁରସ୍କାର ଆମକୁ ଉତ୍ସାହିତ କରେ ଏବଂ ଆହୁରି ଆଗକୁ ବଢ଼ିବାକୁ ପ୍ରେରଣ ଦେଇଥାଏ। ଲାଲ୍‌ଚନ୍ଦ୍ ଗ୍ରୁପ୍ ନିରନ୍ତର ପ୍ରଚେଷ୍ଟା, ଓଡ଼ିଶାବାସୀଙ୍କ ଭଲ ପାଇବା ଏବଂ ପରମେଶ୍ୱରଙ୍କ କରୁଣାରୁ ଆଜି ଏହି ସ୍ଥାନରେ ପହଞ୍ଚି ପାରିଛି।

# ସରକାରୀ ବ୍ୟାଙ୍କର ପ୍ରମୁଖ ପଦରେ ରହିବେ ଘରୋଇ କ୍ଷେତ୍ରର ବ୍ୟକ୍ତି

**କେନ୍ଦ୍ରର ବଡ଼ ନିଷ୍ପତ୍ତି**

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଏସ୍‌ବିଆଇ ସମେତ ଅନ୍ୟ ସରକାରୀ ବ୍ୟାଙ୍କଗୁଡିକର ଶୀର୍ଷ ପରିଚାଳକ ପଦଗୁଡିକୁ ଘରୋଇ କ୍ଷେତ୍ରର ପ୍ରାର୍ଥୀଙ୍କୁ ପାଇଁ ଖୋଲି ଦେଇଛନ୍ତି। ଏସ୍‌ବିଆଇରେ ପରିଚାଳନା ନିର୍ଦ୍ଦେଶକଙ୍କ ଚାରି ପଦ ମଧ୍ୟରୁ ଗୋଟିଏରେ ଘରୋଇ କ୍ଷେତ୍ରର ଏବଂ ସାର୍ବଜନୀନ କ୍ଷେତ୍ରର ଆର୍ଥିକ ପ୍ରତିଷ୍ଠାନଗୁଡିକରେ କାମ କରୁଥିବା ବ୍ୟକ୍ତିଙ୍କୁ ମୁତୟନ କରାଯାଇପାରିବ। ଏବେ ସବୁ ଏମ୍‌ଡି ଏବଂ ଅଧକ୍ଷ ପଦରେ ନିଜ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଉଛି। ମନ୍ତ୍ରିମଣ୍ଡଳ ନିଯୁକ୍ତି କମିଟି ଦ୍ୱାରା ଜାରି ସଂଶୋଧିତ ନିଯୁକ୍ତି ନିୟମାବଳୀ ଅନୁଯାୟୀ ଏବେ ଏମ୍‌ଡିର ଗୋଟିଏ ପଦବୀ ଘରୋଇ କ୍ଷେତ୍ରର ପ୍ରାର୍ଥୀଙ୍କ ପାଇଁ ଉପଲବ୍ଧ ହେବ।

ଘରୋଇ କ୍ଷେତ୍ରର ପ୍ରାର୍ଥୀଙ୍କୁ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ (ପିଏସବି)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ମଧ୍ୟ ଅନୁମତି ଦିଆଯାଇଛି। ଏସ୍‌ବିଆଇ ବ୍ୟତୀତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, କାନାରା ବ୍ୟାଙ୍କ, ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ୍ ଇଣ୍ଡିଆ ସମେତ ୧୧ ସରକାରୀ ବ୍ୟାଙ୍କ ରହିଛି। ଏହି ସବୁ ବ୍ୟାଙ୍କରେ ମଧ୍ୟ ନିଯୁକ୍ତି ଦେଇ ହେବ।




ତେବେ ଏଥିପାଇଁ ପ୍ରାର୍ଥୀଙ୍କ ପାଖରେ ସର୍ବନିମ୍ନ ୨୧ ବର୍ଷ ଅଭିଜ୍ଞତା ଥିବା ଉଚିତ। ଏଥିରୁ ଅତିକମରେ ୧୫ ବର୍ଷର ବ୍ୟାଙ୍କିଂ ଏବଂ ୨ ବର୍ଷର ବ୍ୟାଙ୍କ ବୋର୍ଡସ୍ତରରେ କାର୍ଯ୍ୟ କରିଥିବା ଜରୁରୀ। ସରକାରୀ କ୍ଷେତ୍ରରେ କାର୍ଯ୍ୟକରୁଥିବା ଯୋଗ୍ୟ ପ୍ରାର୍ଥୀ ମଧ୍ୟ ଏଥିପାଇଁ ଆବେଦନ କରିପାରିବେ। ଏହା କାର୍ଯ୍ୟକାରୀ ହେବା ଦିନଠାରୁ ଏସ୍‌ବିଆଇର ଏମ୍‌ଡିର ପ୍ରଥମ ପଦବୀଟି ଖାଲିଥିବା ଧରାଯିବ। ସୂଚନାଯୋଗ୍ୟ ଯେ ବଡ଼ ସରକାରୀ ବ୍ୟାଙ୍କରେ ଚାରୋଟି ଏବଂ ଛୋଟ ବ୍ୟାଙ୍କରେ ଦୁଇଟି ଇଡି ପଦବୀ ରହିଥାଏ।

# ଜିନ୍ଦଲ ଷ୍ଟେନଲେସ୍ ଆଣିଲା ହାଲୁକା ସଲ୍ଟ ଟ୍ରେଲର

ଭୁବନେଶ୍ୱର, ୧୦।୧୦ (ଏଜେନ୍ସି): ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ଭାରତର ଲବଣ ଶିଳ୍ପର ପ୍ରମୁଖକେନ୍ଦ୍ର ଗୁଜରାଟରେ ଏହାର ଟେକ୍ନିକାଲ୍ କନକ୍ଲେଭରେ ସଲ୍ଟ ଟିପର୍ ଟ୍ରେଲରକୁ ଉଦ୍‌ଘାଟନ କରିଛି। ଲୁଣ ଟ୍ରେଲରଗୁଡ଼ିକରେ ଷ୍ଟେନଲେସ୍ ଷ୍ଟିଲର ମିଶ୍ରଣ ଲଜିଷ୍ଟିକ୍ସ ବ୍ୟବସାୟୀମାନଙ୍କ ପାଇଁ



କ୍ଷୟ, କମ ସ୍ଥାୟୀତ୍ୱ, କମ ଜୀବନକାଳ ଏବଂ ଉଚ୍ଚ ରକ୍ଷଣାବେକ୍ଷଣ ଖର୍ଚ୍ଚ ଭଳି ଦୀର୍ଘକାଳୀନ ଆହ୍ୱାନଗୁଡିକରୁ ମୁକ୍ତି ଦେଉଛି। ଏହା ସେମାନଙ୍କୁ ହାଲୁକା, କ୍ଷୟ-ପ୍ରତିରୋଧୀ, ଶକ୍ତି-ଦକ୍ଷ ଏବଂ ସ୍ଥାୟୀତ୍ୱ ପ୍ରଦାନ କରିବ। ଟ୍ରେଲରଗୁଡ଼ିକ ନିର୍ମାଣ ପାଇଁ କମ୍ପାନୀ ଉନ୍ନତ ୩୦୪ ଏବଂ ଜେଟି ଗ୍ରେଡର ଷ୍ଟେନଲେସ୍ ଷ୍ଟିଲ ବ୍ୟବହାର କରିଛି। ଏଥିରେ ଉନ୍ନତ ମାନର କ୍ଷୟ ଓ ଅଗ୍ନି ପ୍ରତିରୋଧ ବ୍ୟବସ୍ଥା ସହ ଦୃଢ଼ତା ରହିଛି। ଷ୍ଟେନଲେସ୍ ଷ୍ଟିଲ୍ ଟ୍ରେଲରଗୁଡ଼ିକ ବ୍ୟବହାର କଲେ ଓଜନ ପ୍ରାୟ ୨୫ ପ୍ରତିଶତ ହ୍ରାସ ପାଇଥାଏ। ୧୦ ବର୍ଷ ମଧ୍ୟରେ ପ୍ରାୟ ୨୫ ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ସଞ୍ଚୟ ହେବା ସହ ୧୫ ରୁ ୨୦ ବର୍ଷ ପର୍ଯ୍ୟନ୍ତ ସେବା ପ୍ରଦାନ କରିବ। ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ସମଗ୍ର ବ୍ୟବସ୍ଥାକୁ ପରିବର୍ତ୍ତନ କରିପାରୁଥିବା ସମାଧାନ ସୃଷ୍ଟି କରିବା ଜିନ୍ଦଲ ଷ୍ଟେନଲେସରେ ମୁଖ୍ୟ ଲକ୍ଷ୍ୟ। ଷ୍ଟେନଲେସ୍ ଷ୍ଟିଲ୍ ସଲ୍ଟ ଟ୍ରେଲର୍ ଲଜିଷ୍ଟିକ୍ସ ଅପରେଟର୍ ଏବଂ ଲୁଣ ଉତ୍ପାଦକଙ୍କୁ ଦୀର୍ଘସ୍ଥାୟୀ ସେବା ପ୍ରଦାନ କରିବ। ସେହିପରି ଜିନ୍ଦଲ ଷ୍ଟେନଲେସ୍‌ରେ ସିଇଓ ଏବଂ ସିଏଫଓ, ତରୁଣ ଖୁଲବେ କହିଛନ୍ତି ଯେ ହାଲୁକା, ଦୀର୍ଘସ୍ଥାୟୀ ଏବଂ ଉତ୍ତମ ଲଜିଷ୍ଟିକ୍ ସମାଧାନର ସମନ୍ୱୟ ମୋବିଲିଟି ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ଅଛୁ। ଏହା ଦ୍ୱାରା କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବ ଏବଂ ଫ୍ଲିଟ୍ ଅପରେଟରଙ୍କ ବ୍ୟୟ କମିବ।

# ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ ନିଲମ୍ବିତ

ଭଦ୍ରକ, ୧୦।୧୦(ସମିସ): ଏକ ଘରୋଇ ମାମଲା ରୁଜୁ ପରେ ତଦନ୍ତ ପାଇଁ ଯାଇଥାନ୍ତେ ଅଧିକାରୀ; କିନ୍ତୁ ନିଜେ ନ ଯାଇ ସରକାରୀ ବାଇକ୍ ଦେଇ ମଧ୍ୟସ୍ଥ ଭାବେ ଜଣେ ଯୁବକଙ୍କୁ ତଦନ୍ତ ପାଇଁ ପଠାଇଥିଲେ ପୁଲିସ ବାବୁ। ମଧ୍ୟସ୍ଥଜଣଙ୍କ ଗାଁକୁ ଯାଇ ଅଭିଯୋଗକାରିଣୀଙ୍କ ଘରେ ପହଞ୍ଚି କିଛି ଟଙ୍କା ମାଗିଥିଲେ। ସ୍ଥାନୀୟ ଲୋକେ ସନ୍ଦେହ କରି ପରିଚୟପତ୍ର ମାଗିବାରୁ ନିଜକୁ ଗୁଇନ୍ଦା ବିଭାଗ କର୍ମଚାରୀ କହିଥିଲେ। ପରେ ଗ୍ରାମବାସୀ ପୁଲିସକୁ ଡାକିବାରୁ ଯୁବକଜଣଙ୍କ ନକଲି ପୁଲିସ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ଅସଲି ପୁଲିସ୍ ଏସଆଇଙ୍କୁ ନିଲମ୍ବନ କରାଯାଇଛି। ମଧ୍ୟସ୍ଥ ତଥା ନକଲି ପୁଲିସ କହିଥିବା ଯୁବକଙ୍କୁ ଅଟକ ରଖିଛି ପୁଲିସ।



ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନ ବଳଭଦ୍ରପୁରର ରସିକାବାଦ ଅଞ୍ଚଳରେ ଘରୋଇ ବିବାଦକୁ ନେଇ ଗ୍ରାମାଞ୍ଚଳ ଥାନାରେ ୨ ଜଣ ମହିଳା ଅଭିଯୋଗ ଆଣିଥିଲେ। ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ଏସ୍‌ଆଇ କାର୍ତ୍ତିକ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ଅଭିଯୋଗକାରିଣୀଙ୍କୁ ଏକ ମୋବାଇଲ୍ ନମ୍ବର୍ ହ୍ୱାଟ୍ସଆପ୍‌ରେ ପଠାଇଥିଲେ। ଏହି ନମ୍ବରରେ ଯୋଗାଯୋଗ ପରେ ଜଣେ ଯୁବକ ନିଜକୁ ପଣ୍ଡା ବାବୁ ବୋଲି ପରିଚୟ ଦେବା ସହ ତଦନ୍ତ ପାଇଁ ଗାଁକୁ ଯାଇଥିଲେ। ଏହି ଘଟଣାକୁ ନେଇ ଅଭିଯୋଗକାରିଣୀ ଭଦ୍ରକ ଗ୍ରାମାଞ୍ଚଳରେ ଲିଖିତ ଏତଲା ଦେଇଥିଲେ। ଭଦ୍ରକ ଏସପି ମନୋଜ କୁମାର ରାଉତ ଅଭିଯୋଗ ଆଧାରରେ ଗ୍ରାମାଞ୍ଚଳ ଥାନାର ଏସ୍‌ଆଇ କାର୍ତ୍ତିକ ଜେନାଙ୍କୁ ନିଲମ୍ବିତ କରିଥିବା ନେଇ ଫୋନ୍ ଯୋଗେ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ପଞ୍ଝାରେ ଜଳେଶ୍ୱର ମ୍ୟୁନିସିପାଲିଟିର ଦୁଇ କିରାଣି

ଜଳେଶ୍ୱର ବ୍ଲକ୍, ୧୦।୧୦(ସମିସ): ଜଳେଶ୍ୱର ମ୍ୟୁନିସିପାଲିଟିର ଦୁଇ କିରାଣି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେମାନେ ହେଲେ, ମ୍ୟୁନିସିପାଲିଟି ମ୍ୟାନେଜମେଣ୍ଟ ଇନଫରମେସନ୍ ସିଷ୍ଟମ (ଏମ୍‌ଆଇଏସ୍)ର ଅଧିକାରୀ ବ୍ରଜଗୋପାଳ ଘୋଷମହାପାତ୍ର ଏବଂ ସହଯୋଗୀ ଜୁନିଅର୍ ସାନିଟାରୀ ଏକ୍ସପୋର୍ଟର୍ କିରାଣି ରତିକାନ୍ତ ପାତ୍ର। ଜଳେଶ୍ୱର ମ୍ୟୁନିସିପାଲିଟିରେ ହୋର୍ଡିଂ ଓ ଲାଇଟ୍ ପୋଷ୍ଟ ବାବଦରେ ବିଲ୍ ପାସ କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱରର ଭିଜିଲାନ୍ସ ଟିମ ସେମାନଙ୍କୁ ଧରିଛି। ଜଳେଶ୍ୱର ଅଞ୍ଚଳର ଠିକାଦାର ଜ୍ୟୋତିପ୍ରକାଶ ମହାପାତ୍ର ଆଜକୁ ୨ ମାସ ଧରି ହୋର୍ଡିଂ ଓ ଲାଇଟ୍ ପୋଷ୍ଟ ବାବଦ ବିଲ୍ ପାସ୍ କରିବାକୁ ବାରମ୍ବାର ବ୍ରଜଗୋପାଳଙ୍କୁ ଅନୁରୋଧ କରିଆସୁଥିଲେ। କିନ୍ତୁ ୨୦ ହଜାର ଟଙ୍କା ନ ଦେଲେ ବିଲ୍ ପାଇପାରିବେ ନାହିଁ ବୋଲି ରୋକଠୋକ ମନା କରି ଦେଇଥିଲେ ବ୍ରଜଗୋପାଳ। ତେଣୁ ଜ୍ୟୋତିପ୍ରକାଶ ଅନ୍ୟ ଉପାୟ ନ ପାଇ ବାଲେଶ୍ୱର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

# ମହାକାଳପଡ଼ା ତହସିଲଦାର ଗିରଫ

ଭୁବନେଶ୍ୱର, ୧୦।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକଙ୍କୁ ଗିରଫ କରାଯାଇଛି। ତାଙ୍କ ପାଖରୁ ଠାବ ସଂପତ୍ତି ତାଙ୍କ ଆୟଠାରୁ ୧୯୦ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କ ନାମରେ ୪ଟି ବହୁତଳ କୋଠା ଥିବା ବେଳେ ୭ଟି ବହୁ ମୂଲ୍ୟବାନ ପ୍ଲଟ୍, ଆକାଉଣ୍ଟରେ ୧୮ ଲକ୍ଷ ଟଙ୍କା ରହିଛି। ସେହିପରି ଚଢ଼ଉ ବେଳେ ଭିଜିଲାନ୍ସ ତାଙ୍କ ଘରୁ ନଗଦ ୧.୫୫ ଲକ୍ଷ ଜବତ କରିଥିଲା। ଏସବୁ ସଂପତ୍ତିର ଉତ୍ସ ସଂପର୍କରେ ସେ ହିସାବ ଦେଇନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଗତ ୨୩ ତାରିଖରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଶିବପ୍ରସାଦ।

■ ଯୌତୁକ ପାଇଁ ସୈତାନ ସାଜିଲା ସ୍ୱାମୀ

# ଗ୍ୟାସ୍ ନିଆଁରେ ସ୍ତ୍ରୀକୁ ଜିଅନ୍ତା ଜାଳିଦେଲା

କୋରାପୁଟ, ୧୦।୧୦ (ସମିସ): ଲୁହାରଡ଼୍‌ରେ ପିଟି ସ୍ତ୍ରୀକୁ ଗୁରୁତର କରିବା ପରେ ଗ୍ୟାସ୍ ନିଆଁରେ ଜିଅନ୍ତା ଜାଳିଦେଲା। ପରେ ତାକୁ ଲୁଚାଇବା ପାଇଁ ଦୁର୍ଘଟଣାର ରୂପ ଦେବା ପାଇଁ ଅପଚେଷ୍ଟା କରିଥିଲା। କୋରାପୁଟ ଟାଉନ୍ ଥାନା ପୁଲିସ ଆଜି ଏପରି ଜଘନ୍ୟ ହତ୍ୟାକାଣ୍ଡ ଉପରୁ ପରଦା ହଟାଇବା ସହ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ସେ ହେଲା, ଟାଉନ୍ ଥାନା ଅନ୍ତର୍ଗତ ଓଏମ୍‌ପି କଲୋନୀର ଶିବ ଶଙ୍କର ପାତ୍ର। ପୁଲିସ ଆଜି ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୌତୁକ ପାଇଁ ଶିବ ନିଜ ପତ୍ନୀ ପ୍ରିୟଙ୍କା ପଣ୍ଡାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛି।

ସୂଚନା ଅନୁଯାୟୀ, ଆଇଆରବିରେ କାର୍ଯ୍ୟରତ ଶିବ ବୁଧବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ପ୍ରିୟଙ୍କାଙ୍କୁ ପୋଡ଼ି ମାରିବା ପରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଟେକଲି ବ୍ରାହ୍ମଣ ସାହିରେ ରହୁଥିବା ଶ୍ୱଶୁର ତାରିଣୀ ପ୍ରସାଦ ପଣ୍ଡାଙ୍କୁ ଫୋନ କରି ତାଙ୍କ ଝିଅ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିବା ସୂଚନା ଦେଇଥିଲା। ପ୍ରିୟଙ୍କାଙ୍କ ବାପା ସପରିବାର କୋରାପୁଟ ଓଏମ୍‌ପି କ୍ୱାର୍ଟର୍ସରେ ପହଞ୍ଚିବା ପରେ




ପ୍ରକୃତ ଘଟଣା ଜାଣି ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଟାଉନ ଥାନାରେ କରିଥିଲେ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ନିଜେ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ସ୍ୱାମୀ ଶିବ ଶଙ୍କର ପାତ୍ରକୁ ଅଟକ ରଖି ପଚରାଉଚରା କରିଥିଲେ। ପୁଲିସର ଜେରା ବେଳେ ଶିବ ସବୁ ସତ ମାନି ଯାଇଥିଲା।

# ୪୨୭ ପୁଲିସ ଏସ୍‌ଆଇଙ୍କୁ ଇନ୍ସପେକ୍ଟର୍ ପଦକୁ ପଦୋନ୍ନତି

କଟକ, ୧୦।୧୦(ସମିସ): ଗତ ୮ ତାରିଖରେ ଅନୁଷ୍ଠିତ ସ୍ୱତନ୍ତ୍ର କେନ୍ଦ୍ରୀୟ ଚୟନ ବୋର୍ଡ ଦ୍ୱାରା ୪୨୭ଜଣ ପୁଲିସ ସବ-ଇନ୍ସପେକ୍ଟରଙ୍କୁ ପୁଲିସ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ପାଇଁ ମନୋନୀତ କରାଯାଇଛି। ସମ୍ପୃକ୍ତ ସବ୍-ଇନ୍ସପେକ୍ଟରମାନଙ୍କୁ ଓଆରଏସପି ନିୟମ, ୨୦୧୭ ଅନୁଯାୟୀ ୪୪,୯୦୦ ଟଙ୍କା ଦରମା ହାରରେ ଦାୟିତ୍ୱ ଗ୍ରହଣ କରିବା ତାରିଖରୁ ପୁଲିସ ଇନ୍ସପେକ୍ଟର ପଦବୀକୁ ପଦୋନ୍ନତି ପାଇଁ ଅନୁମତି ଦିଆଯାଇଛି। ତେବେ ଏହି ପଦୋନ୍ନତି ହାଇକୋର୍ଟରେ ବିଚାରଧୀନ କେତେକ ମାମଲାର ଚୂଡ଼ାନ୍ତ ଫଇସଲା ଉପରେ ନିର୍ଭର କରିବ ବୋଲି ସ୍ପଷ୍ଟ କରାଯାଇଛି।

**କଲ୍‌ଭର୍ଟ ଉଡ଼ାଇଲେ ମାଓବାଦୀ**

# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସିଆର୍‌ପିଏଫ୍ ଇନ୍ସପେକ୍ଟର ଆହତ

ରାଉରକେଲା, ୧୦।୧୦(ସମିସ): ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଶୁକ୍ରବାର ସନ୍ଧ୍ୟାରେ ମାଓବାଦୀଙ୍କ ଦ୍ୱାରା ଦୁଇଟି ଲ୍ୟାଣ୍ଡମାଇନ ବିସ୍ଫୋରଣ କରାଯାଇଛି। ଏଥିଯୋଗୁଁ ଏକ କଲଭର୍ଟ ଉଡ଼ି ଯାଇଥିବାବେଳେ ଜଣେ ସିଆରପିଏଫ୍ ଇନ୍ସପେକ୍ଟର ଆହତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବିଶ୍ରା ବ୍ଲକର ଜରାଇକେଲା ପଞ୍ଚାୟତ ସୀମାନ୍ତରେ ଥିବା ଝାଡ଼ଖଣ୍ଡସ୍ଥିତ ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ପୁଣି ଥରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ନିଜର ଉପସ୍ଥିତି ଜାହିର କରିଛନ୍ତି। ଏକ ଭୟଙ୍କର ବିସ୍ଫୋରଣରେ ସିଆରପିଏଫ୍‌ର ଜଣେ ଇନ୍ସପେକ୍ଟର ଆହତ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ପୁଲିସ, ସିଆରପିଏଫ ଏବଂ ଅନ୍ୟାନ୍ୟ ସୁରକ୍ଷା ବାହିନୀର ଯବାନମାନେ ସରଣ୍ଡାର ଜରାଇକେଲା ଥାନା ଅଧୀନରେ ଥିବା ସମଠା ଅଞ୍ଚଳର ବାବୁଡେରା ଗାଁରେ ମାଓବିରୋଧୀ ଅଭିଯାନ ଅଧୀନରେ କମ୍ବିଂ ଅପରେସନ ଚଳାଇଥିଲେ। ଏହି ସମୟରେ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସିଆରପିଏଫ ୬୦ ବାଟାଲିୟନର ଇନ୍ସପେକ୍ଟର କେ କେ ମିଶ୍ର ଗୁରୁତର ଭାବେ ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଝାଡ଼ଖଣ୍ଡ ସରକାରୀ ହସ୍ପିଟାଲର ଡାକ୍ତରୀ ଦଳ ଘଟଣାସ୍ଥଳକୁ ପହଞ୍ଚିଛନ୍ତି।

# କୋହିନୂର୍ ହୀରା ଫେରାଇ ଆଣିବା ସଂପର୍କିତ ଜନସ୍ୱାର୍ଥ ମାମଲା ପ୍ରତ୍ୟାହାର

କଟକ, ୧୦।୧୦(ସମିସ): ଜାତୀୟ ସୁରକ୍ଷା, 'ଅପରେସନ ସିନ୍ଦୂର', କୋହେନୂର୍ ହୀରା ସହ ଅନ୍ୟ ମୂଲ୍ୟବାନ ଜନିଷ ଭାରତ ଫେରାଇ ଆଣିବା ପ୍ରସଙ୍ଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ହାଇକୋର୍ଟରୁ ପ୍ରତ୍ୟାହାର କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ମାମଲାର ଶୁଣାଣି ସମୟରେ ଆବେଦନ ପ୍ରତ୍ୟାହାର ପାଇଁ ଆବେଦନକାରୀଙ୍କ ତରଫରୁ ଅନୁମତି ଲୋଡ଼ା ଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହ ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସାମାଜିକ କର୍ମୀ ପିନାକ ପାଣି ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। 'ଅପରେସନ ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ବିରୋଧରେ କେତେକ ବ୍ୟକ୍ତି ଆପତ୍ତିଜନକ ଭାଷା ପ୍ରୟୋଗ କରିଥିଲେ। ଏପରି ଅସାମାଜିକ, ଦେଶଦ୍ରୋହୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଉ। ଯୁକ୍ତରାଷ୍ଟ୍ର ଆମେରିକାକୁ ଭାରତର ବଡ଼ ଶତ୍ରୁ ବୋଲି ଘୋଷଣା କରାଯାଉ। ୧୭୫୭ରୁ ୧୯୪୭ ମଧ୍ୟରେ କୋହେନୂର ହୀରା ସମେତ ବହୁ ମୂଲ୍ୟବାନ ଗହଣା, ରତ୍ନପଥର, ସୁନା ରୁପା ବ୍ରିଟିଶରମାନେ ଭାରତରୁ ନେଇ ଯାଇଥିଲେ। କୋହେନୂର୍ ହୀରାକୁ ମହାରାଜା ରଣଜିତ ସିଂ ଜଗନ୍ନାଥ ମହାପ୍ରଭୁଙ୍କୁ ଦାନ କରିଥିଲେ। ଏହି ହୀରାକୁ ୟୁନାଇଟେଡ୍ କିଙ୍ଗଡମରୁ ଫେରାଇ ଆଣିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦର୍ଶାଯାଇଥିଲା।

**ପଦୋନ୍ନତି ପାଇ କି' ଲାଭ**

# ୫ ମାସ ପରେ ବି ଇନ୍ସପେକ୍ଟର୍ ପଦରେ ଡିଏସ୍‌ପି

■ ନିଯୁକ୍ତି ଅପେକ୍ଷାରେ ୯୯ ଡିଏସ୍‌ପି
■ ଚୌଦ୍ୱାର ହାଜତ ମୃତ୍ୟୁ ପରେ ମନରେ ଛନକା

ଭୁବନେଶ୍ୱର, ୧୦।୧୦(ସମିସ): ଗତ ଏପ୍ରିଲରେ ୧୬୯ ଜଣ ଇନ୍ସପେକ୍ଟର୍‌ଙ୍କ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି କରାଯାଇଥିଲା। ଜୁନ୍ ୨୬ରେ ସେଥିମଧ୍ୟରୁ ୭୦ଜଣଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଗଲା। ଅର୍ଡର୍ ସିନା ବାହାରିଗଲା, ହେଲେ ସେମାନଙ୍କୁ ରିଲିଭ୍ କରାଗଲା ନାହିଁ। କେତେଜଣ ଅଧିକାରୀଙ୍କୁ ଛାଡ଼ିଦେଲେ, ବାକି ଯିଏ ଯୋଉଠି ଥିଲେ, ଏବେ ବି ସେଇଠି ଅଛନ୍ତି। ଅଧା ପଦୋନ୍ନତି ପାଇଥିଲେ ମଧ୍ୟ ନିଯୁକ୍ତି ପାଇନାହାନ୍ତି। ଆଉ କିଛି ନିଯୁକ୍ତି ପାଇଥିଲେ ବି ନୂଆ ସ୍ଥାନରେ ଯୋଗ ଦେଇପାରୁନାହାନ୍ତି। ରାଜ୍ୟ ପୁଲିସର ଅନ୍ୟତମ ମେରୁଦଣ୍ଡ କୁହାଯାଉଥିବା ଡିଏସ୍‌ପି ରାଙ୍କର ଅଧିକାରୀଙ୍କ ଅବସ୍ଥା ଏବେ ଏମିତି।

ପୂର୍ବରୁ ଡିଏସ୍‌ପି ବଦଳି କ୍ଷମତା ପୁଲିସ ଡିଜି କରୁଥିବା ବେଳେ ନୂଆ ସରକାର ଆସିବା ପରେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ଛଡ଼ାଇ ନେଇଥିଲା। ଡିଏସ୍‌ପିମାନେ ନିଯୁକ୍ତି ନ ପାଇବା ଖୋଦ୍ ଗୃହ ବିଭାଗର ଅକ୍ଷମତାକୁ ପଦାରେ ପକାଇଥିବା ବେଳେ ପୁଲିସ ଅଧିକାରୀଙ୍କ ମନୋବଳ ଭାଙ୍ଗିବାରେ ଲାଗିଛି।

ସୂଚନାନୁସାରେ, ଗତ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଇନ୍ସପେକ୍ଟର୍‌ଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ କୁହାଯାଇଥିଲା। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସ୍‌ପିଙ୍କୁ ନିଯୁକ୍ତି ମିଳିଥିଲା। ହେଲେ, ବାକି ୯୯ ଜଣ ଡିଏସ୍‌ପି ଏବେ ମଧ୍ୟ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି। ଡିଏସ୍‌ପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚ୍‌ର ଅଧିକାରୀଙ୍କୁ ନିଯୁକ୍ତି ମିଳିଥିବା ବେଳେ ବରିଷ୍ଠମାନଙ୍କୁ ଏ ପର୍ଯ୍ୟନ୍ତ ମିଳିନାହିଁ। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହା ଭିତରେ ପଦୋନ୍ନତିକୁ ୫ ମାସ ବିତିଯାଇଥିଲେ ମଧ୍ୟ ୯୯ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ, ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି(ଇନ୍‌ଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି।

ସେପଟେ ଗତ ମାସ ତୃତୀୟ ସପ୍ତାହରେ ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ନୂଆ କରି ପଦୋନ୍ନତି ପାଇଥିବା ଡିଏସ୍‌ପି ତଥା ତତ୍କାଳୀନ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କୁ ନିଲମ୍ବିତ କରାଯାଇଥିଲା। ଏହାଦ୍ୱାରା ପଦୋନ୍ନତି ପାଇ ଥାନା ଦାୟିତ୍ୱରେ ଥିବା ଡିଏସ୍‌ପିମାନଙ୍କ ମନରେ ଛନକା ପଶିଛି। ଗୋଟିଏପଟେ, ଉପର ପାହ୍ୟାର ଅଧିକାରୀ ହୋଇ ଥାନା ଦାୟିତ୍ୱରେ ରହିବେ, ଅନ୍ୟପଟେ କୌଣସି ଅଘଟଣ ଘଟିଲେ ନିନ୍ଦା ଅପବାଦ ମୁଣ୍ଡାଇବା ସହ ନିଲମ୍ବନ ହେବାର ଭୟ ଏବେ ସେମାନଙ୍କୁ ଘାରିଛି। ଏଥିସହ ପଦୋନ୍ନତି ପାଇ ଅସ୍ଥାୟୀ ଭାବେ ଥାନା ଦାୟିତ୍ୱରେ ଥିବାରୁ ତଳ କର୍ମଚାରୀମାନେ ମଧ୍ୟ ସେମାନଙ୍କ କଥାକୁ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ପଦୋନ୍ନତିର ୫ ମାସ ପରେ ମଧ୍ୟ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସକାଳ
THE SAKALA



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାରିଆ ମାଚାଡ଼ୋଙ୍କୁ...

୨୦ ବର୍ଷଧରି ନିରବଚ୍ଛିନ୍ନ ଭାବେ ପ୍ରୟାସ କରିଆସୁଥିବା ମାରିଆଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ସ୍ୱିଡିଶ ଏକାଡେମୀ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ମାରିଆ ପ୍ରତିଷ୍ଠା କରିଥିବା 'ସୁମାତେ' ନାମକ ଏନ୍‌ଜିଓ ଦେଶରେ ଏକଛତ୍ରବାଦ ଶାସନ ବିରୋଧରେ ଏବଂ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଆସୁଛି। ଏହି ସଂସ୍ଥା ଦେଶରେ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ ପାଇଁ ଦାବି କରିଆସୁଛି।

ମାରିଆଙ୍କୁ ପୁରସ୍କାର ବାବଦରେ ୧୧ ମିଲିଅନ ସ୍ୱିଡିଶ କ୍ରୋନର ଅର୍ଥାତ ୧୦.୩ କୋଟି ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ମିଳିବ। ଡିସେମ୍ବର ୧୦ରେ ନରୱେର ରାଜଧାନୀ ଓସଲୋରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ୧୯୬୭ ଅକ୍ଟୋବର ୭ରେ ଭେନେଜୁଏଲାର କାରାକାସ୍‌ରେ ଜନ୍ମଗ୍ରହଣ କରିଥିବା ମାରିଆ ରାଜନୀତିକୁ ଆସିବା ପୂର୍ବରୁ ଜଣେ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟର ଭାବେ ବେଶ୍ ସଫଳତା ହାସଲ କରିଥିଲେ। ୨୦୨୫ରେ ପ୍ରକାଶିତ ସବୁଠାରୁ ପ୍ରଭାବଶାଳୀ ତାଲିକାରେ ମାରିଆଙ୍କୁ ସାମିଲ କରାଯାଇଥିଲା। ୨୦୧୧ରୁ ୨୦୧୪ ମଧ୍ୟରେ ସେ ଭେନେଜୁଏଲାର ରାଷ୍ଟ୍ରୀୟ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ମଧ୍ୟ ସେ ଏକାଧିକ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ୨୦୨୪ରେ ୟୁରୋପୀୟ ସଂଘର ସାଖାରୋଭ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଏହା ୟୁରୋପୀୟ ସଂଘ ତାଙ୍କୁ ସର୍ବୋଚ୍ଚ ମାନବାଧୀକାର ପୁରସ୍କାର ଦେଇଥିଲା। ୨୦୨୪ରେ ସେ ଭେନଜୁଏଲାରେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ସେ ଏବଂ ତାଙ୍କ ପାର୍ଟି ବିଜୟୀ ହୋଇଥିଲେ ମଧ୍ୟ ତାଙ୍କୁ ଶାସନରୁ ଦୂରେଇ ରଖାଯାଇଥିଲା।

ଶୁଳ୍କ ଯୁଦ୍ଧ ଆରମ୍ଭ କରି ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କୁ ନିରାଶ ହେବାକୁ ପଡ଼ିଛି। ପାକିସ୍ତାନ, ତୁର୍କୀ, ଇସ୍ରାଏଲ, କାମ୍ବୋଡିଆ, ଥାଇଲାଣ୍ଡ, ରାୱାଣ୍ଡା, କଙ୍ଗୋ, ଆର୍ମେନିଆ, ଆଜରବୈଜାନ ଏବଂ ଶେଷରେ ରୁଷ୍‌ର ସମର୍ଥନ ସତ୍ତ୍ୱେ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରି ନାହିଁ। ଏହି ପୁରସ୍କାର ପାଇବା ପାଇଁ ଦୀର୍ଘ ଦିନ ହେଲା ଟ୍ରମ୍ପ କରିଥିବା ପ୍ରଚାରପ୍ରସାର ବ୍ୟର୍ଥ ହୋଇଯାଇଛି। ୮ ଟି ଯୁଦ୍ଧ ବନ୍ଦ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ଦାବି ସହିତ ସ୍ୱିଡେନ ଅର୍ଥମନ୍ତ୍ରୀଙ୍କୁ ଫୋନ କରିବା ପରେ ବି ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପ ଅଯୋଗ୍ୟ ହୋଇଛନ୍ତି।

ହ୍ୱାଇଟ୍ ହାଉସ୍ ପକ୍ଷରୁ ଅସନ୍ତୋଷ ଜାହିର କରି କୁହାଯାଇଛି ଯେ, ପୁରସ୍କାର ଚୟନ କମିଟି ଶାନ୍ତି ଅପେକ୍ଷା ରାଜନୀତିକୁ ଅଗ୍ରାଧିକାର ଦେଉଥିବା ପୁଣି ଥରେ ପ୍ରମାଣିତ ହୋଇଛି। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନେଇ ଟ୍ରମ୍ପ କରୁଥିବା ନିରନ୍ତର ପ୍ରୟାସକୁ ଚୟନ କମିଟି ଅଣଦେଖା କରିଛି। ଏହା ସତ୍ତ୍ୱେ ରାଷ୍ଟ୍ରପତି ଶାନ୍ତି ପାଇଁ ତାଙ୍କ ପ୍ରୟାସ ଜାରି ରଖିବା ସହ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ସମାପ୍ତ କରାଇବେ ଏବଂ ଜୀବନ ବଞ୍ଚାଇବା ଦିଗରେ କାର୍ଯ୍ୟ ଜାରି ରଖିବେ।

### ପୂର୍ବତନ ଜେଲ୍...

ରେଟ୍ ଛିଡ଼ିଥିବା ଓ ପ୍ରାୟ ୫ରୁ ୧୦ ଲକ୍ଷ ଟଙ୍କା ଅଗ୍ରୀମ ନିଆଯାଇଥିବା କୁହାଯାଉଛି। ସେହିପରି ଜେଲ୍ ବିଭାଗ ଡ଼ିଜି ସମ୍ପ୍ରତି ଓପିଆର୍‌ବି ଅଧ୍ୟକ୍ଷ ଥିବାରୁ ଏହି ଘଟଣାରେ ଜେଲ୍ ବିଭାଗର ଅବସରପ୍ରାପ୍ତ ଡ଼ିଆଇଜି କୁଳମଣି ବେହେରାଙ୍କ ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ତେଣୁ କ୍ରାଇମବ୍ରାଞ୍ଚ ଆଜି ତାଙ୍କୁ ଜେରା କରିଥିବା କୁହାଯାଉଛି।

ଅନ୍ୟପକ୍ଷରେ ଏହି ସମଗ୍ର ଘଟଣାରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡର୍ (ଓପିଆର୍‌ବି) ସହ ନିଯୁକ୍ତି ପରୀକ୍ଷା ଟେଣ୍ଡର ପାଇଥିବା ଆଇଟିଆଇ ଲିମିଟେଡ୍ ଅନୁରୂପ ଦାୟୀ ବୋଲି ଅଭିଯୋଗ ହୋଇଛି । ଓପିଆରବି ସହ ଆଇଟିଆଇ କରିଥିବା ବୁଝାମଣା ଅନୁସାରେ ସମ୍ପୃକ୍ତ ସଂସ୍ଥା କେବଳ ପରୀକ୍ଷା ପରିଚାଳନା ନିମନ୍ତେ ଅନ୍ୟ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବା ବ୍ୟବସ୍ଥା ରହିଥିଲା । ମାତ୍ର ପରୀକ୍ଷା ପରିଚାଳନାରେ ସହଯୋଗ ନେବା ପରିବର୍ତ୍ତେ ଆଇଟିଆଇ ଲିଃ ପୁରା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବ୍‌କୁ ପ୍ରଦାନ କରିଥିଲା। ଅର୍ଥାତ୍ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାକୁ ଛାପିବା, ଲିଖିତ ପରୀକ୍ଷା ପରିଚାଳନା କରିବା ସମସ୍ତ ଦାୟିତ୍ୱ ସିଲିକନ୍ ନେଇଥିଲା। କୌତୂହଳର କଥା ହେଉଛି ସିଲିକନ୍ ଟେକଲାବ୍ ନିଜେ ପରୀକ୍ଷା ପରିଚାଳନା କରିବା ପରିବର୍ତ୍ତେ ଏହାକୁ ଅନ୍ୟଏକ ଅଖ୍ୟାତ ସଂସ୍ଥା ପଞ୍ଚସଫ୍ଟକୁ ପ୍ରଦାନ କରିଥିଲା। ଦୁଇଟି ପର୍ଯ୍ୟାୟରେ ଦୁଇଟି ସବ୍‌ଲେଟ୍ ଏସ୍‌ଆଇ ପରୀକ୍ଷାରେ ଦୁର୍ନୀତି ପାଇଁ ବାଟ ଖୋଲି ଦେଇଥିଲା । ଅନୁରୂପ ଟେଣ୍ଡରରେ ରହିଥିବା ଅନ୍ୟଏକ ସର୍ତ୍ତ ଅନୁସାରେ ଆଇଟିଆଇ ପରୀକ୍ଷା ପରିଚାଳନା ନିମନ୍ତେ ଯେଉଁ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବ, ସେହି ସଂସ୍ଥା ସମ୍ପର୍କରେ ପୁରା ବିବରଣୀ ଓପିଆର୍‌ବିକୁ ଆଗୁଆ ଦେବା କଥା। ମାତ୍ର ତାହା କରାଯାଇ ନ ଥିବା ଯୋଗୁଁ ଆଇଟିଆଇକୁ ଓପିଆର୍‌ବି ପକ୍ଷରୁ ନୋଟିସ ଜାରି କରାଯାଇଥିବା କୁହାଯାଉଛି।

କୌତୂହଳର କଥା ହେଉଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡର୍ ଏସ୍‌ଆଇ ପରୀକ୍ଷା ସମ୍ପର୍କରେ ଏବେ ଦେଖାଉଥିବା ଅଜ୍ଞତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଦାୟିତ୍ୱ ପାଇଥିବା ସଂସ୍ଥା ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରୁ ନ ଥିବା ଓ ଏହାକୁ ଅନ୍ୟ ସଂସ୍ଥାକୁ ସବ୍‌ଲେଟ କରାଯାଇଥିବା ସଂକ୍ରାନ୍ତରେ ଓପିଆର୍‌ବିର ସମସ୍ତ ଅଧିକାରୀ ଅବଗତ ଥିଲେ । ଏପରିକି ଓପିଆରବି ସହ ଜଡ଼ିତ ଅନେକ ଅଧିକାରୀ ନିୟମିତ ଭାବରେ ସିଲିକନ୍ ଟେକ୍‌ଲାବ ଓ ପଞ୍ଚସଫ୍ଟ ଅଫିସକୁ ଯାତାୟତ କରିବା ଏହି ସନ୍ଦେହକୁ ଦୃଢ଼ୀଭୂତ କରିଛି । ଅନୁରୂପ ଭାବରେ ସିଲିକନ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ପ୍ରଶାସନର ଅନେକ ବଡ଼ ଅଧିକାରୀଙ୍କ ସମ୍ପର୍କ ଏବଂ ପଞ୍ଚ ସଫ୍ଟ ମୁଖ୍ୟ କୁହାଯାଉଥିବା ଶଙ୍କର ପୃଷ୍ଟି, ତାର ସହଯୋଗୀ ମୁନ୍ନା ମହାନ୍ତି ସହ ଶାସକ ଦଳର ବହୁ ନେତାଙ୍କ ଘନିଷ୍ଠତାର ପ୍ରମାଣ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଏହି ପରିପ୍ରେକ୍ଷୀରେ ଓପିଆର୍‌ବି ନିଜ ମୁଣ୍ଡରୁ ଅଠା ଛଡ଼ାଇବାକୁ ଯେପରି ବ୍ୟାକୁଳ, ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ମଧ୍ୟ ଓପିଆରବି ଓ ଶଙ୍କର ପୃଷ୍ଟି ସହ ଜଡ଼ିତ ଶାସକ ଦଳ ନେତାଙ୍କୁ ସୁରକ୍ଷା ଦେବାକୁ ବ୍ୟସ୍ତ ।

ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାରେ ଏସ୍‌ଆଇ ଚାକିରି ବିକ୍ରି କେବଳ ରାଜ୍ୟ ପ୍ରସଙ୍ଗ ହୋଇନାହିଁ । ଏହାର ଚେର ଅନ୍ୟ ରାଜ୍ୟକୁ ବି ବ୍ୟାପିଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟିର ମହାରାଷ୍ଟ୍ର ସମ୍ପର୍କ ଜଣାପଡ଼ିବା ପରେ ଶାସକ ଦଳର କିଛି ନେତାଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି ।

ଅନ୍ୟପକ୍ଷରେ ପୁଲିସ୍ ଏସ୍‌ଆଇ କେଳେଙ୍କାରୀ ମାମଲାରେ ଆଜି କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି ବଣିକ କୋଚିଂ ସେଣ୍ଟରଏଚ୍‌ଆର ମ୍ୟାନେଜର, ଆକାଉଣ୍ଟ ହେଡ୍ ଏବଂ ଅନ୍ୟ ଜଣେ କର୍ମଚାରୀ। କ୍ରାଇମ୍‌ବ୍ରାଞ୍ଚ ମାଗିଥିବା ଦସ୍ତାବିଜ୍ ସେମାନେ ଦାଖଲ କରିବା ସହ ତଦନ୍ତ ଅଧିକାରୀ ପଚାରିଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି।

ଅନ୍ୟପଟରେ କ୍ରାଇମ୍‌ବ୍ରାଞ୍ଚ ନୋଟିସ ଆଧାରରେ ଆଇଟିଆଇ ଏବଂ ସିଲିକନ୍ ଟେକ୍‌ଲ୍ୟାବ୍ ଆବଶ୍ୟକ ଦସ୍ତାବିଜ ଦାଖଲ କରିଛନ୍ତି । ପଞ୍ଚସଫ୍ଟ ମୁଖ୍ୟ ଶଙ୍କରର ଘନିଷ୍ଠ କୁହାଯାଉଥିବା ମୁନ୍ନା ସହ ନିରନ୍ତର ଯୋଗାଯୋଗରେ ଥିବା ଦଶପଲ୍ଲା ଅଞ୍ଚଳର ଶ୍ରୀକାନ୍ତ ଓରଫ୍ ରିଙ୍କୁକୁ ଧରିବାକୁ କ୍ରାଇମବ୍ରାଞ୍ଚ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ଦଶପଲ୍ଲାରୁ ପିଲା ଯୋଗାଡ଼ କରି ମୁନ୍ନା ନିକଟରେ ପହଞ୍ଚାଉଥିଲା ଶ୍ରୀକାନ୍ତ। ସେହି ପିଲାମାନଙ୍କ ସହ ମୁନ୍ନା ମୂଳଚାଲ ଛିଡ଼ାଉଥିଲା ଓ ସେମାନଙ୍କଠାରୁ ଟଙ୍କା ରଖୁଥିଲା ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ଶଙ୍କର ପୃଷ୍ଟି ଏବଂ ମୁନ୍ନାର ବ୍ୟାଙ୍କ୍ ଆକାଉଣ୍ଟ ଟ୍ରାଞ୍ଜାକ୍‌ସନ କ୍ରାଇମ୍‌ବ୍ରାଞ୍ଚ ହାତରେ ହସ୍ତଗତ ହୋଇଛି। ମୁନ୍ନା ଓ ଶଙ୍କର ଏକାଉଣ୍ଟକୁ ବହୁ ବ୍ୟକ୍ତି ଲକ୍ଷଲକ୍ଷ ଟଙ୍କା ପଠାଇଛନ୍ତି। ତେଣୁ ଟଙ୍କା ପଠାଇଥିବା ଲୋକମାନଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ କ୍ରାଇମବ୍ରାଞ୍ଚ ୨୦ ଜଣଙ୍କୁ ନୋଟିସ କରିଛି। କେଉଁ କାରଣ ପାଇଁ ସେମାନେ ଏତେ ପରିମାଣର ଟଙ୍କା ପଠାଇଛନ୍ତି, ତାହାର ଉତ୍ତର ରଖିବାକୁ ସେମାନଙ୍କୁ କୁହାଯାଇଛି। ତେବେ ବଡ଼କଥା ହେଉଛି ଟଙ୍କା ନେଣଦେଣ କରିଥିବା ଲୋକଙ୍କ ମଧ୍ୟରେ ଥିବା ୫ ପୁଲିସ ଅଧିକାରୀଙ୍କୁ ନୋଟିସ କରା ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

### ଦିଲ୍ଲୀରୁ ଫେରିଲେ...

ନଜର ରଖୁଥିବା ଓ ନିୟମିତ ଭାବରେ ସାମାଜିକ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ଦେଉଥିବା ଦେଖା ଯାଇଥିଲା।

ସମ୍ପ୍ରତି ପୁଲିସ ଚାକିରି ବିକ୍ରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ସେହିପରି ଭସାଣି ସମୟରେ କଟକରେ ଘଟିଥିବା ଅଘଟଣ ମଧ୍ୟ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିରନ୍ତର ଏହି ଘଟଣା ସମ୍ପର୍କରେ ଖବର ରଖୁଥିବା ଓ ପ୍ରତିକ୍ରିୟା ଦେଉଥିବା ସତ୍ତ୍ୱେ ନବୀନଙ୍କ ଓଡ଼ିଶା ପ୍ରତ୍ୟାବର୍ତ୍ତନକୁ ରାଜ୍ୟବାସୀ ଚାହିଁ ରହିଥିଲେ। ଏହା ସହିତ ଆଗକୁ ନୂଆପଡ଼ା ଉପନିର୍ବାଚନ ଥିବାରୁ ନବୀନଙ୍କ ନିଷ୍ପତ୍ତି ଉପରେ ସବୁ ଦଳର ନଜର ରହିଛି । ଯଦିଓ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳ ପକ୍ଷରୁ ନବୀନ ବରିଷ୍ଠ ନେତାଙ୍କୁ ନେଇ ଷ୍ଟିଅରିଂ କମିଟି ଗଠନ କରିଛନ୍ତି, ତଥାପି ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ । ଏହି ପରିପ୍ରେକ୍ଷୀରେ ଦିନେ ଦୁଇଦିନ ମଧ୍ୟରେ ନୂଆପଡ଼ା ଆସନ ପାଇଁ ନବୀନ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି ।

**ବ୍ୟାଙ୍କରୁ ଡକାୟତି ଯୋଜନା ପଣ୍ଡ**

## ପୁଲିସ ପଞ୍ଝାରେ କୁଖ୍ୟାତ 'ମହାକାଳ ଗ୍ରୁପ୍'

**୯ ଗିରଫ, ୫ ପିସ୍ତଲ ସହ ଗୁଳି ଜବତ**
**ଅପରାଧ ସାମ୍ରାଜ୍ୟ ଚଳାଉଥିଲା ବିଶ୍ୱଜିତ**
**କେନ୍ଦୁଝରର ଡନ୍ ହେବା ଥିଲା ଲକ୍ଷ୍ୟ**

**କେନ୍ଦୁଝର, ୧୦।୧୦(ସମିସ):** ଡକାୟତି, ହତ୍ୟା, ଖଣିଜ ପଦାର୍ଥ ଚୋରାଚାଲାଣ ଓ ଦାଦାବଟି ଆଦାୟ ଭଳି ସଂଗିନ୍ ଅପରାଧରେ ସାମିଲ ଏକ କୁଖ୍ୟାତ ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି କେନ୍ଦୁଝର ପୁଲିସ। ଗ୍ୟାଙ୍ଗର ୯ସଦସ୍ୟଙ୍କୁ ଗିରଫ କରିବା ସହ ପୁଲିସ ସେମାନଙ୍କଠାରୁ ୫ଟି ପିସ୍ତଲ, ୨୫ଟି ଗୁଳି, ୭ଟି ମାଗାଜିନ ସହ ୫ଟି ଅନ୍ୟାନ୍ୟ ମାରଣାସ୍ତ୍ର, ଏକ ଥାର୍ ଗାଡ଼ି ଜବତ କରିଛି। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ଛେଳିଆନାଳ ଅଞ୍ଚଳର ବିଶ୍ୱଜିତ ଗିରି ଓରଫ୍ ଗଣେଶ (୩୨), ମୟୂରଭଞ୍ଜ ଉଭରପଶିର ଶୁଭାଶିଷ ଗିରି(୨୭), କେନ୍ଦୁଝର କାଶୀପୁରର ପ୍ରିୟଦର୍ଶନ (୨୯), ଯୋଡ଼ା ଅଞ୍ଚଳର ନିର୍ମଳ ପ୍ରଧାନ (୪୦), ଯୋଡ଼ା କୁନ୍ଦୁରୁନାଲାର ବିନୋଦ ମୁଣ୍ଡା(୩୨), ଯୋଡ଼ା ଜାହିର ହଟିଙ୍ଗର ରୋହିତ ନାଏକ (୨୧), ମାଝୀ ହଟିଙ୍ଗଯୋଡ଼ାର ମହମ୍ମଦ ଜିସନ(୨୫), ବଡ଼ବିଲ ଠାକୁରାଣୀ ଅଞ୍ଚଳର ରଞ୍ଜନ ପଲେଇ (୨୬) ଓ ଝାଡ଼ଖଣ୍ଡ ଗୋବରଗାଁର ପର୍ଶୁରାମ ପ୍ରଧାନ(୫୫)। ବିଶ୍ୱଜିତ ଏହି ଗ୍ୟାଙ୍ଗର ମୁଖିଆ ହୋଇଥିବା ବେଳେ ଏମାନେ 'ମହାକାଳ' ନାମକ ଏକ ଗ୍ରୁପ୍ ଗଢ଼ିଥିଲେ। କେନ୍ଦୁଝର ନିକଟ ନରଣପୁରସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ ଡକାୟତି ପାଇଁ ଏମାନେ ଗତ ରାତିରେ ଯୋଜନା କରୁଥିବା ବେଳେ ସ୍ଥାନୀୟ ଘଡ଼ଘଡ଼ି ମନ୍ଦିର ନିକଟସ୍ଥ ଏକ ପରିତ୍ୟକ୍ତ ଘରୁ ପୁଲିସ ସମସ୍ତଙ୍କୁ ଗିରଫ କରିଛି।

ପାଠ ପଢ଼ି କିଏ ଆଇଏଏସ୍, ଆଇପିଏସ୍ କିମ୍ବା ବଡ଼ବଡ଼ ପଦରେ ଚାକିରି କରିବାକୁ ଇଚ୍ଛା କରିଥାଏ। କିନ୍ତୁ, ବିଶ୍ୱଜିତ୍‌ର ଇଚ୍ଛା ଓ ସ୍ୱପ୍ନ ଥିଲା ଗ୍ୟାଙ୍ଗ୍‌ଷ୍ଟାର୍ ହେବାକୁ। ପ୍ରଥମେ ପ୍ରଥମେ ଛୋଟଛୋଟ ଅପରାଧ ଘଟାଇ ସେ ଅପରାଧ ଦୁନିଆରେ ପାଦ ଥାପିଥିଲା। କିନ୍ତୁ, ଗ୍ୟାଙ୍ଗ୍ ନ ଗଢ଼ିଲେ ବଡ଼ବଡ଼ ଅପରାଧ ଭିଆଇପାରିବ ନାହିଁ ବୋଲି ସେ ଖୁବ୍‌ଶୀଘ୍ର ବୁଝିଯାଇଥିଲା। ତେଣୁ ନିଜକୁ କେନ୍ଦୁଝରର ଡନ୍ ଭାବେ ଗଢ଼ି ତୋଳିବା ପାଇଁ ସେ ଗଠନ କରିଥିଲା ମହାକାଳ ଗ୍ରୁପ୍। ଏଥିରେ ସେ ସାମିଲ କରିଥିଲା ଓଡ଼ିଶା ଓ ଝାଡ଼ଖଣ୍ଡର ବଛାବଛା ଏକାଧିକ ଅପରାଧୀଙ୍କୁ।

## ୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୦।୧୦(ସମିସ):** ତେଲେଙ୍ଗାନାରେ ମାଓବାଦୀ ଆନ୍ଦୋଳନକୁ ଝଟ୍‌କା ଲାଗିଛି। ମାଓବାଦୀ ସଂଗଠନର ତିନିଜଣ ବରିଷ୍ଠ ମାଓନେତା ଆଜି ଡିଜିପି ଶିବଧର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, କୁକାଟି ଭେଙ୍କଟ ଓରଫ ବିକାଶ, ମୋଗିଲିଚର୍ଲା ରାଜୁ ଓରଫ୍ ସିଏନଏମ ଚନ୍ଦୁ ଏବଂ ଗଙ୍ଗୱା ଓରଫ ସୋନି। ଏମାନେ ଦୀର୍ଘବର୍ଷ ଧରି ମାଓବାଦୀ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିଲେ। ତେଲଙ୍ଗାନା, ଓଡ଼ିଶା, ଛତିଶଗଡ଼ ଆଦି ଅଞ୍ଚଳରେ ମାଓ ଅଭିଯାନ ଚଳାଇଥିଲେ। ଡିଜିପି ଶିବଧର ରେଡ୍ଡୀ କହିଛନ୍ତି ଯେ ରାଜ୍ୟ ସରକାର ଯେକୌଣସି ମାଓବାଦୀଙ୍କୁ ହିଂସା ଛାଡ଼ି ସମାଜର ମୁଖ୍ୟଧାରାକୁ ଫେରିବା ପାଇଁ ସୁଯୋଗ ଦେଉଛନ୍ତି। ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି, ସେମାନଙ୍କୁ ପୁନର୍ବାସ ଯୋଜନା ଅନୁଯାୟୀ ସମସ୍ତ ସହାୟତା ଦିଆଯିବ।

## ସିବିଆଇ ପଞ୍ଝାରେ ଆରପିଏଫ୍ ଯବାନ

**ରାଉରକେଲା, ୧୦।୧୦ (ସମିସ):** ଚକ୍ରଧରପୁର ରେଳ ଡିଭିଜନ୍ ଅଧୀନ ବନ୍ଧମୁଣ୍ଡାରେ ଜଣେ ଅଳିଆ ସଂଗ୍ରହକାରୀଙ୍କଠାରୁ ଲାଞ୍ଚ ନେବା ବେଳେ ଜଣେ ଆରପିଏଫ୍ ଯବାନଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଆରପିଏଫ୍ ଯବାନ ହେଉଛନ୍ତି, ମହମ୍ମଦ ଅସରାର। ସୂଚନାନୁସାରେ, ଅସରାର ବନ୍ଧମୁଣ୍ଡା ଆରପିଏଫ୍ ପୋଷ୍ଟରେ ନିଯୁକ୍ତ ଥିଲେ। ସ୍ଥାନୀୟ ରେଲୱେ କଲୋନୀରେ ପ୍ଲାଷ୍ଟିକ୍ ବୋତଲ ଏବଂ ସ୍କ୍ରାପ୍ ଅଳିଆ ସଂଗ୍ରହ କରୁଥିବା ଜଣେ ମହିଳାଙ୍କଠାରୁ ପ୍ରତି ମାସରେ ୧୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ସେ ସିବିଆଇରେ ଅଭିଯୋଗ କରିଥିଲେ। ଏହି କ୍ରମରେ ଶୁକ୍ରବାର ସକାଳେ ଅଭିଯୋଗକାରିଣୀଙ୍କଠାରୁ ବିଶ୍ରା ଛକଠାରେ ଆରପିଏଫ୍ ଯବାନ ମହମ୍ମଦ ଅସରାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସିବିଆଇ ଟିମ୍ ଚଢ଼ଉ କରିଥିଲେ। ଏହା ଦେଖି ଯବାନଜଣଙ୍କ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସିବିଆଇ ଟିମ ତାଙ୍କୁ କାବୁ କରିନେବା ସହ ତାଙ୍କଠାରୁ ରାସାୟନିକ ରଙ୍ଗ ବୋଳା ଉକ୍ତ ଲାଞ୍ଚ ଟଙ୍କାକୁ ଜବତ କରିଥିଲା। ସିବିଆଇ ଟିମ୍ ଅସରାରଙ୍କୁ ଅଧିକ ପଚରାଉଚରା ପାଇଁ ନେଇଯାଇଛି।



## ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

**ଉଡାଣକାରୀ ଛତିଶଗଡ଼ର ଦୁର୍ଗାପ୍ରସାଦ ଯାଦବ ଅଟକ**

**ପୁରୀ, ୧୦।୧୦ (ସମିସ):** ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ବାରମ୍ବାର ଡ୍ରୋନ୍ ଉଡୁଛି। ଏହା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ ତତ୍ପରତା ଦେଖାଉଛନ୍ତି। ହେଲେ କିଛି ଦିନ ପରେ ଯେପରି ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଫଳରେ, ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ, ଏଥିପାଇଁ ସେମିତି କିଛି କଡ଼ା ଦଣ୍ଡବିଧାନ ନଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ବେନିୟମ ଉଡାଣ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପୁଣି ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ୍ ଉଡ଼ିଛି। ଡ୍ରୋନକୁ ଜବତ କରିବା ସହ ଉଡାଣକାରୀଙ୍କୁ ମଧ୍ୟ କାବୁ କରିବାରେ ସଫଳ ହୋଇଛି ପୁଲିସ।

ସୂଚନାନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟା ୪୫ରେ ଶ୍ରୀମନ୍ଦିର ଉପରେ ଏବଂ ପରିକ୍ରମା ପରିସରରେ ଏକ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଥିଲା। ଏସ୍‌ପି ପ୍ରତୀକ ସିଂଙ୍କ ନଜରକୁ ଆସିବା ପରେ ସଙ୍ଗେସଙ୍ଗେ ସିଂହଦ୍ୱାର ଥାନା ଓ ପୁରୀ ପୁଲିସର ଏକ ସ୍ୱତନ୍ତ୍ର ଟିମ୍‌କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ସିଂହଦ୍ୱାର ଥାନା ଏବଂ ପୁଲିସର ସ୍ୱତନ୍ତ୍ର ଟିମ୍ ଡ୍ରୋନର ପିଛା କରିଥିଲେ। ଏହାକୁ 'ଶନି ମନ୍ଦିର ଗଳି'ରେ ଜବତ କରିଥିଲେ। ଏହି ଘଟଣାରେ ଡ୍ରୋନ୍ ଉଡ଼ାଉଥିବା ଛତିଶଗଡ଼ର ଦୁର୍ଗାପ୍ରସାଦ ଯାଦବ ନାମକ ଜଣେ ଯୁବକଙ୍କୁ ସିଂହଦ୍ୱାର ପୁଲିସ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଶ୍ରୀମନ୍ଦିର ଓ ଏହା ପରିସରରେ ଯେକୌଣସି ପ୍ରକାର ଡ୍ରୋନ ଉଡାଇବା ନିଷେଧ ଥିବା ସତ୍ତ୍ୱେ ଏହି ବେନିୟମ କାର୍ଯ୍ୟ କରାଯାଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ଓ ଏହାର ସୁରକ୍ଷା ନିୟମକୁ ସମ୍ମାନ ଦେଇ ଏପରି ବେନିୟମ କାର୍ଯ୍ୟରୁ ଦୂରେଇ ରହିବାକୁ ପୁରୀ ପୁଲିସ ଅନୁରୋଧ କରିଛି।

**ଚଳନ୍ତା ଟ୍ରେନରୁ ଖସି ଯାତ୍ରୀଙ୍କ ମୃତ୍ୟୁ ଘଟଣା**

## ଟିକଟ ମିଳି ନଥିଲେ ମଧ୍ୟ ରେଳବାଇ ଦେବ ୮ ଲକ୍ଷ କ୍ଷତିପୂରଣ: ହାଇକୋର୍ଟ

**କଟକ, ୧୦।୧୦ (ସମିସ):** ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ଖସିପଡ଼ି ଯାତ୍ରୀଙ୍କ ମୃତ୍ୟୁ ମାମଲାରେ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯାତ୍ରା ସଂପର୍କିତ ଟିକଟ ଉଦ୍ଧାର ହୋଇପାରି ନଥିଲେ ମଧ୍ୟ ରେଳବାଇ କ୍ଷତିପୂରଣ ଦେବ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଚଳନ୍ତା ଟ୍ରେନ୍‌ରୁ ପଡ଼ି ପ୍ରାଣ ହରାଇଥିବା ଯାତ୍ରୀଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପଙ୍କଜ କୁମାର ରାଉଳ ଓ ଅନ୍ୟଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କ୍ଷତିପୂରଣ ଦାବି କରି ଦରଖାସ୍ତ ଦାଖଲ ଦିନଠାରୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ୬ ପ୍ରତିଶତ ସୁଧ ସହ ୩ମାସ ମଧ୍ୟରେ ପ୍ରଦାନ କରିବାକୁ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଏଥିସହ ଆବେଦନକାରୀଙ୍କ ଦାବିକୁ ଖାରଜ କରି ଭୁବନେଶ୍ୱରସ୍ଥିତ ରେଲୱେ କ୍ଲେମସ୍ ଟ୍ରିବୁନାଲ ୨୦୨୧ନଭେମ୍ବର ୧ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬, ଜୁନ ୨୧ରେ ଭୁବନେଶ୍ୱର-ଭଦ୍ରକ ଡିଏମୟୁ ଟ୍ରେନରେ ଟିକଟ ସହିତ କାମିନୀ ରାଉଳ ଭୁବନେଶ୍ୱରରୁ ନୂଆଗଡ଼ ରେଲୱେ ଷ୍ଟେସନ ଯାଉଥିଲେ। ଟ୍ରେନ୍ ଭିତରେ ଝଟକା ଲାଗିବା ତଥା ଯାତ୍ରୀଙ୍କ ମଧ୍ୟରେ ଠେଲାପେଲା ଭିତରେ କାମିନୀ ଚଳନ୍ତା ଟ୍ରେନରୁ ମଧୁପୁରରୁ ଜେନାପୁର ମଧ୍ୟରେ ଖସି ପଡ଼ି ପ୍ରାଣ ହରାଇଥିଲେ।

## ପରିକ୍ରମା ମାର୍ଗରେ ନିଶାଡ଼ିଙ୍କ ଉତ୍ପାତ

**ଆଧ୍ୟାତ୍ମିକସ୍ଥଳୀରେ ଅଶୋଭନୀୟ, ଭକ୍ତଙ୍କ କ୍ଷୋଭ**



**ପୁରୀ, ୧୦।୧୦(ସମିସ):** ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା, ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ପୂର୍ବର ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ବହୁ ବାଧାବିଘ୍ନ ପରେ ଏହି ପ୍ରକଳ୍ପ ଏବେ ଶ୍ରଦ୍ଧାଳୁଙ୍କ ପାଇଁ ବେଶ୍ ସହାୟକ ହେଉଛି। ପୂର୍ବପରି ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରିବା ପାଇଁ ଅସୁବିଧା ହେଉନି। ଖୋଲା ଜାଗାରେ ବସି ମହାପ୍ରଭୁଙ୍କୁ ନିଜ ମନ କଥା ଜଣାଇପାରୁଛନ୍ତି ଶ୍ରଦ୍ଧାଳୁ। ବଡ଼ଦେଉଳ ଚତୁଃପାର୍ଶ୍ୱର ଯେକୌଣସି ଜାଗାରେ ଠିଆ ହୋଇ ଅବା ବସି ନୀଳଚକ୍ର ବାନା ପରିବର୍ତ୍ତନର ଅପୂର୍ବ ଦୃଶ୍ୟ ଉପଭୋଗ କରୁଛନ୍ତି। କିନ୍ତୁ, ବେଳେବେଳେ ପରିକ୍ରମା ମାର୍ଗରୁ ଏମିତି କିଛି ଦୃଶ୍ୟ ଆସୁଛି ଯାହା ଭକ୍ତ ସମାଜକୁ ବ୍ୟଥିତ କରୁଛି। ପରିକ୍ରମା ମାର୍ଗ ଭିତରେ ଜଣେ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଉତ୍ପାତ କରିବାର ଚିତ୍ର ଶୁକ୍ରବାର ସାମ୍ନାକୁ ଆସିଛି। ଏହି ବ୍ୟକ୍ତିଜଣଙ୍କ ହେଲେ, ସନ୍ତୋଷ କୁମାର ଓରଫ ବାବୁଲା ଶତପଥୀ (୪୮)। ତାଙ୍କ ଘର ପୁରୀ ମାର୍କଣ୍ଡେଶ୍ୱର ସାହିରେ। ତାଙ୍କ ନାମରେ ପୁଲିସ ମାମଲା ରୁଜୁ କରିଛି। ସମ୍ପୃକ୍ତ ବ୍ୟକ୍ତି ପରିକ୍ରମା ମାର୍ଗ ଭିତରେ ନିଶାଗ୍ରସ୍ତଙ୍କ ଭଳି ଆଚରଣ କରିଥିଲେ। ଚାଲିବା ବେଳେ ତାଙ୍କ ଗୋଡ଼ ଠିକ୍ ଭାବେ ପଡୁ ନ ଥିଲା। ଏପରିକି ସେ ତଳେ ପଡ଼ିଯାଉଥିଲେ। ତାଙ୍କ ପାଖ ଦେଇ ମହିଳା, ପୁରୁଷ ଶ୍ରଦ୍ଧାଳୁମାନେ ଯା'ଆସ କରୁଥିଲେ। ସେ ଯେଉଁ ଢଙ୍ଗରେ ତଳେ ପଡ଼ି ଭକ୍ତଙ୍କୁ ଅନାଉଥିଲେ, ତାହାକୁ ଦେଖି ଅନ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦେଲେ

**ରାଇରଙ୍ଗପୁର/ବହଳଦା, ୧୦।୧୦ (ସମିସ):** ବହଳଦା ଥାନା ଅନ୍ତର୍ଗତ ସାନଦୁଦୁ ଗ୍ରାମ ନିକଟ କୁସୁମଡୁଙ୍ଗୁରୀରୁ ବହଳଦା ପୁଲିସ ଆଜି ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ଉଲଗ୍ନ ଶବ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାଯାଇଛି। କେହି ଦୁର୍ବୃତ୍ତ ଯୁବକଙ୍କ ଗଳା କାଟି ଦେବା ସହ ମୁଣ୍ଡକୁ କୌଣସି ଧାରୁଆ ଅସ୍ତ୍ରରେ ହାଣିଦେଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିଛି ସ୍ଥାନୀୟ ଲୋକ ଆଜି ଶୌଚ ପାଇଁ କୁସୁମ ଡୁଙ୍ଗୁରୀକୁ ଯାଉଥିବା ବେଳେ ଯୁବକଙ୍କ ଶବ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ବହଳଦା ଥାନା ଅଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ସମେତ ପୁଲିସ ସଦଳବଳେ ପହଞ୍ଚି ଛାନଭିନ୍ କରିଥିଲା। ବାରିପଦାରୁ ମଧ୍ୟ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସୂଚନାନୁଯାୟୀ, କୁସୁମଡୁଙ୍ଗୁରି ପଡ଼ୋଶୀ ଝାଡ଼ଖଣ୍ଡର ଦୁମା ଅଞ୍ଚଳକୁ ସଂଯୋଗ କରୁଛି। ଅଞ୍ଚଳଟି ନିଛାଟିଆ କଚା ରାସ୍ତା ହୋଇଥିବାରୁ ଏହା ଅପରାଧୀମାନଙ୍କୁ ସୁହାଉଛି।

## ଦ୍ୱିତୀୟ ବିବାହ କରିଥିବା ଯୁବକଙ୍କୁ ୨ ବର୍ଷ ଜେଲ

**କାକଟପୁର, ୧୦।୧୦ (ସମିସ):** କାକଟପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ବିଚାରପତି ଶ୍ରୀଚନ୍ଦନ ଦାଶ ଆଜି ଦ୍ୱିତୀୟ ବିବାହ କରିଥିବା ଜଣେ ଯୁବକଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଜଣକ ହେଲେ ବାଲିସାହି ଗ୍ରାମର ସୁକାନ୍ତ କାନୁନ୍‌ଗୋ।

# ଇ-ଚାଲାଣ ଜରିମାନାରେ ରିଆତି

- ଆଉ ୭ କ୍ଷେତ୍ର ପାଇଁ କୋହଳ ହେଲା ଜରିମାନା ରାଶି
- ପୂର୍ବରୁ ୧୭ଟି କ୍ଷେତ୍ରରେ ମିଳିଥିଲା ଇ-ଚାଲାଣ ଆଶ୍ୱସ୍ତି

**ଭୁବନେଶ୍ୱର, ୧୦।୧୦ (ସମିସ):** ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ମୋଟା ଅଙ୍କର ଇ-ଚାଲାଣପ୍ରାପ୍ତଙ୍କୁ ରାଜ୍ୟ ପରିବହନ ବିଭାଗ ଆଶ୍ୱସ୍ତି ଦେଇଛି। ଏହି କ୍ରମରେ ପୂର୍ବରୁ ୧୭ଟି କ୍ଷେତ୍ରରେ ନିୟମ ଉଲ୍ଲଂଘନକାରୀଙ୍କୁ ଇ-ଚାଲାଣ ଆଧାରରେ ହୋଇଥିବା ଜରିମାନା ରାଶିକୁ ଅଧା କରି ଦିଆଯାଇଛି। ଏହି କ୍ଷେତ୍ରରେ ଆଜି ଆଉ ୭ଟି କ୍ଷେତ୍ରକୁ ଯୋଡ଼ି ଦିଆଯାଇଛି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ବିନା ବୈଧ ଲାଇସେନ୍ସ କିମ୍ବା ଅତିରିକ୍ତ ଯାତ୍ରୀ ନେଇ ଗାଡ଼ି ଚଳାଇବା କାରଣରୁ ୫,୦୦୦ଟଙ୍କା ଚାଲାଣ ହୋଇଥିଲେ, ୨୫୦୦ ଟଙ୍କାରେ ଏହାର ଫଇସଲା କରାଯାଇପାରିବ। ସେହିପରି ସିଟ୍ ବେଲ୍ଟ ବିନା ଯାତ୍ରା କିମ୍ବା ବାଇକ୍‌ରେ ଅଧିକ ଯାତ୍ରୀ ନେବା କାରଣରୁ ୧,୦୦୦ ଟଙ୍କା ଚାଲାଣ ହୋଇଥିଲେ ୫୦୦ ଟଙ୍କା, ଏବଂ ବିନା ହେଲମେଟରେ ଗାଡ଼ି ଚଳାଇବା କାରଣରୁ ୧,୦୦୦ ଟଙ୍କା ଚାଲାଣ ହୋଇଥିଲେ ୫୦୦ ଟଙ୍କାକୁ କମାଇ ଦିଆଯାଇଛି। ଏହାସହ, ଜରୁରୀକାଳୀନ ଗାଡ଼ିକୁ ରାସ୍ତା ନ ଦେବା କାରଣରୁ ୧୦,୦୦୦ଟଙ୍କା ଜରିମାନା ହୋଇଥିଲେ ୫,୦୦୦ ଟଙ୍କା, ଏବଂ ବିନା ବୀମାରେ ଗାଡ଼ି ଚଳାଇବା କାରଣରୁ ୨,୦୦୦ ଟଙ୍କା ଜରିମାନା ହୋଇଥିଲେ ୧,୦୦୦ ଟଙ୍କା ପୈଠ କରିବାକୁ କୁହାଯାଇଛି।

ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଯେଉଁ ପରିମାଣରେ ଇ-ଚାଲାଣ କଟାଯାଇଛି ତାହାକୁ ପ୍ରାୟ ଅଧା କରିଦିଆଯାଇଥିବା ବେଳେ ଏହାକୁ ଆସନ୍ତା ୬ ମାସ ମଧ୍ୟରେ ଫଇସଲା ପାଇଁ ନିୟମ ଉଲ୍ଲଂଘନକାରୀଙ୍କୁ ସୁଯୋଗ ଦିଆଯାଇଛି। ଗତ ସେପ୍ଟେମ୍ବର ମାସରେ ପ୍ରଥମ ନିର୍ଦ୍ଦେଶନାମାରେ ୧୭ ଟି କ୍ଷେତ୍ରରେ ଏହି ଜରିମାନା ରାଶି କୋହଳ କରାଯାଇଥିଲା। ମାତ୍ର ମୁଖ୍ୟତଃ ହେଲମେଟ୍ ନ ପିନ୍ଧିବା, ସିଟ୍‌ବେଲ୍ଟ ନ ବାନ୍ଧିବା ଓ ବାଇକରେ ୩ ଜଣ ଯିବା ଓ ବିନା ବୈଧ ଲାଇସେନ୍ସରେ ଗାଡ଼ି ଚଳାଇବା ଯୋଗୁଁ ଅଧିକାଂଶ ଇ-ଚାଲାଣର ଶିକାର ହୋଇଛନ୍ତି। ତେଣୁ ବିଭାଗ ପକ୍ଷରୁ ଏହି ନିୟମ ଉଲ୍ଲଂଘନ ପାଇଁ ମଧ୍ୟ କୋହଳ ମନୋଭାବ ପୋଷଣ କରାଯାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ କରାଯାଇଥିବା ଅନେକ ଇ-ଚାଲାଣ ବକେୟା ପଡ଼ିଛି। ଏହାକୁ 'ଏକକାଳୀନ ସମାଧାନ ଯୋଜନା' ମାଧ୍ୟମରେ ନିୟମ ଖିଲାପକାରୀଙ୍କଠାରୁ ନିର୍ଦ୍ଦିଷ୍ଟ ଜରିମାନା ଆଦାୟ କରାଯାଇ ଏହି ମାମଲାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଜୁଲାଇ ୨୦୨୫ ସୁଦ୍ଧା ଯେଉଁମାନଙ୍କ ନାଁରେ ଜରିମାନା ଗଡୁଛି, ସେମାନେ ଲାଭ ଉଠାଇପାରିବେ ବୋଲି ଦର୍ଶାଯାଇଛି। ଆସନ୍ତା ୬ମାସ ଯାଏ ଏହି ଯୋଜନା ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଦିନକୁ ଦିନ ଇ-ଚାଲାଣ ବଢୁଥିବା କାରଣରୁ ସରକାର ଗତ କ୍ୟାବିନେଟ୍ ବୈଠକରେ 'ଏକକାଳୀନ ସମାଧାନ ଯୋଜନା' ଆଣିଥିଲେ। ଏକ ପରିସଂଖ୍ୟାନ ଅନୁସାରେ, ଏବେ ସୁଦ୍ଧା ୩୧ଲକ୍ଷ ଇ-ଚାଲାଣ ଅନାଦେୟ ପଡ଼ି ରହିଛି। ନୂଆ ନମ୍ବରପ୍ଲେଟ୍ ଓ କ୍ୟାମେରା ଲାଗିବା ଦ୍ୱାରା ଗାଡ଼ିଗୁଡ଼ିକ ଉପରେ ସ୍ୱୟଂଚାଳିତ ଢଙ୍ଗରେ ଜରିମାନା ଲାଗୁ କରାଯାଇପାରୁଛି।

**ପିଲାଙ୍କ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବାକୁ ନିମନ୍ତେ ପରାମର୍ଶ**

## ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ମନା

**ଭୁବନେଶ୍ୱର,୧୦।୧୦(ସମିସ):** ଦେଶର ବିଭିନ୍ନ ସ୍ଥାନରେ ବିଷାକ୍ତ କଫ ସିରଫ ଯୋଗୁଁ ଶିଶୁମାନଙ୍କ ମୃତ୍ୟୁ ପରେ ଓଡ଼ିଶାରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ହେଉଛି। ଏଣୁ ଶୁକ୍ରବାର ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ, ହସ୍ପିଟାଲ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ଚିକିତ୍ସା ବିଶେଷଜ୍ଞ ସଂଘ, ଓଡ଼ିଶା ମେଡିକାଲ ସେବା ସଂଘ ପ୍ରଭୃତିକୁ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ,ସୁଚିନ୍ତିତ ଓ ଯୌକ୍ତିକ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ। ସେଥିପାଇଁ ସବୁବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ। ଅପରପକ୍ଷେ ଶରୀରର ପର୍ଯ୍ୟାୟ ଜଳଯୋଜନ (ଆଡ଼ିକ୍ୟୁଏଟ ହାଇଡ୍ରେସନ), ବିଶ୍ରାମ ଏବଂ ଆନୁସଙ୍ଗିକ ସହାୟତା ଆଦି ଉପରେ ଅଗ୍ରାଧିକାର ଦିଆଯିବା ଦରକାର। ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ଦିଆଯିବା ଉଚିତ୍ ନୁହେଁ। ଏହି ସବୁ ଔଷଧ ମଧ୍ୟ ୫ବର୍ଷରୁ କମ ପିଲାଙ୍କ ପାଇଁ ସୁପାରିଶ ଯୋଗ୍ୟ ନୁହେଁ। ଏପରିକି ୫ବର୍ଷରୁ ଅଧିକ ବୟସ୍କ ପିଲାଙ୍କ ପାଇଁ ଏସବୁ ପ୍ରକାର ଔଷଧ ଉପଯୁକ୍ତ ପରୀକ୍ଷା ନିରୀକ୍ଷା, ସମ୍ପୃକ୍ତ ପିଲାର ସ୍ୱାସ୍ଥ୍ୟ ଅବସ୍ଥାର ସଠିକ୍ ଆକଳନ ଆଦି ପରେ ଡାକ୍ତରଙ୍କ ସିଧାସଳଖ ତତ୍ତ୍ୱାବଧାନରେ କରାଯିବା ଦରକାର। ପିଲା କେତେ ମାତ୍ରାରେ ଔଷଧ କେତେ ଥର ଓ କେତେବେଳେ ଖାଇବ ତାହା ମଧ୍ୟ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ହେବା ଦରକାର।

ଶିଶୁ ରୋଗ ଚିକିତ୍ସା ଓ ଔଷଧ ବଣ୍ଟନ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟମାନଙ୍କୁ ଏହି ପରାମର୍ଶ ଅନୁପାଳନ ନିମନ୍ତେ କୁହାଯାଇଛି।

**Government of Odisha "e" Procurement Notice**

Bid Identification No. TENDER ONLINE SNPR-03 OF 2025-26 O-967

| | | |
|---|---|---|
| 1. | Name of the work | Building Works as per DTCN available in the website www.tendersodisha.gov.in |
| 2. | Total No. of Work | 02 (Two) Nos. |
| 3. | Approximate Estimated Cost | Vary from Rs. 23.57 lakh to Rs. 47.70 lakh |
| 4. | Period of Completion | 6 (Six Calendar months) to 9 (Nine Calendar months) |
| 5. | Period and time of availability of bid document in the portal for bidding | 13.10.2025 at 11.00 AM to 24.10.2025 up to 5.00 PM |
| 6. | Date and time of opening of Tender | 27.10.2025 at 11.00 AM (Technical Bid) & (Financial Bid will be intimated later on) |
| 7. | Name and address of the officer inviting bid | S.E.R.W. Division, Sonepur |

(1) Other details can be seen from detailed notice
(2) Inviting tenders, available in website www.tendersodisha.gov.in
(3) Corrigendum if any shall only be published in the website: www.tendersodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0037/2526

## ଆଜିର ରାଶିଫଳ

**ମେଷ:** ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ ବିତିବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ । ସଫଳତା ପାଇଁ କଠିନ ପରିଶ୍ରମ କରିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପଢ଼ା ପାଇଁ ଅର୍ଥ ନିବେଶ କରିବେ । ଦୂରସ୍ଥାନକୁ ଯାତ୍ରା କରିବେ । ଧାର କରଜରୁ ନିବୃତ୍ତ ରହିବେ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ ।

## ଆଜିର ଇତିହାସ

- ୧୮୫୨- ସିଡ୍‌ନୀ ବିଶ୍ୱବିଦ୍ୟାଳୟର ସ୍ଥାପନା ।
- ୧୯୦୨- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମ ।
- ୧୯୩୬- ପ୍ରଫେସର କ୍ୱିଜ୍ ନାମରେ ରେଡିଓରେ ପ୍ରଥମ କ୍ୱିଜ୍ କାର୍ଯ୍ୟକ୍ରମର ପ୍ରସାରଣ ଆରମ୍ଭ ହେଲା ।
- ୧୯୪୨- ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଜନ୍ମ ।
- ୧୯୪୫- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେଲା ।
- ୧୯୮୭- ଭାରତୀୟ ଶାନ୍ତି ସେନା ଶ୍ରୀଲଙ୍କାରେ ଅପରେସନ୍ ପବନର ଆରମ୍ଭ କଲା ।

## ଆନ୍ତର୍ଜାତିକ ବାଳିକା ଦିବସ



ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ବିରୋଧରେ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି । ବାଳିକାମାନଙ୍କୁ ସେମାନଙ୍କ ଅଧିକାର, ଆହ୍ୱାନ ଏବଂ ସୁଯୋଗ ବିଷୟରେ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଏ । ୧୯ ଡିସେମ୍ବର ୨୦୧୧ରେ ଜାତିସଂଘ ସାଧାରଣ ପରିଷଦରେ ଏହି ଦିବସ ପାଳନ କରାଯିବା ପାଇଁ ଘୋଷଣା କରାଯିବା ପରେ ୨୦୧୨ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା । ଆଜି ବି ବାଳିକାମାନେ ସବୁ କ୍ଷେତ୍ରରେ ଉପେକ୍ଷିତ । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ସମ୍ମୁଖୀନ ହେଉଛନ୍ତି । ଏଣୁ ସେମାନଙ୍କ ପାଇଁ ବି ଏକ ସୁରକ୍ଷିତ ପରିବେଶର ଆବଶ୍ୟକତା ରହିଛି । ଏହା ସହ ବାଲ୍ୟ ବିବାହ, ଭ୍ରୂଣହତ୍ୟା ରୋକିବାର ଆବଶ୍ୟକତା ରହିଛି । ଏହି କଥାକୁ ଗମ୍ଭୀରତାର ସହ ଉପଲବ୍ଧି କରି ମିଳିତ ଜାତିସଂଘ ପକ୍ଷରୁ ବାଳିକାଙ୍କ ସଶକ୍ତୀକରଣ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି । ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ବାଳିକାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଦିଗରେ ସଚେତନ ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ । ଭାରତ ସରକାର ବାଳିକାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ଆରମ୍ଭ କରିଛନ୍ତି । କେବଳ ସରକାର ନୁହେଁ, ଆମ ସମସ୍ତଙ୍କ ଭିତରେ କନ୍ୟା ଶିଶୁଟି ପ୍ରତି ଆନ୍ତରିକ ଭଲପାଇବା ସହ ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନିଜ ନିଜର ଦାୟିତ୍ୱବୋଧତାର ଅଗ୍ରଗତି ଜରୁରି । ତାହେଲେ ଯାଇ ଆଜି ଦିନଟିର ସାର୍ଥକତା ପ୍ରତିପାଦିତ ହେବ । ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତିଟି ଝିଅ କିପରି ପାଠ ପଢ଼ିବେ, ଶିକ୍ଷିତ ହେବେ, ସମାନ ଅଧିକାର ପାଇବା ସହ କିପରି ସମାଜ କଲ୍ୟାଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ସେ ବାବଦରେ ଧ୍ୟାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ।

## ମୃତ୍ୟୁ ପରର ଦୁନିଆ ଦେଖିଥିବା କହିଲେ ଡାକ୍ତର



କଥାରେ ଅଛି, 'ରଖେ ହରି ତ ମାରେ କିଏ' । ଏହାର ଅର୍ଥ ଭଗବାନ ଯାହାକୁ ରକ୍ଷା କରିବାକୁ ଚାହିଁବେ ଅନ୍ୟ କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ । ବିଶ୍ୱରେ ଅନେକ ଲୋକ ମୃତ୍ୟୁକୁ ଅତି ନିକଟରେ ଦେଖି ପୁଣି ଜୀବିତ ରହିଥିବା କଥା ଯୁକ୍ତି ବାଢ଼ନ୍ତି । ଏଭଳି ଏକ ଘଟଣା ବିଷୟରେ ନିକଟରେ ଖୋଦ୍ ଜଣେ ଡାକ୍ତର କହିଛନ୍ତି । ଭାରତୀୟ ବଂଶୋଦ୍ଭବ ରାଜୀବ ପାରତୀ ଏକଦା ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ ବେକର୍ସଫିଲ୍ଡ ହାର୍ଟ ହସ୍‌ପିଟାଲର ମୁଖ୍ୟ ନିଶ୍ଚେତକ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ । ଏକଦା ସେ କିପରି ମୃତ୍ୟୁକୁ ଅତି ନିକଟରେ ଦେଖିଥିଲେ ସେକଥା ନିକଟରେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି । ୨୦୦୮ ମସିହାରେ ତାଙ୍କୁ ୫୧ ବର୍ଷ ହୋଇଥିବାବେଳେ ତାଙ୍କର ମୂତ୍ରାଶୟ କର୍କଟ ଅସ୍ତ୍ରୋପଚାର କରାଯାଇଥିଲା । ଏହିସମୟରେ ହଠାତ୍ ତାଙ୍କର ହୃଦ୍‌ସ୍ପନ୍ଦନ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା । କିଛି ସମୟ ପାଇଁ ସେ ମରି ଯାଇଥିଲେ ବୋଲି କହିଛନ୍ତି । ତାଙ୍କ କହିବାନୁସାରେ, ମୃତ୍ୟୁ ପରେ ସେ ଯନ୍ତ୍ରଣା ଜର୍ଜରିତ କିଛି ଲୋକଙ୍କ ଆର୍ତ୍ତ ଚିତ୍କାର ଶୁଣିଥିଲେ । ଏହି ସମୟରେ ସେ ଏକ ଜଳନ୍ତା ରାସ୍ତାରେ ଥିବାର ଅନୁଭବ କଲେ । ତାଙ୍କୁ ପୋଡ଼ା ମାଂସର ଗନ୍ଧ ଆସିଥିଲା । ଧୂଆଁ ତାଙ୍କ ନାକରେ ଭର୍ତ୍ତି ହୋଇଗଲା । ସେତେବେଳେ ସେ ନର୍କଦ୍ୱାରରେ ଥିବା ପରି ଅନୁଭବ କରିଥିବା କୁହନ୍ତି । ଏହାପରେ ତାଙ୍କୁ ଦୁଇଜଣ ଦେବଦୂତ ମିଳିଥିଲେ । ସେମାନେ ତାଙ୍କୁ ନର୍କରୁ ଏକ ସୁଡ଼ଙ୍ଗ ପରି ଦ୍ୱାର ଦେଇ ଏକ ଅଦ୍ଭୁତ ଓ ସୁନ୍ଦର ସ୍ଥାନକୁ ନେଇଗଲେ । ସେଠାରେ ସେ କେବଳ ଉଜ୍ଜ୍ୱଳ ଆଲୋକ ଦେଖିପାରୁଥିଲେ । ସେହି ଆଲୋକରୁ ଜଣେ ବ୍ୟକ୍ତି ବାହାରି ଡାକ୍ତରଙ୍କୁ କିଛି ପ୍ରଶ୍ନ ପଚାରିଥିବା ସେ କହିଥିଲେ । ସେହିସମୟରେ ସେ ଅସ୍ତ୍ରୋପଚାର ଟେବୁଲ ଉପରେ ନିଜକୁ ପଡ଼ିଥିବାର ମଧ୍ୟ ଦେଖିଥିଲେ । ଏହା ତାଙ୍କର ମୃତ୍ୟୁ ପରର ଜୀବନ ଥିଲା ବୋଲି ଡାକ୍ତର ଜଣକ ଦାବି କରିଛନ୍ତି । ଏହି ଘଟଣା ପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା । ସେ ତାଙ୍କ ଡାକ୍ତରୀ ପେସା ମଧ୍ୟ ଛାଡ଼ିଦେଇଥିଲେ ।

## ଆସିବ 'ବାହୁବଳି ୩'



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଅଭିନୀତ 'ବାହୁବଳି' ଓ 'ବାହୁବଳି ୨'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ଦୁଇଟି ଯାକ ଫିଲ୍ମ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା । ଏବେ ଏହି ଦୁଇଟି ଫିଲ୍ମକୁ ମିଶାଇ ଏସ୍. ଏସ୍. ରାଜମୌଳି 'ବାହୁବଳି: ଦ ଏପିକ୍' ନିର୍ମାଣ କରିଛନ୍ତି । ଏହା ଏଇ ୩୧ରେ ରିଲିଜ୍ ହେବ । ଇତିମଧ୍ୟରେ ଫିଲ୍ମ ନିର୍ମାତା ଶୋଭୁ ୟାର୍ଲାଗଡ୍ଡା 'ବାହୁବଳି ୩'କୁ ନେଇ ଖୁଲାସା କରିଛନ୍ତି । 'ବାହୁବଳି: ଦ ଏପିକ୍'ର ପ୍ରଚାର ସମୟରେ 'ବାହୁବଳି ୩'କୁ ନେଇ କୌଣସି ପ୍ରକାରର ଘୋଷଣା କରାଯିବ ନାହିଁ ବୋଲି ସେ କହିଛନ୍ତି । ଯଦିଓ ଶୋଭୁ ଫିଲ୍ମ ରିଲିଜ୍ କେବେ ହେବ ସେନେଇ କିଛି କହିନାହାନ୍ତି କିନ୍ତୁ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ତେବେ 'ବାହୁବଳି: ଦ ଏପିକ୍'ର ଶେଷରେ ଫିଲ୍ମ ନିର୍ମାତା 'ବାହୁବଳି ୩' ବିଷୟରେ କିଛି ସୂଚନା ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି ।

## ଆମ ବିଦ୍ୟାଳୟ



କ୍ଷମାନିଧି ଭୋଇ


ଆମ ବିଦ୍ୟାଳୟ ଶିକ୍ଷାର ଭଣ୍ଡାର
ଦିଶଇ କେଡ଼େ ସୁନ୍ଦର
ଆମକୁ ଦିଅଇ କେତେ କେତେ ଶିକ୍ଷା
ଅଭୁଲା ତା' ଉପକାର ।
ତା' ପାଖରେ କେତେ ଗୁରୁଜୀ ଗୁରୁମା
ଅଟନ୍ତି ସତେ ଈଶ୍ୱର
ଶିକ୍ଷା ଦେଇଥାନ୍ତି ସେନେହ ସହିତ
ଅଜ୍ଞାନକୁ କରି ଦୂର ।
ବଗିଚା ତାହାର ଆହା କି ସୁନ୍ଦର
ମନ ପ୍ରାଣ ନିଏ ଟାଣି
ସୁରଭିତ ଫୁଲ ସୁଆଦିଆ ଫଳ
ଭରି ରହିଅଛି ପୁଣି ।
ପରଜାପତି ଓ ଭଅଁର ଉଡ଼ନ୍ତି
ଫୁଲେ ଫୁଲେ ଚୁମି ଚୁମି
କେତେ ଆନନ୍ଦରେ ଡେଣାକୁ ମେଲେଇ
ଚାରିଆଡ଼େ ଯାନ୍ତି ଘୂମି ।
କେତେ ବୈଜ୍ଞାନିକ କେତେ ଗାଣିତିକ
କେତେ କେତେ ରାଜନେତା
ଗଢ଼ି ଦେଇଅଛି ବିଦ୍ୟାଳୟ ଏହି
ଦେଖାଇ ତା' ମହାନତା ।
କେତେ ଶାସ୍ତ୍ର ଜ୍ଞାନ କେତେ ତର୍କ ଜ୍ଞାନ
ଇଂରାଜୀ ଓ ଚିତ୍ରାଙ୍କନ
ସାମାଜିକ ପାଠ କେତେ ନାଚ ଗୀତ
ଶିଖିଅଛୁ ତା'ଠୁଁ ପୁଣ ।
ଆହା କି ସୁନ୍ଦର ଆମ ବିଦ୍ୟାଳୟ
ଅଟଇ ଶିକ୍ଷା ମନ୍ଦିର
ମଣିଷ ଗଢ଼ା ଏ କାରଖାନା ପରା
ଆମେ ରତନ ତାହାର ।
ଆମକୁ ଗଢ଼ଇ ମଣିଷ ପରି ସେ
ସେନେହ ଆଦର କରି
ଆସ ଆମେ ତା'ର କରିବା ବିକାଶ
ତନୁ ମନ ପ୍ରାଣ ଭରି ।■

ସାଗୁନପାଲି, ସମ୍ବଲପୁର
ମୋ -୪୩୮୨୯୨୯୩୩





## ବାଇଆ ବସା






ମନୀଷା ପଣ୍ଡା

କି ଦିନ ରାତି ଖରା ବରଷା
ଆନନ୍ଦେ ଝୁଲୁଥାଏ
ଦେଖିଲେ ତା'ର ଟିକି ବସାଟି
ସବୁରି ମନ ପାଏ ।
ଗୋଟେଇ ନେଇ କାଠି କୁଟାକୁ
ଥଣ୍ଟେ ପତର ଚିରି,
ବାୟା ଚଢ଼େଇ ଗଢ଼ଇ ବସା
କେତେ ଯତନ କରି ।
ବସାଟି ତା'ର ଏଡ଼େ ସୁନ୍ଦର
ଧନ୍ୟ ତା' କାରିଗରୀ,
ଟିକି ମୁଣ୍ଡରେ ଗଦାଏ ବୁଦ୍ଧି
ବିହି ଦେଇଛି ଭରି ।
ମାଟିଆ ରଙ୍ଗ ଦେହଟି ତା'ର
ଥଣ୍ଟରେ ପୋକ ଖୁଣ୍ଟି,
ପେଟର ଭୋକ ମେଣ୍ଟାଇ ନିଏ
ଛୁଆଙ୍କୁ ଦିଏ ବାଣ୍ଟି ।
ଝୁଲାମୁଣି ଭଳି ଝୁଲାଇ ବସା
ଭିତରେ ଖୋପ କରି,
ଛୁଆଙ୍କୁ ତା'ର ଅତି ଯତନେ
ଆହାର ଦିଏ ଭରି ।
କଳି କଜିଆ ରାଗ ରୁଷାରୁ
ବାଇଆର କି' ଯାଏ !
ଗଛରେ ଥାଇ ବାଆ ବେଳେ ତା
ବସାରେ ଝୁଲୁଥାଏ ।■

ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ-୮୨୪୯୬୮୬୦୯୩

## ସୁମନ

## ଭାଲୁର ଆଳୁ ଚାଷ



ରମେଶ ଚନ୍ଦ୍ର ଦାଶ

ବିଲୁଆ ଆଳୁ ଚାଷ କରିବା ଦେଖି ବଣରାଇଜର ସମସ୍ତ ପ୍ରାଣୀ ପ୍ରଶଂସା କଲେ । ଏହା ଦେଖି ଭାଲୁ ବି ଆଳୁ ଚାଷ କରିବାକୁ ବାହାରିଲା । ସେ ଦିନେ ସଂଧ୍ୟାରେ ବିଲୁଆ ପାଖରେ ପହଞ୍ଚି ଆଳୁ ଚାଷ ବିଷୟରେ ପଚାରି ବୁଝିଲା । ବିଲୁଆ ବି ଯାହା ଜାଣିଥିଲା ସବୁ କହିଲା । ଶେଷରେ ବିଲୁଆ ଭାଲୁକୁ କହିଲା- ଆଉ ଯାହା ଜାଣିବାର ଅଛି, ଚାଷ ସମୟରେ ନିଜେ ଚେଷ୍ଟାକଲେ ଜାଣିପାରିବ । ଏଥିରେ ଭାଲୁର ମନ ବୁଝିଲା ନାହିଁ । ସେ ବିଲୁଆକୁ କହିଲା- ତୁ ମୋତେ ଅସଲ କଥା ଲୁଚାଉଛୁ । ଆଳୁ ଚାଷ କଲେ ସମସ୍ତେ ମୋତେ ପ୍ରଶଂସା କରିବେ ବୋଲି ତୁ ଈର୍ଷା କରୁଛୁ । ଏତକ କହିବା ସହିତ ଭାଲୁ ନିଜେ ଆଳୁ ଚାଷ କଲା । ମଝିରେ ମଝିରେ ଯାହା ଦରକାର ପଡ଼େ ବିଲୁଆ ପାଖକୁ ଯାଇ ବୁଝେ । ତା'ର ଆଗ୍ରହ ଥିବାରୁ ଆଳୁଚାଷ ଭଲ ହେଲା । ଏହା ଦେଖି ସମସ୍ତେ ପ୍ରଶଂସା କଲେ । ଏପରିକି ନିଜେ ବିଲୁଆ ମଧ୍ୟ ପ୍ରଶଂସା କଲା । ଦିନେ ଭାଲୁ ବିଲୁଆକୁ କହିଲା- ମୋର ବୁଦ୍ଧି ଅଧିକ ଯୋଗୁଁ ମୁଁ ତୋ ଠାରୁ ବଢ଼ିଆ ଆଳୁଚାଷ କଲି । ଏଥିରେ ବିଲୁଆ ଆଶ୍ଚର୍ଯ୍ୟ ହୋଇଗଲା । ସେ ଆଉ କିଛି ନ କହି କହିଲା- ହଁ ହଁ ନିଶ୍ଚୟ । ତୁମେ ତ ବୟସରେ ବଡ଼ । ତୁମର ବୁଦ୍ଧି ବି ଅଧିକ । ତେଣୁ ତୁମ ଆଳୁ ଚାଷ ବଢ଼ିଆ ହୋଇଛି । ମୋର ସେଭଳି କରିବାର ଯୋଗ୍ୟତା ନାହିଁ । ଏହା ଶୁଣି ଭାଲୁର ମନ କୁଣ୍ଢେମୋଟ ହୋଇଗଲା । ବିଲୁଆ ଓ ଭାଲୁର କଥାବାର୍ତ୍ତା ସମୟରେ ଶୁଆଟିଏ ସେଇବାଟେ ଯାଉଥିଲା । ଭାଲୁ ଯେଉଁଦିନ ବିଲୁଆ ପାଖକୁ ଯାଇ ଆଳୁଚାଷ ସମ୍ପର୍କରେ ବୁଝୁଥିଲା, ସେଦିନ ବି ଶୁଆଟି ଗଛ ଡାଳରେ ରହି ସବୁ ଶୁଣିଥିଲା । ସେ ନିଜକୁ ସମ୍ଭାଳି ନ ପାରି ଭାଲୁକୁ କହିଲା- ମଉସା, ତୁମେ ବଡ଼ ଠକ । ତୁମକୁ ଆଳୁଚାଷ ବିଷୟରେ କିଛି ଜଣା ନ ଥିଲା । ବିଲୁଆ ଠାରୁ ଶିଖି ଆଳୁ ଚାଷ କଲ । ସେଥିରେ ବିଲୁଆକୁ ଧନ୍ୟବାଦ ନ ଦେଇ ନିଜକୁ ବୁଦ୍ଧିଆ ବୋଲି କହୁଛ, ଲାଜ ଲାଗୁନାହିଁ । ଏହା ଶୁଣି ଭାଲୁର ମୁହଁ ଶୁଖିଗଲା । ସେ ବିଲୁଆ ପାଖରେ ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କଲା ।■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ- ୯୭୭୭୨୩୮୫୨୨

## ପ୍ରହେଳିକା

ହେମନ୍ତ ଋତୁରେ ସେ ମାସ ଆସେ
ଧର୍ମ ମାସ ବୋଲି ରାଇଜ ହସେ
ବୃନ୍ଦାବତୀ ପାଶେ ବସିକି ଆଈ
ତପ ଜପ କରେ ପ୍ରଭୁଙ୍କୁ ଧ୍ୟାୟୀ
ଶିରୀ ମନ୍ଦିରରେ ହୁଏ ଗହଳି
ବ୍ରତ ପାଳିଥାନ୍ତି ହବିଷିଆଳୀ
ପଞ୍ଚୁକରେ ହୁଏ ଶରତ ରାସ
ଏବେ କୁହ ମିତ ସେ କେଉଁ ମାସ ।


ଉତ୍ତର-କାର୍ତ୍ତିକ ମାସ


ବାରଟିଏ ସିଏ କାର୍ତ୍ତିକ ମାସେ
ସାରା ଶୈବପୀଠ ଗହଳି ଦିଶେ
ସଭିଏଁ କରନ୍ତି ଜଳ ଅର୍ପଣ
ଶିବ କରିଥାନ୍ତି ରିଷ୍ଟ ଖଣ୍ଡନ
ଶୁଭ ବାର ବୋଲି ଖ୍ୟାତ
ଶିବ ପୂଜା କଲେ ପୁଣ୍ୟ ମିଳିଥାଏ
କୁହ ତା'ର ନାମ ମିତ ।

ଉତ୍ତର-ସୋମବାର

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୭୩୪୩୪୬


## କୁନି ହାତରେ ତୁଳି






ଅଦ୍ୱିତା ବିଶ୍ୱାଳ
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର






ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ବିଦ୍ୟାମନ୍ଦିର
ଭୀମଟାଙ୍ଗି
ଭୁବନେଶ୍ୱର





କୀର୍ତ୍ତି କ୍ରିଷ୍ଟା ରାଉତ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ଆରୁଷି ପଟ୍ଟନାୟକ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଶାନ୍ତାସାହି, କେନ୍ଦ୍ରାପଡ଼ା

## ଦ୍ୱିତୀୟ ଟେଷ୍ଟରେ ଜୟସ୍ୱାଲଙ୍କ ଅପରାଜିତ ଶତକ

# ପ୍ରଥମ ଦିନରେ ଭାରତ ୩୧୮/୨

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି)

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କର ଆକ୍ରମଣାତ୍ମକ ୧୭୩ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଛି। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୭ମ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ସାଇ ସୁଦର୍ଶନଙ୍କ ସହ ୧୯୩ ରନ୍ ସଂଗ୍ରହ କରିବା ଫଳରେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୩୧୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୟସ୍ୱାଲଙ୍କ ସହ ଅଧିନାୟକ ଶୁବମନ ଗିଲ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଆଉଟ ହୋଇଥିବା ଦୁଇ ଖେଳାଳିଙ୍କ ମଧ୍ୟରୁ ଓପନର ଲୋକେଶ ରାହୁଲ ୩୮ ଓ ସୁଦର୍ଶନ ୮୭ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ୨ଟି ଯାକ ୱିକେଟ ଅକ୍ତିଆର କରିଥିଲେ। ଟସ୍ ଜିତିଥିବା ଭାରତ ଏଠାରେ ସିରିଜ୍ ସୁଇପ୍ ଲକ୍ଷ୍ୟ ନେଇ ପ୍ରଥମେ ବ୍ୟାଟିଂ କରିଥିଲା। ଅନ୍ୟ ପକ୍ଷରେ କ୍ରମାଗତ କ୍ଲିନ୍ ସୁଇପ୍ ଏଡାଇବା ଲାଗି ୱେଷ୍ଟଇଣ୍ଡିଜ୍ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଅଧିନାୟକ ରୋଷ୍ଟୋନ ଚେଜ୍ କହିଥିଲେ।



ଯଶସ୍ୱୀ ଜୟସ୍ୱାଲ: ୧୭୩*

ଏଠାରେ ଟସ୍ ଜିତିବା ପରେ ଶୁବମନ ଗିଲ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁଇ ଓପନର ଜୟସ୍ୱାଲ ଓ ରାହୁଲ ପ୍ରଥମ ୱିକେଟରେ ୫୮ ରନ୍ ଉଠାଇଥିଲେ। ଏମାନେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ ମଧ୍ୟ ପ୍ରତିପକ୍ଷ ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କ ପ୍ରଥମ ଓଭରରେ ଓଭର ଷ୍ଟେପ୍ କରି ସଟ୍ ମାରିବାକୁ ଚେଷ୍ଟା କରିଥିବା ରାହୁଲ ୩୮ ରନ୍‌ରେ ଷ୍ଟମ୍ପ୍ ଆଉଟ ହୋଇଯାଇଥିଲେ। ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌କୁ ବ୍ରେକ୍ ଥ୍ରୁ ଦେବାରେ ୱାରିକାନ ସମର୍ଥ ହୋଇଥିଲେ। ରାହୁଲଙ୍କ ଆଉଟ ପରେ ଜୟସ୍ୱାଲଙ୍କ ଓ ସାଇ ସୁଦର୍ଶନ ଲଞ୍ଚ୍ ସୁଦ୍ଧା ୧ ୱିକେଟରେ ୯୪ ରନ୍ କରିଥିଲା। ଲଞ୍ଚ୍ ପରେ ଉଭୟ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରି ଉନ୍ନତ ହାରରେ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ସୁଦର୍ଶନ ୫୮ ରନ୍ କରିଥିଲାବେଳେ ଆଉଟ ହେବାର ଏକ ସୁଯୋଗ ଦେଇଥିଲେ। ତାହାକୁ କିନ୍ତୁ ୱେଷ୍ଟଇଣ୍ଡିଜ୍ ହାତଛଡ଼ା କରିଥିଲା। ଯାହା ଫଳରେ ଜୟସ୍ୱାଲ ଓ ସୁଦର୍ଶନଙ୍କ ଭାଗୀଦାରିରୁ ୧୯୩ ରନ୍ ମିଳିଥିଲା। ସୁଦର୍ଶନ ତାଙ୍କ ସ୍ୱଳ୍ପ ଟେଷ୍ଟ କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଜୟସ୍ୱାଲ ୨୬ତମ ଟେଷ୍ଟରେ ୭ମ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ୭ଟି ଶତକ ମଧ୍ୟରେ ସେ ୫ମଥର ଲାଗି ୧୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଡେବ୍ୟୁ ଟେଷ୍ଟରେ ୧୭୧ ରନ୍ ସାମିଲ। ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ଭାରତ ଲାଗି ଚତୁର୍ଥ ସର୍ବାଧିକ ସ୍କୋର କରିଛନ୍ତି। ତାଙ୍କ ପୂର୍ବରୁ ୨୦୦୭ରେ କୋଲକାତା ଟେଷ୍ଟର ପାକିସ୍ତାନ ବିପକ୍ଷରେ ୱାସିମ୍ ଜାଫର ୧୯୨, ୨୦୧୭ ଗଲ ଟେଷ୍ଟର ଶ୍ରୀଲଙ୍କା ବିପକ୍ଷରେ ଶିଖର ଧାୱନ ୧୯୦ ଓ ୨୦୨୪ ଭାଇଜାଗ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ ୧୭୯ ରନ୍ କରିଥିଲେ।

ତୃତୀୟ ସେସନରେ ସୁଦର୍ଶନଙ୍କ ଆଉଟ ହେବା ପରେ ଜୟସ୍ୱାଲଙ୍କ ସହ ଯୋଗ ଦେଇ ଅଧିନାୟକ ଶୁବମନ ଗିଲ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳିଙ୍କ ଡିଫେନ୍ସ ଏତେ ଷ୍ଟ୍ରଙ୍ଗ୍ ହୋଇଥିଲା ଯେ, ୱେଷ୍ଟଇଣ୍ଡିଜ୍ ବୋଲରମାନେ ଆଉଟ କରିବାକୁ ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ଗିଲ ୨୦ ରନ୍ କରି ଜୟସ୍ୱାଲଙ୍କ ସହ ଅପରାଜିତ ରହିଥିଲେ। ସେ ୨୫୩ଟି ବଲ୍‌ର ସାମ୍ନା କରି ୨୨ ଚୌକା ସହ ୧୭୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ କୌଣସି ବୋଲର ଭାରତୀୟ ବ୍ୟାଟରଙ୍କ ଉପରେ ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲେ। କିନ୍ତୁ ୨ରୁ ୩ଟି ସ୍ପେଲ୍‌ରେ ଟାଇଟ ବୋଲିଂ କରି ରନ୍ ସଂଗ୍ରହ ହାର କମାଇଦେଇଥିଲେ। ଦଳର ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କୁ ୨ଟି ଯାକ ଭାରତୀୟ ୱିକେଟ ମିଳିଥିଲା। ରାହୁଲଙ୍କୁ ଆଉଟ କରିବା ଲାଗି ସେ ୮.୪ ଡିଗ୍ରି ଓ ସୁଦର୍ଶନଙ୍କୁ ଏଲବିଡବ୍ଲ୍ୟୁ କରିବାକୁ ୬.୪ ଡିଗ୍ରିରେ ବଲ ଟର୍ଣ୍ଣ କରାଇଥିଲେ। ଏହାକୁ ବାଦ୍ ଦେଲେ ଆଉ କୌଣସି ବଲ ଏତେ ଟର୍ଣ୍ଣ ନେଇ ନ ଥିଲା। ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ଭାରତୀୟ ଦଳ କୌଣସି ଖେଳାଳି ପରିବର୍ତ୍ତନ ନ କରି ଏହି ମ୍ୟାଚ୍ ଖେଳିଥିଲା। କିନ୍ତୁ ୱେଷ୍ଟଇଣ୍ଡିଜ୍ ଦୁଇ ଜଣ ଖେଳାଳି ବଦଳାଇଥିଲା। ବ୍ରାଣ୍ଡନ କିଙ୍ଗ୍‌ଙ୍କ ସ୍ଥାନରେ ଯୁବ ୱିକେଟରକ୍ଷକ ଟେଭିନ ଇମ୍‌ଲାଚ୍ ଏଠାରେ ଡେବ୍ୟୁ କରିଛନ୍ତି। ସେହିପରି ଜୋହାନ ଲେନ୍‌ଙ୍କ ସ୍ଥାନରେ ଆଣ୍ଡରସନ ଫିଲିପ୍‌ଙ୍କୁ ସାମିଲ କରାଯାଇଛି।

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ: ୩୧୮/୨, ୯୦ ଓଭର**
(ଯଶସ୍ୱୀ ଜୟସ୍ୱାଲ-ବ୍ୟାଟିଂ-୧୭୩, ଲୋକେଶ ରାହୁଲ-ଷ୍ଟମ୍ପ୍. ଇମ୍‌ଲାଚ୍ ବୋ.ୱାରିକାନ୍-୩୮, ସାଇ ସୁଦର୍ଶନ-ଏଲ୍‌ବିଡବ୍ଲ୍ୟୁ ବୋ.ୱାରିକାନ୍-୮୭, ଶୁବମନ ଗିଲ-ବ୍ୟାଟିଂ-୨୦, ଅତିରିକ୍ତ-୦)।
**ୱିକେଟ ପତନ**: ୧/୫୮ (ରାହୁଲ), ୨/୨୫୧ (ସୁଦର୍ଶନ)।
**ବୋଲିଂ ବିଶ୍ଳେଷଣ (ୱେଷ୍ଟଇଣ୍ଡିଜ୍)**: ଜେଡେନ ସିଲ୍ସ: ୧୬-୧-୫୯-୦, ଆଣ୍ଡରସନ ଫିଲିପ୍: ୧୩-୨-୪୪-୦, ଜଷ୍ଟିନ ଗ୍ରିଭ୍‌ସ: ୮-୧-୨୬-୦, ଖାରୀ ପିଏରେ: ୨୦-୧-୭୪-୦, ଜୋମେଲ ୱାରିକାନ୍: ୨୦-୩-୬୦-୨, ରୋଷ୍ଟୋନ ଚେଜ୍: ୧୩-୦-୫୫-୦।

## କିଂବଦନ୍ତିଙ୍କ ସହ ସମକକ୍ଷ ହେଲେ ଓପନର୍ ଯଶସ୍ୱୀ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୧୭୩ ରନ୍ କରି କିଂବଦନ୍ତିଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ୧୪୫ ବଲ୍‌ରେ ୭ମ ଟେଷ୍ଟ ଶତକ ହାସଲ କରିଥିବା ଏହି ଯୁବ ଓପନର ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୨୪ ବର୍ଷ ବୟସ ହେବା ପୂର୍ବରୁ ଜୟସ୍ୱାଲ ୭ଟି ଶତକ ହାସଲ କରି ପାକିସ୍ତାନର ଜାଭେଦ୍ ମିଆଁଦାଦ୍, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍, ଇଂଲଣ୍ଡର ଆଲିଷ୍ଟର କୁକ୍ ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କ ସହ ସମକକ୍ଷ ହୋଇଛନ୍ତି। ଏମାନଙ୍କଠାରୁ କେବଳ ୩ଜଣ ଖେଳାଳି ୨୪ ବର୍ଷ ବୟସରେ ଅଧିକ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସେମାନେ ହେଲେ ଡନ୍ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗାରଫିଲ୍ଡ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଯଶସ୍ୱୀ ଜୟସ୍ୱାଲ ଟେଷ୍ଟ ଡେବ୍ୟୁ କରିବା ପରେ ୭ଟି ଶତକ ହାସଲ କରିଥିଲାବେଳେ ତାଙ୍କର ପାର୍ଟନର ହୋଇଥିବା ସମସ୍ତ ଖେଳାଳି ମାତ୍ର ୬ଟି ଶତକ କରିପାରିଛନ୍ତି। ଏହି ସମୟରେ ଇଂଲଣ୍ଡର ବେନ୍ ଡକେଟ ୪ଟି ଶତକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହାଛଡ଼ା ଅନ୍ତର୍ଜାତୀୟ କ୍ରିକେଟରେ ଯଶସ୍ୱୀ ୫୦ତମ ମ୍ୟାଚ୍‌ରେ ୩୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଏହି ରନ୍ ସହ ସେ କେତେ ପରିପକ୍ୱ ହୋଇଛନ୍ତି, ତାହାର ଝଲକ ଏଠାରେ ଦେଇଛନ୍ତି।

■ ମହିଳା ବିଶ୍ୱକପ୍ କ୍ରିକେଟ

## ବାଂଲାର ଶୋଚନୀୟ ପରାଜୟ

ଗୁଆହାଟୀ,୧୦।୧୦(ଏଜେନ୍ସି): ଏଠାରେ ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା ବିଶ୍ୱକପ୍ ମୁକାବିଲାରେ ବାଂଲାଦେଶ ଶୋଚନୀୟ ପ୍ରଦର୍ଶନ କରିଛି। ନ୍ୟୁଜିଲାଣ୍ଡ ପ୍ରଦତ୍ତ ୨୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୨୭ ଓଭର ଖେଳ ଶେଷସୁଦ୍ଧା ବାଂଲାଦେଶ ୭ ୱିକେଟରେ ୭୫ ରନ୍ କରି ପରାଜର ସମ୍ମୁଖୀନ ହୋଇଛି। ଏହି ସମୟରେ ଫାହିମା ଖାତୁନ ୧୯ ଓ ରାବେୟା ଖାନ୍ କୌଣସି ରନ୍ ନକରି ବ୍ୟାଟିଂ କରୁଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୩ ପେସ ବୋଲର ରୋଜ୍‌ମେରୀ ମେୟାର, ଜେସ୍ କେର ଓ ଲିଆ ତାହୁହୁ ୨ଟି ଲେଖାଏଁ ୱିକେଟ ନେଇ ବାଂଲାର ବ୍ୟାଟିଂ ବିପର୍ଯ୍ୟୟ ରଚନା କରିଥିଲେ। ପୂର୍ବରୁ ଅଧିନାୟିକା ସୋଫି ଡିଭାଇନଙ୍କ ୬୩ ଓ ବ୍ରୁକ୍ ହ୍ୟାଲିଡେ'ଙ୍କ ୬୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୨୭ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଜି ବେଟ୍ସ ୨୯ ଓ ମ୍ୟାଡି ଗ୍ରୀନ୍ ୨୫ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ବାଂଲା ପକ୍ଷରୁ ରାବେୟା ଖାନ୍ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

**ଆଜିର ମ୍ୟାଚ୍**
ଇଂଲଣ୍ଡ-ଶ୍ରୀଲଙ୍କା
ଆରମ୍ଭ: ଅପରାହ୍ଣ ୩ଟା
ସ୍ଥାନ: କଲମ୍ବୋ

● ସିକେ ନାଇଡୁ ଟ୍ରଫି

## ସାଇଦୀପଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୧୦।୧୦(ସମିସ): ଆସନ୍ତା ୧୬ ତାରିଖରୁ ୨୩ବର୍ଷରୁ କମ୍ ପୁରୁଷ ସି.କେ ନାଇଡୁ ଟ୍ରଫି ଆରମ୍ଭ ହେବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ୧୫ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଦଳ ଚୟନ କମିଟି ସଦସ୍ୟ ଅବକାଶ ଖଟୁଆ, ୨୩ବର୍ଷରୁ କମ୍ ପୁରୁଷ ଦଳର ମୁଖ୍ୟ କୋଚ୍ ସୁବିତ ବିଶ୍ୱାଳ, ସହକାରୀ କୋଚ୍ ବିଭୂଦତ୍ତ ପଣ୍ଡା ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ସାଇଦୀପ ମହାପାତ୍ର ରାଜ୍ୟ ଦଳର ନେତୃତ୍ୱ ନେବେ। ଓମ ଟି ମୁଣ୍ଡେଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ମିଳିଛି। ଦଳରେ ଆୟୁଷ ସୂତାର, ପାନକଳ ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜଳ ସିଂହ, ଦିନେଶ ମାଝୀ(ୱିକେଟ କିପର), ଆକାଶ ମହାପାତ୍ର(ୱିକେଟ କିପର), ବିମଳ କୁମାର, ମହମ୍ମଦ ଡାନିସ୍, ସୌମ୍ୟ ରଞ୍ଜନ ଲେଙ୍କା, ଆୟୁଷ ବାରିକ, ରିତେଶ ପ୍ରିୟରଞ୍ଜନ, ମହମ୍ମଦ ସୋହେଲ, ଆଶୁତୋଷ ଛୁରିଆ ସ୍ଥାନ ପାଇଛନ୍ତି। ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମରେ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଘରୋଇ ହାଇଦ୍ରାବାଦ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

● ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା

## ପ୍ରଥମ ଦିନରେ ଓଡ଼ିଶାକୁ ୬ ପଦକ



ଭୁବନେଶ୍ୱର,୧୦।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଉତ୍ତରପ୍ରଦେଶର ସାହରଣପୁରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ୩ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ବରିଷ୍ଠ ଫାଇଟିଂରେ ନିରୁପମା ସ୍ୱାଇଁ, ବିଦ୍ୟା ପୃଷ୍ଟି ଓ ପ୍ରିୟଦର୍ଶିନୀ ଘଟୁଆରୀ ରୌପ୍ୟ ପଦକ ହାସଲ କରିଛନ୍ତି।

● ୧୯ ବର୍ଷରୁ କମ୍ ମହିଳା ଟି-୨୦

## ୧୬ ଜଣିଆ ରାଜ୍ୟ ଦଳ ଘୋଷିତ

କଟକ,୧୦।୧୦(ସମିସ): ଅକ୍ଟୋବରୁ ୨୬ରୁ ୧୯ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଆଜି ଓସିଏ ସମ୍ମିଳନୀ କକ୍ଷରେ ମହିଳା ଚୟନ କମିଟି ସଦସ୍ୟା ଶୁଭ୍ରାଂଶୁବାଳା ଭୂୟାଁ ଓ ୧୯ବର୍ଷରୁ କମ୍ ମହିଳା ଦଳ କୋଚ୍ କାଦମ୍ବିନୀ ମହାକୁଡ ଉପସ୍ଥିତ ରହି ରାଜ୍ୟ ଦଳ ଘୋଷଣା କରିଥିଲେ। ଘୋଷିତ ୧୬ଜଣିଆ ଦଳରେ ପ୍ରିୟଙ୍କାରୀ ମୁଦୁଲିଙ୍କୁ ନେତୃତ୍ୱ ଦିଆଯାଇଛି। ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ(ୱିକେଟ କିପର), ଅନୁଷ୍କା ମହାନ୍ତି(ୱିକେଟ କିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପସିତା ପରିଡା, ଯଶମଣି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂହ, ସ୍ୱାତିକା ବେହେରା, ଯୁବଲୀପି ପରିଡ଼ା ଦଳରେ ରହିଛନ୍ତି। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

ସ୍ୱତନ୍ତ୍ର ଭାରତ ଅଲିମ୍ପିକ୍ସ ବାସ୍କେଟବଲ

## ଓଡ଼ିଶା ପୁରୁଷ ଦଳକୁ କାଂସ୍ୟ



ଭୁବନେଶ୍ୱର,୧୦।୧୦(ସମିସ): ସ୍ୱତନ୍ତ୍ର ଭାରତ ଅଲିମ୍ପିକ୍ସରେ ପ୍ରଥମଥର ଆୟୋଜିତ ବାସ୍କେଟବଲ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅକ୍ଟୋବର ୫ରୁ ୯ ତାରିଖଯାଏ ୪ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ୧୮-୪ ପଏଣ୍ଟରେ ପରାସ୍ତ କରିଥିଲା। ଏହା ପରେ ଦଳ ମହାରାଷ୍ଟ୍ରଠାରୁ ୧୨-୧୧ ଓ ପୁଡୁଚେରୀଠାରୁ ୧୪-୪ ପଏଣ୍ଟରେ ପରାଜିତ ହୋଇଥିଲା। ଏଭଳି ଏକ ପ୍ରତିଯୋଗିତାରେ ଓଡ଼ିଶା ପ୍ରଥମଥର ଅଂଶଗ୍ରହଣ କରିଥିଲା। ଭୁବନେଶ୍ୱରର ଦେବାଶିଷ ଏହି ଦଳର ନେତୃତ୍ୱ ନେଇଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ସମସ୍ତ ପ୍ରକାର ସହାୟତା ଯୋଗାଇଦେଇଥିଲେ।

ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ ସିରିଜ୍

## କିସ୍‌ର ଡୁମୁଣି ଭାରତର ଉପଅଧିନାୟିକା

ଭୁବନେଶ୍ୱର,୧୦।୧୦ (ସମିସ): କିସ୍‌ର ଛାତ୍ରୀ ଡୁମୁଣି ମାର୍ଣ୍ଡି ଏସିଆ ରଗ୍‌ବୀ ସେଭେନ୍ସ ସିରିଜ୍ ଲାଗି ଭାରତୀୟ ମହିଳା ଦଳର ଉପଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ପକ୍ଷରୁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ସ୍ଥାନ ପାଇଥିଲାବେଳେ କିସ୍‌ରୁ ୩ଜଣ ରହିଛନ୍ତି। କିସ୍‌ର ଅନ୍ୟ ଦୁଇ ଖେଳାଳି ହେଲେ ତରୁଲତା ନାୟକ ଓ ନିର୍ମାଲ୍ୟ ରାଉତ। ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ ଚତୁର୍ଥ ଓଡ଼ିଆ ଖେଳାଳି ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କାର କଲମ୍ବୋଠାରେ ଏହି ସିରିଜ୍ ଅକ୍ଟୋବର ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଖେଳାଯିବ। କୋଲକାତାର ସାଇ ସେଣ୍ଟରଠାରେ ଅନୁଷ୍ଠିତ ନ୍ୟାସନାଲ କୋଚିଂ କ୍ୟାମ୍ପରେ ଏହି ଖେଳାଳିମାନେ ପ୍ରଶିକ୍ଷଣ ନେଇଥିଲେ। ଭାରତ ଲାଗି ମନୋନୀତ ସମସ୍ତ ଖେଳାଳିଙ୍କୁ କିଟ୍ ତଥା କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ନିର୍ମାଲ୍ୟ ରାଉତ, ଡୁମୁଣି ମାର୍ଣ୍ଡି ଓ ତରୁଲତା ନାୟକ

# କଳିଙ୍ଗ ଷ୍ଟାଡିୟମରେ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍ ଆଜିଠାରୁ

ଭୁବନେଶ୍ୱର, ୧୦।୧୦ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ ଆସନ୍ତାକାଲି ଠାରୁ ଅର୍ଥାତ୍ ଅକ୍ଟୋବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ର ଆୟୋଜନ କରାଯିବ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟନସିପ୍‌ର ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଆୟୋଜିତ ହେଉଛି।

୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପରେ ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କାଜାକିସ୍ତାନ, କିରଗୀଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିୟନସିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଟପ୍ ର୍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଖେଳାଳିମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ରେ ଅଂଶ ଗ୍ରହଣ କରିଛନ୍ତି। ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଳା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି। ଇତି ମଧ୍ୟରେ ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍‌ମାନେ ଆସି ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି। ଖେଳାଳୀମାନେ ପ୍ରତିଯୋଗିତା ପାଇଁ ନିଜର ଅଭ୍ୟାସ ମଧ୍ୟ ଆରମ୍ଭ କରିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ ବିଭାଗ ପକ୍ଷରୁ ସୁନିଶ୍ଚିତ କରାଯାଇଛି। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବୁକ୍ ମାଇ ସୋ (Book My Show) ୱେବ୍ସାଇଟରେ




ମଧ୍ୟ ଟିକେଟ ବୁକିଂ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବୁକ୍ ମାଇ ସୋ (Book My Show) ୱେବସାଇଟକୁ ଯାଇ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଦେଖିବା ପାଇଁ ନିଜର ଟିକେଟ ବୁକ୍ କରିପାରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ।

ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡ଼େଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏନ. ଗଣେଶନ, ଅଲମ୍ପିଆନ୍ ତଥା ପଦ୍ମଶ୍ରୀ ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।

● ଜାତୀୟ ଜୁନିଅର ଆଥଲେଟିକ୍ସ

## ନୀରଜଙ୍କ ରେକର୍ଡ ଭାଙ୍ଗିଲେ ହିମାଂଶୁ



ଭୁବନେଶ୍ୱର,୧୦।୧୦(ସମିସ): ଏସୀୟ ୧୮ ବର୍ଷରୁ କମ୍ ସ୍ୱର୍ଣ୍ଣ ପଦକ ବିଜେତା ହିମାଂଶୁ ଝାକର ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ଆଥଲେଟିକ୍ ଚାମ୍ପିଅନସିପ୍ ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରାଙ୍କ ୧୧ ବର୍ଷର ମିଟ୍ ରେକର୍ଡ ଭାଙ୍ଗିଦେଇଛନ୍ତି। ଆଜି ଅନୁଷ୍ଠିତ କ୍ୱାଲିଫାଇଂ ବିଭାଗରେ ସେ ୭୯.୯୬ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ରେକର୍ଡ ଭାଙ୍ଗିବା ସହ ୨୦୨୬ ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ୨୦୧୪ ବିଜୟୱାଡା ସଂସ୍କରଣରେ ନୀରଜ ୭୬.୫୦ ମିଟରକୁ ଜାଭେଲିନ୍ ଫିଙ୍ଗି ଏହି ରେକର୍ଡର ଅଧିକାରୀ ହୋଇଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS